रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. I NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6
ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନୁ୍ୟାନସ୍ ଅଫ୍ ଏମରଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରୋନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ସମ୍ପଦା ଶୁଳ୍କ ଅଧିନିୟମ, 1953

(1953 ର ଅଧିନିୟମ 34)

(ସମ୍ପଦା ଶୁଳ୍କର ଉଦ୍‌ଗ୍ରହଣ ଓ ଆଦାୟ ନିମିତ୍ତ ଏକ ଅଧିନିୟମ)

[6 ଅକ୍ଟୋବର 1953]

ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲ :—

## ଭାଗ I

## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ସମ୍ପଦା ଶୁଳ୍କ ଅଧିନିୟମ, 1953 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ।

(3) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିର୍ଦ୍ଦିଷ୍ଟ କରିବେ ଏହା ସେହି ତାରିଖରେ ପ୍ରବୃତ୍ତ ହେବ ।

ସଂଜ୍ଞା

2. ଏହି ଅଧିନିୟମରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ,

(1) "ମୂଲ୍ୟାୟନର ଶପଥପତ୍ର" ଅର୍ଥ କୋର୍ଟ ଫିସ ଅଧିନିୟମ, 1870 ର ଧାରା 19 ଙ ଅଧୀନରେ ପ୍ରତିନିଧିତ୍ୱ ମଞ୍ଜୁର କରାଯିବା ନିମିତ୍ତ ଆବେଦନ ସହ କରାଯାଇଥିବା ମୂଲ୍ୟାୟନ ଶପଥପତ୍ର ;

(1କ) "ଅପିଲ ନିୟନ୍ତ୍ରକ" ଅର୍ଥ ଧାରା 4 ଅଧୀନରେ ସମ୍ପଦା ଶୁଳ୍କ ଅପିଲ ନିୟନ୍ତ୍ରକ ଭାବେ ନିଯୁକ୍ତି ହୋଇଥିବା ବ୍ୟକ୍ତି ;

(1ଖ) "ଅପିଲ ଟ୍ରିବ୍ୟୁନାଲ" ଅର୍ଥ ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 5 କ ଅଧୀନରେ ନିଯୁକ୍ତ ଅପିଲ ଟ୍ରିବ୍ୟୁନାଲ ;

(2) "ବୋର୍ଡ" ଅର୍ଥ କେନ୍ଦ୍ର ରାଜସ୍ୱ ବୋର୍ଡ ଅଧିନିୟମ, 1963 ଅଧୀନରେ ଗଠିତ କେନ୍ଦ୍ର ପ୍ରତ୍ୟକ୍ଷ କର ବୋର୍ଡ ;

(3) "କମ୍ପାନି" ଯେ କୌଣସିଠାରେ ନିର୍ଗମିତ ହୋଇଥିବା ଏକ ନିଗମ ନିକାୟକୁ ଅନ୍ତର୍ଗତ କରେ ;

(4) "ନିୟନ୍ତ୍ରିତ କମ୍ପାନି" ଧାରା 17 ରେ ସଂଜ୍ଞାକୃତ ହୋଇଥିବାମତେ ଏକ କମ୍ପାନିକୁ ଅନ୍ତର୍ଗତ କରେ ;

(5) "ନିୟନ୍ତ୍ରକ" ଅର୍ଥ ଧାରା 4 ଅଧୀନରେ ସମ୍ପଦା ଶୁଳ୍କ ନିୟନ୍ତ୍ରକ ଭାବେ ନିଯୁକ୍ତ ହୋଇଥିବା ବ୍ୟକ୍ତି ଏବଂ ସମ୍ପଦା ଶୁଳ୍କ ଉପ ନିୟନ୍ତ୍ରକ ବା ସମ୍ପଦା ଶୁଳ୍କ ସହକାରୀ ନିୟନ୍ତ୍ରକ ଭାବେ ନିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଅନ୍ତର୍ଗତ କରେ ;

(6) "ମୃତବ୍ୟକ୍ତି" ଓ "ମୃତ" ଅର୍ଥ ଏହି ଅଧିନିୟମର ପ୍ରାରମ୍ଭ ପରେ ମରିଥିବା ଜଣେ ବ୍ୟକ୍ତି ;

(7) "ସମ୍ପଦା ଶୁଳ୍କ" ଅର୍ଥ ଏହି ଅଧିନିୟମ ଅଧୀନରେ ସମ୍ପଦା ଶୁଳ୍କ ;

(8) "ଏକଜିକ୍ୟୁଟର" ଅର୍ଥ ମୃତ ବ୍ୟକ୍ତିଙ୍କର ଏକଜିକ୍ୟୁଟର ବା ଆଡ୍‌ମିନିଷ୍ଟ୍ରେଟର ;

(9) ଯେଉଁ କ୍ଷମତା ବା ପ୍ରାଧିକାର ତାହାର ଗ୍ରହୀତାଙ୍କୁ ବା ଅନ୍ୟ ଧାରକଙ୍କୁ ସେ ଉପଯୁକ୍ତ ମନେ କରିବାମତେ ସମ୍ପତ୍ତି ନିୟତ ବା ବ୍ୟୟନିତ କରିବାକୁ ସକ୍ଷମ କରୁଥାଏ ହୁଏତ ସେହି କ୍ଷମତା ବା ପ୍ରାଧିକାର ଜୀବଦ୍ଦଶାର ଲେଖପତ୍ର ଦ୍ୱାରା ବା ଉଇଲ ଦ୍ୱାରା ପ୍ରଯୋଜ୍ୟ ହୋଇଥାଉ ବା ଉଭୟ ଦ୍ୱାରା ହୋଇଥାଉ ତାହା "ସାଧାରଣ କ୍ଷମତା"କୁ ଅନ୍ତର୍ଗତ କରେ ମାତ୍ର ତାଙ୍କଦ୍ୱାରା କରାଯାଇ ନ ଥିବା ଏକ ବ୍ୟୟନ ଅଧୀନରେ ବୈଶ୍ୱାସିକ କ୍ଷମତାରେ ପ୍ରଯୋଜ୍ୟ ହୋଇଥିବା କିମ୍ବା ବନ୍ଧକ ଗ୍ରହୀତା ରୂପେ ପ୍ରଯୋଜ୍ୟ ହେଉଥିବା କୌଣସି କ୍ଷମତାକୁ ଅନ୍ତର୍ଗତ କରେ ନାହିଁ ;

(10) "ଅଭିଭର" ବନ୍ଧକ ଓ ପର୍ଯ୍ୟବସେୟ ପ୍ରଭରକୁ ଅନ୍ତର୍ଗତ କରେ ;

(11) "ପ୍ରତ୍ୟାଶା କରାଯାଉଥିବା ହିତ" ଏକ ସମ୍ପଦା ଅବଶେଷକୁ ବା ପ୍ରତିବର୍ତ୍ତନକୁ ଏବଂ ନିହତ ହୋଇଥାଉ ବା ସମାଶ୍ରିତ ହୋଇଥାଉ ପ୍ରତ୍ୟେକ ଅନ୍ୟ ଭବିଷ୍ୟତ ହିତକୁ ଅନ୍ତର୍ଗତ କରେ, ମାତ୍ର ପଟ୍ଟାର ଅବସାନରେ ପ୍ରତ୍ୟାଶିତ ପ୍ରତିବର୍ତ୍ତନକୁ ଅନ୍ତର୍ଗତ କରେନାହିଁ ;

(12) "ବୈଧ ପ୍ରତିନିଧି" ଅର୍ଥ ଯେଉଁ ବ୍ୟକ୍ତି ଜଣେ ମୃତ ବ୍ୟକ୍ତିଙ୍କର ସମ୍ପଦାର ପ୍ରତିନିଧିତ୍ୱ କରୁଥାନ୍ତି ସେହି ବ୍ୟକ୍ତି ; ଏବଂ

*(i)* ଜଣେ ଏକଜିକ୍ୟୁଟିଭ୍‌କୁ ;

*(ii)* ଏହି ଅଧିନିୟମ ଅଧୀନରେ କୌଣସି ଦାୟିତ୍ୱ ସମ୍ପର୍କରେ ଯେଉଁ ବ୍ୟକ୍ତି ଜଣେ ମୃତ ବ୍ୟକ୍ତିଙ୍କର ସମ୍ପଦାର ବା ତାହାର କୌଣସି ଭାଗ ଦଖଲ କରନ୍ତି ବା ତହିଁରେ ହସ୍ତକ୍ଷେପ କରନ୍ତି ସେହି ବ୍ୟକ୍ତିଙ୍କୁ ଏବଂ

*(iii)* ମୃତବ୍ୟକ୍ତି, ଏକ ହିନ୍ଦୁ ପରିବାରର ସହଦାୟିକ ଥିଲେ ଆପାତତଃ ପରିବାରର ମ୍ୟାନେଜରଙ୍କୁ ଅନ୍ତର୍ଗତ କରେ ;

(12କ) "ଉତ୍ତରଦାୟୀ ବ୍ୟକ୍ତି" ଅର୍ଥ ଏହି ଅଧିନିୟମର ଅର୍ଥାନ୍ତର୍ଗତ ସମ୍ପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଏବଂ ଯେଉଁ ବ୍ୟକ୍ତିଙ୍କର ସମ୍ପର୍କରେ ମୃତ ବ୍ୟକ୍ତିଙ୍କର ସମ୍ପଦାର ମୂଳ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟ ବିଧି ନିଆଯାଇଥାଏ ସେହି ବ୍ୟକ୍ତିଙ୍କୁ ଅନ୍ତର୍ଗତ କରେ ;

(13) "ସମ୍ପତ୍ତି ନିୟତ କରିବାକୁ କ୍ଷମତା" ଅର୍ଥ ସମ୍ପତ୍ତି ଯେଉଁ ବ୍ୟକ୍ତିଙ୍କଠାରେ ବିନିହିତ ହୋଇଥାଏ ସେହି ବ୍ୟକ୍ତି ସମ୍ପତ୍ତିର ମାଲିକ ହୋଇ ନ ଥିଲେ ସମ୍ପତ୍ତିର ବ୍ୟୟନ ଅବଧାରିତ କରିବାକୁ କ୍ଷମତା ;

(14) "ବିହିତ" ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣିତ ନିୟମାବଳୀ ଦ୍ୱାରା ବିହିତ ;

(14କ) ଏକ କମ୍ପାନି ବା ଏକ କେନ୍ଦ୍ର, ରାଜ୍ୟ ବା ପ୍ରାଦେଶିକ ଅଧିନିୟମ ଦ୍ୱାରା ସ୍ଥାପିତ ଏକ କର୍ପୋରେସନ ସମ୍ପର୍କରେ "ପ୍ରଧାନ ଅଫିସର" ଅର୍ଥ ମ୍ୟାନେଜର, ମ୍ୟାନେଜିଂ ଡ଼ାଇରେକ୍ଟର, ମ୍ୟାନେଜିଂ ଏଜେଣ୍ଟ ଏବଂ କମ୍ପାନି ବା କର୍ପୋରେସନର ପରିଚାଳନା ସହ ସଂପୃକ୍ତ ଯେଉଁ ବ୍ୟକ୍ତିଙ୍କ ଉପରେ ନିୟନ୍ତ୍ରଣ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ତାଙ୍କୁ ପ୍ରଧାନ ଅଧିକାରୀ ରୂପେ ବିବେଚନା କରିବାକୁ ତାଙ୍କର ଅଭିପ୍ରାୟର ସୂଚନା ଜାରି କରିଥାନ୍ତି ସେହି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନ୍ତର୍ଗତ କରେ ;

(15) "ସମ୍ପତ୍ତି" ଅସ୍ଥାବର ବା ସ୍ଥାବର ସମ୍ପତ୍ତିରେ କୌଣସି ହିତକୁ ତାହାର ବିକ୍ରୟଲବ୍ଧ ଧନକୁ ଏବଂ ଯେଉଁ ଧନ ବା ବିନିଧାନ ଆପାତତଃ ବିକ୍ରୟଲବ୍ଧ ଧନକୁ ପ୍ରତିନିହିତ କରୁଥାଏ ସେହି ଧନ ବା ବିନିଧାନକୁ ଅନ୍ତର୍ଗତ କରେ, ଆଉ ମଧ୍ୟ କୌଣସି ପଦ୍ଧତିରେ ଏକ ଏକ ପ୍ରକାରରୁ ଅନ୍ୟ ପ୍ରକାରକୁ ପରିବର୍ତ୍ତିତ ହୋଇଥିବା ସମ୍ପତ୍ତିକୁ ଅନ୍ତର୍ଗତ କରେ ।

ସ୍ପଷ୍ଟୀକରଣ—ଜଣେ ବ୍ୟକ୍ତିଙ୍କ ଦ୍ୱାରା ବା ତାଙ୍କର ସହମତି ସହ ବ୍ୟକ୍ତିଗତ ଭାବରେ ତାଙ୍କର ବିରୁଦ୍ଧରେ ବା ଯେଉଁ ସମ୍ପତ୍ତି ସେ ବ୍ୟୟନ କରିବାକୁ କିମ୍ବା ତାଙ୍କ ନିଜର ଫାଇଦା ନିମିତ୍ତ ପ୍ରଭରିତ କରିବାକୁ ବା ଭାରମୁକ୍ତ କରିବାକୁ ସକ୍ଷମ ଥିଲେ ବା ହୋଇ ପାରନ୍ତି ସେହି ସମ୍ପତ୍ତି ବିରୁଦ୍ଧରେ ପ୍ରବର୍ତ୍ତନୀୟ ଋଣ ବା ଅଧିକାରର ସୃଷ୍ଟି ସେହି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟୟନ ବୋଲି ବିବେଚିତ ହେବ ଏବଂ ସେପରି ଏକ ବ୍ୟୟନ ସମ୍ପର୍କରେ ସମ୍ପତ୍ତି ପଦ ସୃଷ୍ଟି କରାଯାଇଥିବା ଋଣ ବା ଅଧିକାରକୁ ଅନ୍ତର୍ଗତ କରିବ ।

ସ୍ପଷ୍ଟୀକରଣ 2—ମୃତ ବ୍ୟକ୍ତିଙ୍କର ହାନି କରି ଏକ ଋଣ ବା ଅନ୍ୟ ଅଧିକାରର ସମାପ୍ତି ଯେଉଁ ବ୍ୟକ୍ତିଙ୍କ ଫାଇଦା ନିମିତ୍ତ ଋଣ ବା ଅଧିକାର ସମାପ୍ତ ହୋଇଥାଏ ସେହି ବ୍ୟକ୍ତିଙ୍କ ଲାଗି ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟୟନ ବୋଲି ବିବେଚିତ ହେବ ଏବଂ ସେପରି ଏକ ବ୍ୟୟନ ସଂପର୍କରେ ''ସଂପତ୍ତି'' ପଦ ଋଣ ବା ଅଧିକାରର ସମାପ୍ତି ଦ୍ୱାରା ପ୍ରଦତ୍ତ ଫାଇଦାକୁ ଅନ୍ତର୍ଗତ କରିବ;

(16) "ମୃତ୍ୟୁରେ ପାରିତ ସଂପତ୍ତି" ହୁଏତ ମୃତ୍ୟୁର ଅବ୍ୟବହିତରେ କିମ୍ବା କୌଣସି ବ୍ୟବଧାନରେ. ହୁଏତ ନିଶ୍ଚିତ ଭାବରେ ବା ସମାଶ୍ରିତ ଭାବରେ ଏବଂ ମୂଳତଃ କିମ୍ବା ମୌଳିକ ପରିସୀମା ଆକାରରେ ପାରିତ ସଂପତ୍ତିକୁ ଅନ୍ତର୍ଗତ କରେ ଏବଂ "ମୃତ୍ୟୁରେ" ଶବ୍ଦଟି "କେବଳ ମୃତ୍ୟୁ ସଂପର୍କରେ ଅଭିନିଶ୍ଚୟ ଯୋଗ୍ୟ ଏକ କାଳାବଧିରେ" ଶବ୍ଦାବଳୀକୁ ଅନ୍ତର୍ଗତ କରେ ;

(17) "ସର୍ବସାଧାରଣ ପୂଣ୍ୟାର୍ଥ" ଭାରତ ରାଜ୍ୟକ୍ଷେତ୍ର ମଧ୍ୟରେ ଦରିଦ୍ର ସେବା, ଶିକ୍ଷା, ଚିକିତ୍ସା ସାହାଯ୍ୟ ଏବଂ କୌଣସି ସର୍ବସାଧାରଣ ଆବଶ୍ୟକ ବସ୍ତୁର ପ୍ରସାରକୁ ଅନ୍ତର୍ଗତ କରେ;

(18) "ପ୍ରତିନିଧିତ୍ୱ" ଅର୍ଥ ଏକ ଉଇଲର ପ୍ରୋବେଟ ବା ପ୍ରଶାସନ ପତ୍ର;

(19) ବ୍ୟବସ୍ଥାପିତ ସଂପତ୍ତି ଅର୍ଥ ଯେଉଁ ସଂପତ୍ତି ଉତ୍ତରାଧିକାର ଆକାରରେ ଜଣେ ବାସ୍ତବ ବା ବୈଧିକ ବ୍ୟକ୍ତିଙ୍କ ପ୍ରତି ବା ନିମିତ୍ତ ନ୍ୟାସ ଆକାରରେ ପରିସୀମିତ ଥାଏ ସେହି ସଂପତ୍ତି, ହୁଏତ ସେହି ବ୍ୟବସ୍ଥାପନ ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ପ୍ରଭାବୀ ହୋଇଥାଉ ବା ପରେ ପ୍ରଭାବୀ ହୋଇଥାଉ ଏବଂ "ବ୍ୟବସ୍ଥାପନ" ଅର୍ଥ ଯେଉଁ ଉତ୍ସର୍ଗ ବା ଦାନ ଦ୍ୱାରା ସଂପତ୍ତି ବ୍ୟବସ୍ଥାପିତ ହୋଇଥାଏ ସେହି ଉତ୍ସର୍ଗ ବା ଦାନ ସମେତ କୌଣସି ବ୍ୟୟନ;

(20) "ମୂଲ୍ୟାଙ୍କକ" ଅର୍ଥ ଧାରା 4 ଅଧୀନରେ ନିଯୁକ୍ତ ଜଣେ ମୂଲ୍ୟାଙ୍କକ

ବ୍ୟାଖ୍ୟା

3. (1) ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ,

(କ) ଜଣେ ବ୍ୟକ୍ତି ସଂପତ୍ତି ବ୍ୟୟନିତ କରିବାକୁ ସକ୍ଷମ ବିବେଚିତ ହେବେ ଯଦି ତାଙ୍କର ଏପରି ଏକ ସଂପଦା ବା ତହିଁରେ ହିତ କିମ୍ବା ଏପରି ସାଧାରଣ କ୍ଷମତା ଥାଏ ଯାହାକି ସେ ବିଧିସକ୍ଷମ ହୋଇଥିଲେ ସେହି ସଂପତ୍ତି ବ୍ୟୟନିତ କରିବାକୁ ସକ୍ଷମ ହୋଇଥାନ୍ତା:

(ଖ) ମୃତବ୍ୟକ୍ତିଙ୍କର ହିତରୁ ପ୍ରଭାବୀ ହୋଇଥିବା ଏକ ବ୍ୟୟନ ତାଙ୍କ ଦ୍ୱାରା ହୋଇଛି ବୋଲି ବିବେଚିତ ହେବ, ତହିଁରେ କୌଣସି ଅନ୍ୟ ବ୍ୟକ୍ତିଙ୍କର ସମ୍ମତି ଆବଶ୍ୟକ ହେଉଥାଉ ବା ହୋଇ ନ ଥାଉ;

(ଗ) ଯେଉଁ ଧନକୁ ଅନ୍ୟ ଜଣେ ବ୍ୟକ୍ତିଙ୍କର ସଂପତ୍ତି ଉପରେ ପ୍ରଭାରିତ କରିବାକୁ ଜଣେ ବ୍ୟକ୍ତିଙ୍କର ସାଧାରଣ କ୍ଷମତା ଥାଏ ସେହି ଧନ, ସେହି ସଂପତ୍ତିରେ ଏକ ହିତ ବୋଲି ବିବେଚିତ ହେବ, ଯେଉଁ ସଂପତ୍ତିକୁ ବ୍ୟୟନିତ କରିବାକୁ ସେହି ବ୍ୟକ୍ତିଙ୍କର କ୍ଷମତା ଥାଏ;

(ଘ) ଜଣେ ବ୍ୟକ୍ତିଙ୍କର ଅଧିବାସ ସେହି ବିଷୟରେ ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925 ର ଉପବନ୍ଧଗୁଡ଼ିକ ତାଙ୍କୁ ପ୍ରଯୁଜ୍ୟ ହୋଇଥିଲା ପରି ଅବଧାରିତ ହେବ ।

(2) ଏହି ଅଧିନିୟମର ଭାଗ 2 ଓ 3ରେ ବ୍ୟୟନିତ ହୋଇଥିବା ହିତର, କରାଯାଇଥିବା ବୀମା ପଲିସିର, କ୍ରୟ କରାଯାଇଥିବା ବା ଉପବନ୍ଧିତ ହୋଇଥିବା ଆନୁଇଟି ବା ଅନ୍ୟ ହିତର, କିମ୍ବା ସଂପତ୍ତିର ଦାନ, ବ୍ୟବସ୍ଥାପନ, ବ୍ୟୟନ ବା ଅନ୍ତରଣର ଉଲ୍ଲେଖ, ଯଥାସ୍ଥିତି, ସେପରି କୌଣସି ହିତ, ପଲିସି, ଆନୁଇଟି, ଦାନ, ବ୍ୟବସ୍ଥାପନ, ବ୍ୟୟନ ବା ଅନ୍ତର୍‌ରଣକୁ ଅନ୍ତର୍ଗତ କରୁଛି ବୋଲି ଅର୍ଥ କରାଯିବ ହୁଏତ ତାହା ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ବ୍ୟୟନିତ, ପ୍ରଭାବୀ, କ୍ରୟ ବା ଉପବନ୍ଧିତ ହୋଇଥାଉ ବା କରାଯାଇଥାଉ ।

(3) ସନ୍ଦେହ ଏଡାଇବାଲାଗି ଏତଦ୍ୱାରା ଘୋଷଣା କରାଯାଉଛି ଯେ ଏହି ଅଧିନିୟମରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସଂପତ୍ତିର ଉଲ୍ଲେଖ ସେହି ବ୍ୟକ୍ତିଙ୍କର ମୃତ୍ୟୁରେ ଯେଉଁ ସଂପତ୍ତି ପାରିତ ହେବ ବୋଲି ବିବେଚିତ ହୋଇଥାଏ ସେହି ସଂପତ୍ତିର ଉଲ୍ଲେଖକୁ ଅନ୍ତର୍ଗତ କରୁଛି ବୋଲି ଅର୍ଥ କରାଯିବ ।

(4) ଧାରା 9, 11 ଓ 33ର ସର୍ବସାଧାରଣ ପୂଣ୍ୟାର୍ଥ ପ୍ରୟୋଜନର କିମ୍ବା 1964 ଏପ୍ରିଲ 1 ତାରିଖ ପୂର୍ବରୁ ବା ପରେ କରାଯାଇଥିବା ଦାନର କିମ୍ବା ଏକ ହିତର, ପ୍ରଭାବୀ କରାଯାଇଥିବା ବା ସହ୍ୟ କରାଯାଇଥିବା ବ୍ୟୟନ ବା ଅବଧାରଣ, ଯେଉଁ ଉଦ୍ଦେଶ୍ୟ ସମଗ୍ର ବା ସାରତଃ ସମଗ୍ର ଭାବରେ ଧର୍ମୀୟ ପ୍ରକୃତିର ହୋଇ ନ ଥାଏ ସେହି ଉଦ୍ଦେଶ୍ୟକୁ ଅନ୍ତର୍ଗତ କରୁନାହିଁ ବୋଲି ଅର୍ଥ କରାଯିବ ।

ସଂପଦା ଶୁଳ୍କ ପ୍ରାଧିକାରୀ ।

4. (1) ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ନିମ୍ନଲିଖିତ ପ୍ରାଧିକାରୀ ରହିବେ,

(କ) ବୋର୍ଡ,

(ଖ) ସଂପଦା ଶୁଳ୍କ ନିୟନ୍ତ୍ରକ,

(ଖଖ) ସଂପଦା ଶୁଳ୍କ ଅପିଲ ନିୟନ୍ତ୍ରକ,

(ଗ) ମୂଲ୍ୟାଙ୍କକ ।

(2) କେନ୍ଦ୍ର ସରକାର ଉପଯୁକ୍ତ ମନେ କରିବା ସଂଖ୍ୟକ ସଂପଦା ଶୁଳ୍କ ନିୟନ୍ତ୍ରକଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ବୋର୍ଡର ନିୟନ୍ତ୍ରଣର ଅଧ୍ୟଧୀନରେ ବୋର୍ଡ ଦ୍ୱାରା ସେମାନଙ୍କୁ ଯେଉଁ ସଂପଦା ବା ଶ୍ରେଣୀର ସଂପଦା ଓ ଅଞ୍ଚଳ ସମନୁଦେଶିତ ହୋଇଥାଏ ସେହି ସଂପଦା ବା ଶ୍ରେଣୀର ସଂପଦା ଓ ଅଞ୍ଚଳ ସଂପର୍କରେ ସେମାନଙ୍କର କୃତ୍ୟ ପାଳନ କରିବେ :

ପରନ୍ତୁ ଏଥିନିମିତ୍ତ ବୋର୍ଡ ଦ୍ୱାରା ଯେଉଁ ନିୟମାବଳୀ ପ୍ରଣୀତ ହୁଏ ସେହି ନିୟମାବଳୀର ଅଧ୍ୟଧୀନରେ ଯେଉଁ ନିୟନ୍ତ୍ରକଙ୍କର ଅଧିକାରିତାର ସ୍ଥାନୀୟ ପରିସୀମା ମଧ୍ୟରେ ମୃତ ବ୍ୟକ୍ତିଙ୍କର ସଂପଦାର କୌଣସି ଭାଗ ଅବସ୍ଥିତ ଥାଏ ସେହି ପ୍ରତ୍ୟେକ ନିୟନ୍ତ୍ରକ ଏହି ଅଧିନିୟମରେ ନିୟନ୍ତ୍ରକଙ୍କୁ ପ୍ରଦତ୍ତ କୌଣସି କ୍ଷମତା ପ୍ରୟୋଗ କରିପାରିବେ :

ପୁନଶ୍ଚ ବୋର୍ଡ, ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏଥିନିମିତ୍ତ ତାହା ଦ୍ୱାରା ବିନିର୍ଦ୍ଦିଷ୍ଟ କୌଣସି ନିୟନ୍ତ୍ରକ, ଏହି ଅଧିନିୟମର ନିୟନ୍ତ୍ରକଙ୍କୁ ପ୍ରଦତ୍ତ ସମଗ୍ର ବା କୌଣସି କ୍ଷମତା କୌଣସି ଅନ୍ୟ ନିୟନ୍ତ୍ରକଙ୍କୁ ବାଦଦେଇ ପ୍ରୟୋଗ କରିପାରିବେ ।

(2କ) କେନ୍ଦ୍ର ସରକାର ଉପଯୁକ୍ତ ମନେ କରିବା ସଂଖ୍ୟକ ସଂପଦା ଶୁଳ୍କ ଅପିଲ ନିୟନ୍ତ୍ରକଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ବୋର୍ଡର ନିୟନ୍ତ୍ରଣର ଅଧ୍ୟଧୀନରେ, ବୋର୍ଡ ଯେଉଁ ସଂପଦା ବା ଶ୍ରେଣୀର ସଂପଦା ବା ଅଞ୍ଚଳ ନିର୍ଦ୍ଦେଶିତ କରେ ସେହି ସଂପଦା ବା ଶ୍ରେଣୀର ସଂପଦା ବା ଅଞ୍ଚଳ ସଂପର୍କରେ ସେମାନଙ୍କର କୃତ୍ୟ ପାଳନ କରିବେ ଏବଂ ଯେଉଁଠାରେ ସେପରି ନିର୍ଦ୍ଦେଶ ସେହି ସଂପଦା ବା ଶ୍ରେଣୀର ସଂପଦା କିମ୍ବା ଅଞ୍ଚଳ ଦୁଇ ବା ଅଧିକ ଅପିଲ ନିୟନ୍ତ୍ରକଙ୍କୁ ସମନୁଦେଶିତ କରିଥାଏ ସେଠାରେ କରାଯିବା କାର୍ଯ୍ୟର ବିତରଣ ବା ବଣ୍ଟନ ସଂପର୍କରେ ବୋର୍ଡ ଯେଉଁ ନିର୍ଦ୍ଦେଶ ଦିଏ ସେମାନେ ସେହି ନିର୍ଦ୍ଦେଶ ଅନୁଯାୟୀ ସେମାନଙ୍କର କୃତ୍ୟ ପାଳନ କରିବେ ।

(3) କେନ୍ଦ୍ର ସରକାର, ଏହି ଅଧିନିୟମର ପ୍ରାରମ୍ଭର ବାର ମାସ ମଧ୍ୟରେ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ମୂଲ୍ୟାଙ୍କକ ରୂପେ କାର୍ଯ୍ୟ କରିବା ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରିବେ ଏବଂ ତାହା ପରେ ସମୟାନୁକ୍ରମେ ଏହା କରିପାରିବେ ଏବଂ ସେହି ବ୍ୟକ୍ତିମାନଙ୍କ ପାରିଶ୍ରମିକ ନିମିତ୍ତ ଏକ ପ୍ରଭାର ହାର ସ୍ଥିର କରିବେ ।

(4) ଲୋକ ସେବା ଓ ପଦରେ ଥିବା ବ୍ୟକ୍ତିମାନଙ୍କ ସେବା ସର୍ତ୍ତ ବିନିୟମିତ କରୁଥିବା କେନ୍ଦ୍ର ସରକାରଙ୍କ ନିୟମାବଳୀ ଓ ଆଦେଶର ଅଧ୍ୟଧୀନରେ ଜଣେ ନିୟନ୍ତ୍ରକ ତାଙ୍କ କର୍ତ୍ତବ୍ୟର ନିଷ୍ପାଦନରେ ତାଙ୍କୁ ସାହାଯ୍ୟ କରିବାକୁ ଆବଶ୍ୟକ ହେବାମତେ ନିଷ୍ପାଦକ ବା ଅମଲଙ୍କୁ ନିଯୁକ୍ତ କରିପାରିବେ ।

(5) ଏହି ମୂଲ୍ୟାଙ୍କକଙ୍କ ଭିନ୍ନ ନିଷ୍ପାଦନରେ ନିୟୋଜିତ ସମସ୍ତ ଅଫିସର ଓ ବ୍ୟକ୍ତି ବୋର୍ଡ ଆଦେଶ, ଅନୁଦେଶ ଓ ନିର୍ଦ୍ଦେଶମାନ ପାଳନ ଓ ଅନୁସରଣ କରିବେ :

ପରନ୍ତୁ ବୋର୍ଡ ଦ୍ୱାରା ସେପରି କୌଣସି ଆଦେଶ, ଅନୁଦେଶ ବା ନିର୍ଦ୍ଦେଶ ଦିଆଯିବ ନାହିଁ ଯାହାକି ଅପିଲକୃତ୍ୟକୁ ପ୍ରୟୋଗରେ ସଂପଦା ଶୁଳ୍କ ଅପିଲ ନିୟନ୍ତ୍ରକଙ୍କ ବିବେକାଧିକାରରେ ହସ୍ତକ୍ଷେପ କରିପାରେ ।

## ଭାଗ II

### ସଂପଦା ଶୁଳ୍କକର ଅଧିରୋପଣ

#### ପ୍ରଭାରର ବିସ୍ତାର

ସଂପଦା ଶୁଳ୍କର ଉଦ୍‌ଗ୍ରହଣ ।

5. (1) ଏହି ଅଧିନିୟମର ପ୍ରାରମ୍ଭ ପରେ ମୃତ୍ୟୁ ବରଣ କରିଥିବା ପ୍ରତେକ ବ୍ୟକ୍ତିଙ୍କ କ୍ଷେତ୍ରରେ, ଏହାପରେ ସ୍ପଷ୍ଟତଃ ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ ଏହି ଅଧିନିୟମର ପ୍ରଥମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟଗୁଡ଼ିକରେ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ତା 1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ସମାବିଷ୍ଟ ହୋଇଥାଏ ସେହି ରାଜ୍ୟକ୍ଷେତ୍ରଗୁଡ଼ିକରେ ଅବସ୍ଥିତ କୃଷି ଭୂମି ସମେତ ବ୍ୟବସ୍ଥାପିତ ହୋଇଥିବା ବା ବ୍ୟବସ୍ଥାପିତ ହୋଇ ନ ଥିବା ସମସ୍ତ ସଂପତ୍ତି ଯାହାକି ସେହି ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ହୁଏ ତାହାର ଏହା ପରେ ଉପବନ୍ଧିତ ହୋଇଥିବାମତେ ଅଭିନିର୍ଣ୍ଣିତ ହୋଇଥିବା ମୂଳ ମୂଲ୍ୟ ଉପରେ ଧାରା 35 ଅନୁଯାୟୀ ସ୍ଥିରୀକୃତ ହେଉଥିବା ହାରରେ "ସଂପଦା ଶୁଳ୍କ" ନାମରେ ଏକ ଶୁଳ୍କ ଉଦ୍‌ଗ୍ରହଣ ଓ ପ୍ରଦାନ କରାଯିବ ।

(2) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଅନ୍ୟ ଯେଉଁ ରାଜ୍ୟଗୁଡ଼ିକ ସଂପର୍କରେ ସେହି ରାଜ୍ୟ ଗୁଡ଼ିକରେ ଅବସ୍ଥିତ କୃଷିଭୂମି ଉପରେ ସଂପଦା ଶୁଳ୍କ ସମ୍ପର୍କରେ ଏହି ଅଧିନିୟମ ଗ୍ରହଣ କରି ସମ୍ବିଧାନର ଅନୁଚ୍ଛେଦ 252 ର ଖଣ୍ଡ (1) ଅଧୀନରେ ସେହି ରାଜ୍ୟଗୁଡ଼ିକରେ ବିଧାନମଣ୍ଡଳଗୁଡ଼ିକ ଦ୍ୱାରା ପ୍ରସ୍ତାବ ଗୃହୀତ ହୋଇଥାଏ ସେହି ରାଜ୍ୟଗୁଡ଼ିକର ନାମ ପ୍ରଥମ ଅନୁସୂଚୀରେ ଯୋଗ କରିପାରିବେ ଏବଂ ସେପରି ଅଧିସୂଚନା ଦିଆଗଲେ ଏହିରୂପେ ଯୁକ୍ତ ହୋଇଥିବା ରାଜ୍ୟଗୁଡ଼ିକ ଉପଧାରା (1) ର ଅର୍ଥାନ୍ତର୍ଗତ ପ୍ରଥମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟଗୁଡ଼ିକ ବୋଲି ବିବେଚିତ ହେବ ।

ଏହି ଅଧିନିୟମ ସଂଶୋଧନ କରୁଥିବା ଅଧିନିୟମଗୁଡ଼ିକର ସଂପଦା ଶୁଳ୍କ ସଂପର୍କରେ ପ୍ରୟୋଗ ।

5କ. (1) ଏହି ଅଧିନିୟମରେ,

*(i)* ବିତ୍ତ ଅଧିନିୟମ, 1954

*(ii)* କରାଧାନ ବିଧି (ଜାମ୍ମୁ ଓ କାଶ୍ମୀର ପ୍ରତି ସଂପ୍ରସାରଣ) ଅଧିନିୟମ, 1954

*(iii)* ନିରସନ ଓ ସଂଶୋଧନ ଅଧିନିୟମ, 1957 ଦ୍ୱାରା କରାଯାଇଥିବା ସଂଶୋଧନଗୁଡ଼ିକ ପ୍ରଯୁଜ୍ୟ ହେବ ଏବଂ ଉପରୋକ୍ତ ପ୍ରତ୍ୟେକ ସଂଶୋଧନ ଅଧିନିୟମ ଦ୍ୱାରା କରାଯାଇଥିବା ସଂଶୋଧନ ଯଥାକ୍ରମେ ଯେଉଁ ତାରିଖରୁ ପ୍ରଭାବୀ ହୋଇଥାଏ ସେହି ତାରିଖରେ ଓ ତାରିଖଠାରୁ ପଶ୍ଚିମ ବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ଥିବା କୃଷିଭୂମି ବ୍ୟତୀତ ମାତ୍ର ଅନ୍ତରିତ ରାଜ୍ୟକ୍ଷେତ୍ରଗୁଡ଼ିକରେ ଥିବା କୃଷିଭୂମି ସମେତ ରାଜ୍ୟଗୁଡ଼ିକରେ ସମାବିଷ୍ଟ ରାଜ୍ୟକ୍ଷେତ୍ରଗୁଡ଼ିକରେ ଅବସ୍ଥିତ କୃଷିଭୂମି ସମ୍ପର୍କରେ ପ୍ରଯୁଜ୍ୟ ହୋଇଛି ବୋଲି ବିବେଚିତ ହେବ :

ପରନ୍ତୁ ଯେଉଁଠାରେ ଉକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କୌଣସିଟିରେ ସମାବିଷ୍ଟ ରାଜ୍ୟକ୍ଷେତ୍ର-ଗୁଡ଼ିକର କୌଣସି ଭାଗ ସମ୍ପର୍କରେ ସମ୍ବିଧାନର ଅନୁଚ୍ଛେଦ 252 ର ଖଣ୍ଡ (1) ଅଧୀନରେ ସଂପୃକ୍ତ ବିଧାନମଣ୍ଡଳର ପ୍ରସ୍ତାବ ଯେଉଁ ତାରିଖରେ ଉକ୍ତ ସଂଶୋଧନଗୁଡ଼ିକ ପୂର୍ବବର୍ତ୍ତୀ ଉପବନ୍ଧ ବଳରେ ଅନ୍ୟଥା ପ୍ରଭାବୀ ହୁଅନ୍ତା ସେହି ତାରିଖରେ ପାସ୍ ହୋଇଥାଏ ସେଠାରେ ଉକ୍ତ ସଂଶୋଧନଗୁଡ଼ିକ ଉକ୍ତ ରାଜ୍ୟକ୍ଷେତ୍ରର ସେହି ଭାଗରେ ଥିବା କୃଷିଭୂମି ଉପରେ ସଂପଦା ଶୁଳ୍କ ସଂପର୍କରେ ଯେଉଁ ତାରିଖରେ ଏହି ଅଧିନିୟମ କୃଷିଭୂମି ସଂପର୍କୀୟ ସଂପଦା ଶୁଳ୍କ ପ୍ରତି ପ୍ରଯୁଜ୍ୟ ହୋଇଥାଏ କେବଳ ସେହି ତାରିଖ ପରେ ପ୍ରଭାବୀ ହୋଇଛି ବୋଲି ବିବେଚିତ ହେବ ।

(2) ସଂପଦା ଶୁଳ୍କ (ସଂଶୋଧନ) ଅଧିନିୟମ, 1958 ଦ୍ୱାରା ଏହି ଅଧିନିୟମରେ କରାଯାଇଥିବା ସଂଶୋଧନଗୁଡ଼ିକ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ଥିବା କୃଷିଭୂମି ବ୍ୟତୀତ ରାଜ୍ୟଗଡ଼ିକରେ ସମାବିଷ୍ଟ ରାଜ୍ୟକ୍ଷେତ୍ରଗୁଡ଼ିକରେ ଅବସ୍ଥିତ କୃଷିଭୂମି ସଂପର୍କରେ ସଂପଦା ଶୁଳ୍କର ଉଦ୍‌ଗ୍ରହଣ ପ୍ରତି ମଧ୍ୟ ପ୍ରଯୁଜ୍ୟ ହେବ ।

(2 କ) ଏହି ଅଧିନିୟମରେ ବା ଅଧିନିୟମ ସଂପର୍କରେ,

*(i)* କେନ୍ଦ୍ର ରାଜସ୍ୱ ବୋର୍ଡ ଅଧିନିୟମ, 1963

*(ii)* ବିତ୍ତ ଅଧିନିୟମ, 1964

*(iii)* କରାଧାନ ବିଧି (ଆଦାୟ କାର୍ଯ୍ୟବିଧିର ସ୍ଥଳୁ ଓ ବୈଧକରଣ) ଅଧିନିୟମ, 1964

(iv) ପ୍ରତ୍ୟକ୍ଷ କର (ସଂଶୋଧନ) ଅଧିନିୟମ, 1964

(v) ବିତ୍ତ ଅଧିନିୟମ, 1965

(vi) ବିତ୍ତ (ସଂ 2) ଅଧିନିୟମ, 1965

(vii) କରାଧାନ ବିଧି (ସଂଶୋଧନ ଓ ବିବିଧ ଉପବନ୍ଧ) ଅଧିନିୟମ, 1965 ଏବଂ

(viii) ବିତ୍ତ ଅଧିନିୟମ, 1966

ଦ୍ୱାରା କରାଯାଇଥିବା ସଂଶୋଧନ ଗୁଡ଼ିକ ପ୍ରଯୁଜ୍ୟ ହେବ ଏବଂ ଉପରୋକ୍ତ ପ୍ରତ୍ୟେକ ଅଧିନିୟମ ଯଥାକ୍ରମେ ଯେଉଁ ତାରିଖରେ ପ୍ରଭବୀ ହୋଇଥାଏ ସେହି ତାରିଖରେ ଓ ତାରିଖଠାରୁ,

(କ) ଗୁଜୁରାଟ, ମାନ୍ଦ୍ରାଜ, ମହାରାଷ୍ଟ୍ର ଓ ରାଜସ୍ଥାନ ରାଜ୍ୟରେ, ଏବଂ

(ଖ) ଉକ୍ତ ସଂଶୋଧନଗୁଡ଼ିକୁ ସଂବିଧାନର ଅନୁଛେଦ 252 ର ଖଣ୍ଡ (କ) ଅଧୀନରେ ଗ୍ରହଣ କରି ପ୍ରସ୍ତାବ ପାରିତ ହେବାପରେ କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏଥି ନିମିତ୍ତ ସେପରି ଅନ୍ୟ ଯେଉଁ ରାଜ୍ୟକୁ ବିନିର୍ଦ୍ଦିଷ୍ଟ କରିଥାନ୍ତି ସେହି ରାଜ୍ୟରେ,

ସମାବିଷ୍ଟ ରାଜ୍ୟକ୍ଷେତ୍ରରେ ଅବସ୍ଥିତ କୃଷି ଭୂମି ସଂପର୍କରେ ସଂପଦା ଶୁଳ୍କ ପ୍ରତି ଲଗୁ ହେବ ।

"(2ଖ) ସଂପଦା ଶୁଳକ (ସଂଶୋଧନ ଅଧିନିୟମ), 1982ର ଧାରା 3ରୁ 6 ଦ୍ୱାରା ଏହି ଅଧିନିୟମରେ ହୋଇଥିବା ସଂଶୋଧନମାନ ମାର୍ଚ୍ଚ ପହିଲ, 1981 ଦିନ ଏବଂ ସେହି ଦିନଠୁ ନିମ୍ନଲିଖିତ ରାଜ୍ୟକ୍ଷେତ୍ରଗୁଡ଼ିକରେ ଥିବା କୃଷିଭୂମି ସଂପର୍କରେ ସଂପଦା ଶୁଳ୍କ ପ୍ରତି ଲଗୁହେବ ଏବଂ ଲଗୁହୋଇଅଛି ବୋଲି ବିବେଚିତ ହେବ,

(କ) ବିହାର, ଗୁଜୁରାଟ, ହରିଆନା, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ତାମିଲନାଡ ରାଜ୍ୟଗୁଡ଼ିକ; ଏବଂ

(ଖ) ସଂବିଧାନର ଅନୁଛେଦ 252ର ଖଣ୍ଡ 1 ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ଦ୍ୱାରା ସେପରି ସଂଶୋଧନ ବା ଉକ୍ତ ସଂଶୋଧନଗୁଡ଼ିକ ସଂପର୍କରେ ଯଥାସ୍ଥିତି, ପ୍ରସ୍ତାବଗୁଡ଼ିକ ଗ୍ରହଣ କରି ପାରିତ ହେବା ପରେ, କେନ୍ଦ୍ର ସରକାର ସେପରି ଅନ୍ୟ ଯେଉଁ ରାଜ୍ୟକୁ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏ ସଂପର୍କରେ ବିନିର୍ଦ୍ଦିଷ୍ଟ କରିବେ ସେହି ସବୁ ରାଜ୍ୟ ।

(2ଗ) ସଂପଦା ଶୁଳ୍କ (ସଂଶୋଧନ) ଅଧିନିୟମ, 1984ର ଧାରା 3 ରୁ 6 ଦ୍ୱାରା ଏହି ଅଧିନିୟମରେ ହୋଇଥିବା ସଂଶୋଧନମାନ ନିମ୍ନଲିଖିତ ରାଜ୍ୟକ୍ଷେତ୍ରଗୁଡ଼ିକରେ ଥିବା କୃଷିଭୂମି ସଂପର୍କରେ ସଂପଦା ଶୁଳ୍କ ପ୍ରତି ଲଗୁ ହେବ–

(କ) ଆସାମ, ବିହାର, ଗୁଜୁରାଟ, ହରିଆନା, ହିମାଚଳପ୍ରଦେଶ, କେରଳ, ମଧ୍ୟପ୍ରଦେଶ ମହାରାଷ୍ଟ୍ର, ମେଘାଳୟ, ଓଡ଼ିଶା ଓ ତାମିଲନାଡୁ ରାଜ୍ୟଗୁଡ଼ିକ ଓ ଉକ୍ତ ଅଧିନିୟମ ରାଷ୍ଟ୍ରପତିଙ୍କ ଠାରୁ ଯେଉଁ ତାରିଖରେ ସମ୍ମତି ପ୍ରାପ୍ତ ହେଲ ସେହି ତାରିଖଠାରୁ ଦୁଇମାସ ପୂରିଯିବା ପରେ ସମସ୍ତ ସଂଘ ରାଜ୍ୟକ୍ଷେତ୍ରଗୁଡ଼ିକ ;

(କକ) 1985 ର ମାର୍ଚ୍ଚ 16 ତାରିଖ ପରେ, ପଞ୍ଜାବ ଓ ତ୍ରିପୁରା ରାଜ୍ୟଗୁଡ଼ିକ; ଏବଂ

(ଖ) ସମ୍ବିଧାନର ଅନୁଛେଦ 252 ର ଖଣ୍ଡ (1) ଅନୁଯାୟୀ ଅନ୍ୟ ଯେଉଁ ରାଜ୍ୟର ବିଧାନମଣ୍ଡଳ ଗୁଡ଼ିକ. ଯଥାସ୍ଥିତି, ସେପରି ସଂଶୋଧନ ବା ଉକ୍ତ ସଂଶୋଧନଗୁଡ଼ିକ ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରି ପାରିତ କରନ୍ତି, ଏପରି ପ୍ରସ୍ତାବ ଗ୍ରହଣ କରିବା ତାରିଖଠାରୁ ଗ୍ରିମାସ ପୂରିଯିବା ପରେ ସେହି ରାଜ୍ୟଗୁଡ଼ିକ ।

(3) ଏହି ଅଧିନିୟମ, ଅନ୍ତରିତ ରାଜ୍ୟକ୍ଷେତ୍ର ଗୁଡ଼ିକରେ ଅବସ୍ଥିତି କୃଷିଭୂମି ସମ୍ପର୍କରେ ସମ୍ପଦା ଶଳକ ଉଦ୍‌ଗ୍ରହଣ ପ୍ରତି ଆଉ ପ୍ରଯୁଜ୍ୟ ହେବ ନାହିଁ ଏବଂ ଉପଧାରା (1) ରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ୱେ 1 ଏପ୍ରିଲ 1959 ରେ ଓ ସେହି ତାରିଖରୁ ଏହି ରୂପେ ରହିତ ହୋଇଛି ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ—"ଅନ୍ତରିତ ରାଜ୍ୟକ୍ଷେତ୍ର" ଅର୍ଥ ଯେଉଁ ରାଜ୍ୟକ୍ଷେତ୍ର 1 ନଭେମ୍ବର 1956 ପରେ ବିହାର ଓ ପଶ୍ଚିମବଙ୍ଗ (ରାଜ୍ୟ କ୍ଷେତ୍ର ଅନ୍ତରଣ) ଅଧିନିୟମ, 1956 ର ଧାରା 3 ର ଉପଧାରା (1) ବଳରେ ପଶ୍ଚିମବଙ୍ଗ ରାଜ୍ୟରେ ଯୁକ୍ତ ହୋଇଥାଏ ସେହି ରାଜ୍ୟକ୍ଷେତ୍ର ।

କୃଷିଭୂମି ସମ୍ବନ୍ଧୀୟ ସମ୍ପଦା ଶୁଳ୍କ ପ୍ରତି ଆଉ ଅଧିନିୟମ ଲଗୁ ହେବ ନାହିଁ ।

5ଖ. ଧାରା 5ରେ ଯାହାକିଛି ରହିଥିବା ସତ୍ତ୍ୱେ, ଏହି ଅଧିନିୟମ କୃଷିଭୂମି ସମ୍ବନ୍ଧୀୟ ସମ୍ପଦା ଶୁଳ୍କର ଉଦ୍‌ଗ୍ରହଣ ପ୍ରତି ଆଉ ଲଗୁ ହେବ ନାହିଁ ।

ସମ୍ପଦା ଶୁଳ୍କର ଉଦ୍‌ଗ୍ରହଣ ବନ୍ଦ ।

5ଗ. ଧାରା 5 ରେ ଯାହାକିଛି ରହିଥିବା ସତ୍ତ୍ୱେ, ଏହି ଅଧିନିୟମ 1985 ର ମାର୍ଚ୍ଚ 16 ତାରିଖରେ ବା ତାହାପରେ (କୃଷିଭୂମି ଭିନ୍ନ ଅନ୍ୟ) ଯେଉଁ ସମ୍ପତ୍ତି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ପାରିତ ହୋଇଥାଏ, ସେହି ସମ୍ପତ୍ତି ସମ୍ବନ୍ଧୀୟ ସମ୍ପଦା ଶୁଳ୍କର ଉଦଗ୍ରହଣ ପ୍ରତି ଆଉ ଲଗୁ ହେବ ନାହିଁ ।

## କେଉଁ ସମ୍ପତ୍ତି ପାରିତ ହୋଇଛି ବୋଲି ବିବେଚିତ ହେବ

ବ୍ୟୟନ କ୍ଷମତା ମଧ୍ୟରେ ଥିବା ସମ୍ପତ୍ତି ।

6. ଯେଉଁ ସମ୍ପତ୍ତି ମୃତ ବ୍ୟକ୍ତି ତାଙ୍କର ମୃତ୍ୟୁ ସମୟରେ ବ୍ୟୟନିତ କରିବାକୁ ସକ୍ଷମ ଥିଲେ ସେହି ସମ୍ପତ୍ତି ତାଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

ମୃତ୍ୟୁରେ ସମାପ୍ତ ହେଉଥିବା ହିତ ।

7. (1) ଏହି ଧାରାର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ ଯେଉଁ ସମ୍ପତ୍ତିରେ ମୃତ ବ୍ୟକ୍ତିଙ୍କର ବା କୌଣସି ଅନ୍ୟ ବ୍ୟକ୍ତିଙ୍କର, ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ସମାପ୍ତ ହେଉଥିବା ଏକ ହିତ ଥାଏ ଯେତିକି ବିସ୍ତାର ପର୍ଯ୍ୟନ୍ତ ସେହି ହିତର ବିଶେଷତଃ ମିତାକ୍ଷର, ମରୁମକ୍କତ୍ତାୟମ ବା ଆଳିୟସାନ୍ତନ ବିଧି ଦ୍ୱାରା ପରିଚାଳିତ ଏକ ହିନ୍ଦୁ ପରିବାରର ଅବିଭକ୍ତ ପାରିବାରିକ ସମ୍ପତ୍ତିରେ ଏକ ସହଦାୟିକ ହିତର ସମାପ୍ତିରେ ଏକ ଫାଇଦା ପ୍ରୋଦ୍‌ଭୂତ ବା ଉଦ୍‌ଭୂତ ହେଉଥାଏ ସେତିକି ବିସ୍ତାର ପର୍ଯ୍ୟନ୍ତ ସେହି ସମ୍ପତ୍ତି ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

(2) ଯଦି ମିତାକ୍ଷର ବିଧି ଦ୍ୱାରା ପରିଚାଳିତ ଏକ ହିନ୍ଦୁ ସହଦାୟିକୀର ଜଣେ ବ୍ୟକ୍ତି ମରିଯାନ୍ତି ତାହାହେଲେ ଉପଧାରା (1) ର ଉପବନ୍ଧମାନ—

(କ) ମୃତ୍ୟୁବେଳକୁ ମୃତ ବ୍ୟକ୍ତିଙ୍କର ବୟସ ଅଠର ବର୍ଷ ପୂର୍ଣ୍ଣ ହୋଇଥିଲା, କିମ୍ବା

(ଖ) ମୃତ୍ୟୁ ସମୟରେ ତାଙ୍କର ବୟସ ଅଠର ବର୍ଷ ପୂର୍ଣ୍ଣ ହୋଇ ନଥିବା ସ୍ଥଳେ ତାଙ୍କର ପିତା ବା ପିତୃପକ୍ଷର ଅନ୍ୟ ପୂର୍ବପୁରୁଷ ତାଙ୍କର ମୃତ୍ୟୁ ସମୟରେ ସେହି ଏକ ପରିବାରର ସହଦାୟୀ ହୋଇ ନ ଥିଲେ, ସହଦାୟୀ ସମ୍ପତ୍ତିରେ ମୃତ ବ୍ୟକ୍ତିଙ୍କର ହିତ ସମ୍ପର୍କରେ ପ୍ରଯୁଜ୍ୟ ହେବ ।

ସ୍ପଷ୍ଟୀକରଣ—ଯେଉଁସ୍ଥଳେ ମୃତବ୍ୟକ୍ତି, ତାହାର ନିଜର ପୃଥକ୍ ସମ୍ପତ୍ତି ଥିବା ଏକ ଉପସହଦାୟିକୀ (ସହଦାୟିକୀ ମଧ୍ୟରେ) ଜଣେ ବ୍ୟକ୍ତି ହୋଇଥାନ୍ତି, ସେହି ସ୍ଥଳେ ଏହି ଉପଧାରାର ଉପବନ୍ଧ ସହଦାୟିକୀ ଓ ଉପସହଦାୟିକୀ ପ୍ରତି ପୃଥକ୍ ଭାବରେ ଲଗୁ ହେବ ।

(3) ଯଦି ମରୁମକ୍କତ୍ତୟମ ଉତ୍ତରାଧିକାର ନିୟମ ଦ୍ୱାରା ପରିଚାଳିତ କୌଣସି ତରୱାଡ଼ ବା ତୱାଜିର ଜଣେ ବ୍ୟକ୍ତି କିମ୍ବା ଆଳିୟସାନ୍ତନ ଉତ୍ତରାଧିକାର ନିୟମ ଦ୍ୱାରା ପରିଚାଳିତ ଏକ କୁଟୁମ୍ବ ବା କଜରୁର ଜଣେ ମରିଯାନ୍ତି ତାହାହେଲେ ମୃତବ୍ୟକ୍ତିଙ୍କର ବୟସ ଅଠର ବର୍ଷ ସମ୍ପୂର୍ଣ୍ଣ ହୋଇ ନଥିଲେ ଉପଧାରା (1) ର ଉପବନ୍ଧଗୁଡ଼ିକ ଯଥାସ୍ଥିତି ତରୱାଡ଼, ତୱାଜି, କୁଟୁମ୍ବ ବା କଜରୁର ସମ୍ପତ୍ତିରେ ମୃତବ୍ୟକ୍ତିଙ୍କର ହିତସମ୍ପର୍କରେ ପ୍ରଯୁଜ୍ୟ ହେବ ନାହିଁ ।

(4) ଯେଉଁ ସମ୍ପତ୍ତିରେ ମୃତବ୍ୟକ୍ତିଙ୍କର ବା କୌଣସି ଅନ୍ୟ ବ୍ୟକ୍ତିଙ୍କର ଏକ ପଦର ଧାରକ କିମ୍ବା କୌଣସି ଦାନର ଫାଇଦା ଗ୍ରହୀତାରୂପେ କିମ୍ବା ଏକ ନିଗମିତ ନିକାୟରୂପେ ହିତ ଥାଏ ସେହି ସମ୍ପତ୍ତି ପ୍ରତି ଉପଧାରା (1) ର ଉପବନ୍ଧଗୁଡ଼ିକ ପ୍ରଯୁଜ୍ୟ ହେବ ନାହିଁ ।

ସ୍ପଷ୍ଟୀକରଣ—ସନ୍ଦେହର ଅପସାରଣ ନିମିତ୍ତ ଏତଦ୍ୱାରା ଘୋଷଣା କରାଯାଇଛି ଯେ ଏକ ସ୍ଥାନର ଧାରକ ଏହି ଉପଧାରାର ଅର୍ଥାନ୍ତର୍ଗତ ଏକ ପଦର ଧାରକ ନୁହନ୍ତି ବା ନିଗମିତ ନିକାୟ ନୁହେଁ ।

**ମୃତ୍ୟୁ କାରଣ ଥାଇ ଦାନ ।**

8. ମୃତ୍ୟୁ ଆସନ୍ନ ଜାଣି କରାଯାଇଥିବା ଦାନରେ ନିଆଯାଇଥିବା ସମ୍ପତ୍ତି ଦାତାଙ୍କର ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ—ଏହି ଧାରାରେ "ମୃତ୍ୟୁଆସନ୍ନ ଜାଣି କରାଯାଇଥିବା ଦାନ"ର ସେହି ଅର୍ଥ ରହିଛି ଯାହାକି ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925 ରେ ଅଛି ।

**ମୃତ୍ୟୁ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ଦାନ ।**

9. (1) ଯେଉଁ ସମ୍ପତ୍ତି ମୃତବ୍ୟକ୍ତିଙ୍କ ମୃତ୍ୟୁର ଦୁଇ ବର୍ଷ ବା ତଦୁର୍ଦ୍ଧ୍ୱ ସମୟ ପୂର୍ବରୁ ସଦ୍‌ଭାବନାରେ ବ୍ୟୟନ ଅଧୀନରେ କରାହୋଇ ପାରି ନଥାନ୍ତା, ସେହି ସମ୍ପତ୍ତି ମୃତବ୍ୟକ୍ତିଙ୍କ ଦ୍ୱାରା ଅନ୍ତରଣ, ପରିଦାନ, ନ୍ୟାସଘୋଷଣା ଉତ୍ତରାଧିକାରୀ ବ୍ୟକ୍ତିମାନଙ୍କଠାରେ ବ୍ୟବସ୍ଥାପନ ଆକାରରେ ବା ଅନ୍ୟରୂପରେ ଜୀବିତ ବ୍ୟକ୍ତିମାନଙ୍କ ମଧ୍ୟରେ ସିଧାସଳଖ ଦାନରୂପେ କାର୍ଯ୍ୟକାରୀ ହେବା ଉଦ୍ଦେଶ୍ୟରେ କରାଯାଇଥିବା ବ୍ୟୟନ ଅଧୀନରେ ନିଆଯାଇଥିଲେ ତାହା ମୃତ୍ୟୁପରେ ପାରିତ ହୋଇଛି ବୋଲି ବିବେଚିତ ହେବ :

ପରନ୍ତୁ ସର୍ବସାଧାରଣ ପୁଣ୍ୟାର୍ଥ ପ୍ରୟୋଜନ ନିମିତ୍ତ କରାଯିବା ଦାନ କ୍ଷେତ୍ରରେ ଏହି କାଳାବଧି ଛ ମାସ ହେବ ।

(2) ଉପଧାରା (1) ର ଉପବନ୍ଧଗୁଡ଼ିକ—

(କ) ବିବାହ ଲାଗି ସର୍ବୋଚ୍ଚ 10 ହଜାର ଟଙ୍କା ମୂଲ୍ୟର ଅଧ୍ୟଧୀନରେ କରାଯାଇଥିବା ଦାନ,

(ଖ) ସର୍ବୋଚ୍ଚ 10 ହଜାର ଟଙ୍କା ମୂଲ୍ୟର ଅଧ୍ୟଧୀନରେ ଯେଉଁ ଦାନ ମୃତବ୍ୟକ୍ତିଙ୍କର ସାଧାରଣ ବ୍ୟୟର ଭାଗ ବୋଲି ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୋଇଥାଏ ସେହି ଦାନ ପ୍ରତି ପ୍ରଯୁଜ୍ୟ ହେବ ନାହିଁ ।

**ଯେକୌଣସି ସମୟରେ କରାଯାଇଥିବା ଦାନ ଯହିଁରେ ଦାତା ସମ୍ପୂର୍ଣ୍ଣତଃ ବାଦ ପଡ଼ି ନଥାନ୍ତି ।**

10. ଯେକୌଣସି ସମୟରେ ଦାନ ଅଧୀନରେ ନିଆଯାଇ ଥିବା ସମ୍ପତ୍ତି ଯେତିକି ବିସ୍ତାର ପର୍ଯ୍ୟନ୍ତ ତାହାର ସଦ୍‌ଭାବନାପୂର୍ଣ୍ଣ ଦଖଲ ଓ ଉପଭୋଗ ଦାତାଙ୍କ ଦ୍ୱାରା ତତ୍‌କ୍ଷଣାତ୍ ଗ୍ରହଣ କରାଯାଇ ନଥାଏ ଓ ତା'ପରେ ଦାତାଙ୍କୁ କିମ୍ବା ସମ୍ବିଦା ଆକାରରେ ବା ଅନ୍ୟଥା ତାହାଙ୍କର କୌଣସି ଫାଇଦା ସମ୍ପୂର୍ଣ୍ଣରୂପେ ବାଦ୍ ଦିଆଯାଇ ରଖାଯାଇଥାଏ ସେତିକି ବିସ୍ତାର ପର୍ଯ୍ୟନ୍ତ ପାରିତ ହୋଇଛି ବୋଲି ବିବେଚିତ ହେବ :

ପରନ୍ତୁ ସେହି ସମ୍ପତ୍ତି ତାହା ଦାନ ତାରିଖଠାରୁ ଉପରୋକ୍ତ ମତେ ସମ୍ପୂର୍ଣ୍ଣ ରୂପେ ବାଦ୍ ଦିଆଯାଇ ରଖାଯାଇ-ନଥିବା କାରଣରୁ କେବଳ ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ, ଯଦି ସଂରକ୍ଷିତ ଫାଇଦାର ସମର୍ପଣ ଦ୍ୱାରା ବା ଅନ୍ୟଥା ତାହା ପରେ ଦାତାଙ୍କର ମୃତ୍ୟୁ ପୂର୍ବେ ଅନ୍ତତଃ ଦୁଇବର୍ଷ ନିମିତ୍ତ ଦାତାଙ୍କୁ ବା ତାଙ୍କର କୌଣସି ଫାଇଦା ସମ୍ପୂର୍ଣ୍ଣରୂପେ ବାଦ ଦିଆଯାଇ ଉପଭୋଗ କରାଯାଇ ଥାଏ ;

ପୁନଶ୍ଚ ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗ୍ନୀଙ୍କୁ ଦିଆଯାଇଥିବା ଏକ ଦାନ ଅଧୀନରେ ନିଆଯାଇଥିବା ଏକ ଗୃହ ବା ତାହାର ଏକ ଭାଗ ଯେଉଁଠାରେ ତହିଁରେ ବାସାଧିକାର ପ୍ରାସଙ୍ଗିକ ବ୍ୟୟନ ଅଧୀନରେ ବା କୌଣସି ସଂପାର୍ଶ୍ୱିକ ବ୍ୟୟନ ଅଧୀନରେ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ସଂରକ୍ଷିତ ବା ସୁନିଶ୍ଚିତ ହୋଇଥାଏ ତାହା ବ୍ୟତିରେକ ତହିଁରେ ଦାତା ବାସ କରୁଥିବା କାରଣରୁ କେବଳ ଦାତାଙ୍କର ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ ।

**ମୃତ୍ୟୁର ପୂର୍ବେ ନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ବ୍ୟୟନିତ ହୋଇଥିବା ପରିସୀମିତ ହିତ ।**

11. (1) ଏହି ଧାରାର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ ଯେଉଁଠାରେ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ହିତ ଦଖଲରେ ଥିବା ଏକ ହିତ ହେବା ପରେ ହୁଏତ ସମର୍ପଣ ବୀମା ବିନିଧାନ ସମପହରଣ ଦ୍ୱାରା ବା କୌଣସି ଅନ୍ୟ ରୀତିରେ (ଯେଉଁ ନିର୍ଦ୍ଦିଷ୍ଟ କାଳାବଧିର ଅବସାନରେ ସେହି ହିତ ରହିତ ହେବା ଲାଗି ପରିସୀମିତ ହୋଇଥାଏ ସେହି ନିର୍ଦ୍ଦିଷ୍ଟ କାଳାବଧିର ଅବସାନ ହୋଇଥିବା ବ୍ୟତିରେକେ) ହୁଏତ ସଂପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ ଏବଂ ହୁଏତ ମୂଲ୍ୟ ନିମିତ୍ତ ବା ମୂଲ୍ୟ ନିଆ ନ ଯାଇ ବ୍ୟୟନିତ ବା ପର୍ଯ୍ୟବସିତ ହୋଇଥାଏ ଏବଂ ସେହି ବ୍ୟୟନ ବା ପର୍ଯ୍ୟବସାନ (ବା ଏକାଧିକ ଥିଲେ ତହିଁରୁ କୌଣସିଟି) ଉପଧାରା (2)ରେ ବାଦ ଦିଆଯାଇ ନ ଥାଏ ତାହାହେଲେ-

(କ) ଯଦି ସେହି ହିତର ଉପରୋକ୍ତ ମତେ କୌଣସି ବ୍ୟୟନ ବା ପର୍ଯ୍ୟବସାନ ହୋଇ ନଥିଲେ ଓ ହିତ ଉପରେ ପ୍ରତ୍ୟାଶିତ ବା ତାହାର ଅଧ୍ୟଧୀନ ହୋଇଥିବା କୌଣସି ହିତର ବ୍ୟୟନ ହୋଇ ନ ଥିଲେ ଯେଉଁ ସମ୍ପତ୍ତିରେ ହିତ ରହିଥାଏ ସେହି ସମ୍ପତ୍ତି ଧାରା 5 ଅଧୀନରେ ମୃତ୍ୟୁରେ ପାରିତ ହୋଇଥାନ୍ତା ତେବେ ସେହି ସମ୍ପତ୍ତି ଏହି ଧାରା ବଳରେ ମୃତ୍ୟୁରେ ପାରିତ ହେବା ସମ୍ପତ୍ତିରେ ସାମଗ୍ରିକ ଭାବରେ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବ : କିମ୍ବା

(ଖ) ଯଦି ସେହି ହିତର ଉପରୋକ୍ତ ମତେ କୌଣସି ବ୍ୟୟନ ବା ପର୍ଯ୍ୟବସାନ ହୋଇ ନ ଥିଲେ ଓ ସେହି ହିତ ଉପରେ ପ୍ରତ୍ୟାଶିତ ବା ତାହାର ଅଧ୍ୟଧୀନ ହୋଇଥିବା କୌଣସି ହିତର ବ୍ୟୟନ ହୋଇ ନ ଥିଲେ ଯେଉଁ ସଂପତ୍ତିରେ ହିତ ରହିଥାଏ ସେହି ସ୍ୱଂପତ୍ତି ଧାରା 7 ବଳରେ ମୃତ୍ୟୁରେ ପାରିତ ହେବା ସଂପତ୍ତିରେ ଏକ ନିର୍ଦ୍ଦିଷ୍ଟ ବିସ୍ତାର ପର୍ଯ୍ୟନ୍ତ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହୋଇଥାନ୍ତା ଯେଉଁ ସଂପତ୍ତିରେ ହିତ ରହିଥାଏ ସେହି ସଂପତ୍ତି ଏହି ଧାରା ବଳରେ ସେତିକି ବିସ୍ତାର ପର୍ଯ୍ୟନ୍ତ ମୃତ୍ୟୁରେ ପାରିତ ହେବା ସଂପତ୍ତିରେ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବ ।

(2) ଯେଉଁଠାରେ ମୃତ୍ୟୁରେ ରହିତ ହେବାକୁ ପରିସୀମିତ ହୋଇଥିବା ଏକ ହିତର ବ୍ୟୟନ ବା ପର୍ଯ୍ୟବସାନ ମୃତ୍ୟୁର ଅନ୍ୟୁନ ଦୁଇ ବର୍ଷ (କିମ୍ବା ତାହା ସର୍ବସାଧାରଣ ପୁଣ୍ୟାର୍ଥ ପ୍ରୟୋଜନ ନିମିତ୍ତ ପ୍ରଭାବୀ ହୋଇଥିଲେ ବା ସହ୍ୟ କରାଯାଇଥିଲେ ମୃତ୍ୟୁର ଅନ୍ୟୁନ ଛଅ ମାସ) ପୂର୍ବରୁ ସଦ୍‌ଭାବନାରେ ପ୍ରଭାବୀ ହୋଇଥାଏ ବା ସହ୍ୟ କରାଯାଇଥାଏ ସେଠାରେ ସେହି ବ୍ୟୟନ ବା ପର୍ଯ୍ୟବସାନ ଏହି ଉପଧାରା ଦ୍ୱାରା ବାଦ ଦିଆଯିବ,—

(କ) ଯଦି ଯେଉଁ ସଂପତ୍ତିରେ ହିତ ରହିଥାଏ ସେହି ସଂପତ୍ତିର ସଦ୍‌ଭାବନାପୂର୍ଣ୍ଣ ଦଖଲ ଓ ଉପଭୋଗ ତାହାର ଅବ୍ୟବହିତ ପରେ ବ୍ୟୟନ ବା ପର୍ଯ୍ୟବସାନ ବଳରେ ବା ପୂର୍ବକ ହକ୍‌ଦାର ହେଉଥିବା ବ୍ୟକ୍ତିଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ ଏବଂ ତାହାପରେ ବ୍ୟୟନ ବା ପର୍ଯ୍ୟବସାନର ଅବ୍ୟବହିତ ପୂର୍ବରୁ ଯେଉଁ ବ୍ୟକ୍ତିଙ୍କର ହିତ ଥାଏ କିମ୍ବା ସଂବିଦା ଦ୍ୱାରା ବା ଅନ୍ୟଥା ଫାଇଦା ଥାଏ ସେହି ବ୍ୟକ୍ତଙ୍କୁ ସଂପୂର୍ଣ୍ଣ ରୂପେ ବାଦ ଦିଆଯାଇ ରଖାଯାଇଥାଏ; କିମ୍ବା

(ଖ) ଆଂଶିକ ପର୍ଯ୍ୟବସାନ କ୍ଷେତ୍ରରେ, ଯଦି ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ବିନିର୍ଦ୍ଦିଷ୍ଟ, ସର୍ତ୍ତଗୁଡ଼ିକ ମୃତବ୍ୟକ୍ତିଙ୍କ ଦ୍ୱାରା ସଂପତ୍ତିର କୌଣସି ଭାଗ ବା କୌଣସି ଫାଇଦା ଯେଉଁ ଦଲିଲ ଅଧୀନରେ ତାଙ୍କର ହିତ ଥାଏ ସେହି ଦଲିଲର ଉପବନ୍ଧଗୁଡ଼ିକର ବଳରେ ରଖିବା ବା ଉପଭୋଗ କରାଯିବା ଦ୍ୱାରା ପୂରଣ ହୋଇ ନ ଥାଏ:

ପରନ୍ତୁ ଯେଉଁଠାରେ ଖଣ୍ଡ (କ)ରେ ଉଲ୍ଲିଖିତ ସଂପତ୍ତିର ସଦ୍‌ଭାବନାମୂଳକ ଦଖଲ ବା ଉପଭୋଗ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ହିତର ବ୍ୟୟନ ବା ପର୍ଯ୍ୟବସାନର ଅବ୍ୟବହିତ ପରେ ଗ୍ରହଣ କରାଯାଇ ନଥାଏ ସେହି ବ୍ୟୟନ ବା ପର୍ଯ୍ୟବସାନ ଏହି ଉପଧାରା ଦ୍ୱାରା ବାଦ ଦିଆଯିବ, ଯଦି ସଂରକ୍ଷିତ ଫାଇଦାର ସମର୍ପଣ ଆକାରରେ ବା ଅନ୍ୟଥା ସେହି ସଂପତ୍ତି ଯେଉଁ ବ୍ୟକ୍ତିଙ୍କର ସେହି ବ୍ୟୟନ ବା ପର୍ଯ୍ୟବସାନର ଅବ୍ୟବହିତ ପୂର୍ବରୁ ହିତ ଥିଲା ସେହି ବ୍ୟକ୍ତିଙ୍କୁ ଏବଂ ସଂବିଦା ଦ୍ୱାରା ବା ଅନ୍ୟଥା ତାଙ୍କ ପ୍ରତି ଥିବା ଫାଇଦାରୁ ତାଙ୍କୁ ସଂପୂର୍ଣ୍ଣରୂପେ ବାଦ ଦିଆଯାଇ ପରବର୍ତ୍ତୀ କାଳରେ ମୃତ୍ୟୁର ଅନ୍ୟୁନ ଦୁଇ ବର୍ଷ ପୂର୍ବରୁ ଉପଭୋଗ କରାଯାଇ ଥାଏ:

ପୁନଶ୍ଚ ଯେଉଁଠାରେ ଏକ ଗୃହରେ ବା ତାହାର କୌଣସି ଭାଗରେ ମୃତ୍ୟୁର ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ହିତର ବ୍ୟୟନ ବା ପର୍ଯ୍ୟବସାନ, ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗ୍ନୀଙ୍କ ଲାଗି ପ୍ରଭାବୀ ବା ସହ୍ୟ କରାଯାଇଥାଏ ସେଠାରେ ସେହି ବ୍ୟୟନ ବା ପର୍ଯ୍ୟବସାନ, ଯେଉଁ ବ୍ୟକ୍ତିଙ୍କର ସେହି ବ୍ୟୟନ ବା ପର୍ଯ୍ୟବସାନର ଅବ୍ୟବହିତ ପୂର୍ବରୁ ହିତଥାଏ ସେହି ବ୍ୟକ୍ତି ତହିଁରେ ବାସ କରୁଥିବା ସତ୍ତ୍ୱେ, ଯଦି ତହିଁରେ ସେହି ବ୍ୟକ୍ତିଙ୍କର ବା ପ୍ରାଧିକାର ପ୍ରାସଂଗିକ ବ୍ୟୟନ ଅଧୀନ, କୌଣସି ସାଂପାର୍ଶ୍ୱିକ ବ୍ୟୟନର ଅଧୀନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂରକ୍ଷିତ ବା ସୁନିଶ୍ଚିତ ହୋଇଥାଏ ତାହା ବ୍ୟତିରେକେ ଏହି ଉପଧାରା ଦ୍ୱାରା ବାଦ ଦିଆଯାଇଛି ବୋଲି ବିବେଚିତ ହେବ :

ପୁନଶ୍ଚ ଏହି ଉପଧାରାରେ ଥିବା କିଛି ବିଷୟ ପୂର୍ବବର୍ତ୍ତୀ ଉପଧାରାର ଉପବନ୍ଧଗୁଡ଼ିକ ବଳରେ ଭିନ୍ନ ଅନ୍ୟଥା ଉଦ୍‌ଭୂତ ହେଉଥିବା ସଂପଦା ଶୁଳ୍କ ପ୍ରଭାରକୁ ପ୍ରଭାବଗ୍ରସ୍ତ କରୁଛି ବୋଲି ଅର୍ଥ କରାଯିବ ନାହିଁ ।

(3) ଯେଉଁ କ୍ଷେତ୍ରରେ, ଯେଉଁ ସଂପତ୍ତିରେ ପ୍ରଶ୍ନଭୂତ ହିତ ରହିଥାଏ ସେହି ସଂପତ୍ତି ଉପରେ ଏକ ଅଭିଭାର ସହଯୁକ୍ତ କ୍ରିୟା (ଏହାପରେ ଧାରା 27ରେ ଯେପରି ବର୍ଣ୍ଣିତ ହୋଇଛି) ଦ୍ୱାରା ସୃଷ୍ଟି କରାଯାଇଥାଏ ଯାହାକି ସେହି ହିତର ଏକ ବ୍ୟୟନକୁ ଅନ୍ତର୍ଗତ କରୁଥାଏ ସେହି କ୍ଷେତ୍ରରେ ସେହି ସଂପତ୍ତିର ଉଲ୍ଲେଖ, ଅଭିଭାରରୁ ମୁକ୍ତଥିବା ସେହି ସଂପତ୍ତିର ଉଲ୍ଲେଖ ବୋଲି ଅର୍ଥ କରାଯିବ, ମାତ୍ର ଯେଉଁଠାରେ ସେହି ଅଭିଭାର ଯେଉଁ ଧନ ବା ଧନର ମୂଲ୍ୟ, ସଂପତ୍ତିର ମୂଲ୍ୟ ଅନୁରକ୍ଷିତ ବା ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥାଏ ସେହି ଧନ ବା ଧନର ମୂଲ୍ୟ ଆକାରରେ ପ୍ରତିଫଳ ନିମିତ୍ତ ସୃଷ୍ଟି କରାଯାଇଥାଏ ତାହା ଏଥିରୁ ବାଦ ଯିବ ଏବଂ ସେପରି କ୍ଷେତ୍ରରେ ଯେତିକି ପରିମାଣ ପ୍ରତିଫଳ ଏହି ରୂପେ ପ୍ରୟୋଗ କରାଯାଇଥାଏ ସେହି ପରିମାଣ ଅଭିଭାରର ଅଧ୍ୟଧୀନ ହୋଇଥିବା ସେହି ସଂପତ୍ତିର ଉଲ୍ଲେଖ ବୋଲି ଅର୍ଥ କରାଯିବ ।

(4) ଯେଉଁଠାରେ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ହିତ ବ୍ୟୟନିତ ହୋଇଥାଏ ବା ପର୍ଯ୍ୟବସିତ ହୋଇଥାଏ ସେଠାରେ ସଂପତ୍ତିର ସତଭବନାମୂଳକ ଦଖଲ ଓ ଉପଭୋଗ ଉପଧାରାର (2)ର ଉଦ୍ଦେଶ୍ୟ ନିମିତ୍ତ ତାହାର ଅବ୍ୟବହିତ ପରେ ଗ୍ରହଣ କରାଯାଇଛି ବୋଲି ଏବଂ ଯେଉଁ ବ୍ୟକ୍ତିଙ୍କର ହିତ ଥାଏ ସେହି ବ୍ୟକ୍ତିଙ୍କୁ ଏବଂ ସଂବିଦା ଦ୍ୱାରା ବା ଅନ୍ୟଥା ତାଙ୍କର ଯେଉଁ ଫାଇଦା ଥାଏ ସେହି ଫାଇଦାରୁ ସଂପୂର୍ଣ୍ଣ ରୂପେ ବାଦ ଦିଆଯାଇ ରଖାଯାଇଛି ବୋଲି ବିବେଚିତ ହେବ ନାହିଁ । ଯଦି ତାପରେ କୌଣସି ସମୟରେ ସେହି ବ୍ୟୟନ ବା ପର୍ଯ୍ୟବସାନର ସହଯୁକ୍ତ କୌଣସି କ୍ରିୟା ବଳରେ ତାଙ୍କର କୌଣସି ଫାଇଦା ରହୁଥାଏ କିମ୍ବା ତାଙ୍କର ସେପରି ଫାଇଦା ରହିବା ସମୟରେ ସେହି ସଂପତ୍ତି ଉପଧାରା (2)ର ପ୍ରଥମ ପରନ୍ତୁକର ଉଦ୍ଦେଶ୍ୟ ନିମିତ୍ତ ଉପରୋକ୍ତ ମତେ ସଂପୂର୍ଣ୍ଣ ରୂପେ ବାଦ ଦିଆଯାଇ ଉପଭୋଗ କରାଯାଇଛି ବୋଲି ବିବେଚିତ ହେବ ନାହିଁ ।

(5) ପୂର୍ବବର୍ତ୍ତୀ ଉପଧାରାରେ–

(କ) ବ୍ୟୟନ ସହ ସହଯୁକ୍ତ କୌଣସି କ୍ରିୟାର ଉଲ୍ଲେଖ ଧାରା 27ରେ ନିର୍ଦ୍ଦିଷ୍ଟ ହୋଇଥିବା କୌଣସି ସହଯୁକ୍ତ କ୍ରିୟାର ଉଲ୍ଲେଖ ବୋଲି ଧରାଯିବ ଯହିଁରୁ ସେହି ବ୍ୟୟନ ଗୋଟିଏ ଅଟେ ,ଏବଂ

(ଖ) ପର୍ଯ୍ୟବସାନ ସହଯୁକ୍ତ କୌଣସି କ୍ରିୟାର ଉଲ୍ଲେଖ ଏହି ରୂପେ ପରିଭାଷିତ ହୋଇଥିବା କୌଣସି ସହଯୁକ୍ତ କ୍ରିୟାର ଉଲ୍ଲେଖ ବୋଲି ଧରାଯିବ ଯହିଁରୁ ସେହି ପର୍ଯ୍ୟବସାନ ପରିଣାମରେ ହେଉଥିବା କିମ୍ବା ପର୍ଯ୍ୟବସାନ ଅନୁଧ୍ୟାନ କରି ବା ଉଲ୍ଲେଖ କରି ହୋଇଥିବା କୌଣସି ବ୍ୟୟନ ଏକ ଅଟେ ।

**ସ୍ୱରକ୍ଷଣ ପାଇଁ ବ୍ୟବସ୍ଥାପନ ।**

12. (1) ଯେଉଁ ସଂପତ୍ତି ମୃତବ୍ୟକ୍ତିଙ୍କ ଦ୍ୱାରା ଦଲିଲ ଆକାରରେ କିମ୍ବା ଉଇଲ ରୂପେ ପ୍ରଭାବୀ ହେଉ ନଥିବା କୌଣସି ଅନ୍ୟ ଦଲିଲ ଆକାରରେ କରାଯାଇଥିବା ଏକ ବ୍ୟବସ୍ଥାପନ ଅଧୀନରେ ପାରିତ ହେଉଥାଏ ଯହିଁରେ ସେହି ସଂପତ୍ତିରେ ଜୀବିତ ଥିବାପର୍ଯ୍ୟନ୍ତ ବା ମୃତ୍ୟୁ ସଂପର୍କରେ ପର୍ଯ୍ୟବସେୟ କୌଣସି ଅନ୍ୟ କାଳାବଧି ନିମିତ୍ତ ବ୍ୟବସ୍ଥାପକଙ୍କ ଲାଗି ଏକ ହିତ ସ୍ପଷ୍ଟ ରୂପେ ବା ବିବକ୍ଷିତ ରୂପେ ସଂରକ୍ଷିତ ଥାଏ କିମ୍ବା ଯହିଁରେ ବ୍ୟବସ୍ଥାପକ କୌଣସି କ୍ଷମତା ପ୍ରୟୋଗ କରି ସେହି ସଂପତ୍ତି ତାଙ୍କ ନିକଟକୁ ପ୍ରତ୍ୟାବର୍ତ୍ତିତ କରିବାକୁ ବା ତହିଁରେ ତାଙ୍କର ନିରଙ୍କୁଶ ହିତ ଦାବି କରିବାକୁ ଅଧିକାର ସଂରକ୍ଷିତ କରିଥାନ୍ତି ସେହି ସଂପତ୍ତି ବ୍ୟବସ୍ଥାପକଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ :

ପରନ୍ତୁ ସେପରି କୌଣସି ହିତ ବା ଅଧିକାର, କେବଳ ଏହି ରୂପେ ସଂରକ୍ଷିତ ହୋଇଥିବା କାରଣରୁ ବ୍ୟବସ୍ଥାପକଙ୍କ ମୃତ୍ୟୁରେ ସେହି ସଂପତ୍ତି ପାରିତ ହୋଇଛି ବୋଲି ବିବେଚିତ ହେବ, ଯଦି ସେହି ହିତ ବା ଅଧିକାରର ସମର୍ପଣ ଦ୍ୱାରା ସେହି ସଂପତ୍ତି ପରବର୍ତ୍ତୀ କାଳରେ ବ୍ୟବସ୍ଥାପକଙ୍କ ମୃତ୍ୟୁ ପୂର୍ବେ ଅନ୍ୟୁନ ଦୁଇ ବର୍ଷ ନିମିତ୍ତ ତାଙ୍କୁ ଏବଂ ସଂବିଦା ଦ୍ୱାରା ବା ଅନ୍ୟଥା ତାଙ୍କର ହିତକୁ ସଂପୂର୍ଣ୍ଣ ରୂପେ ବାଦ ଦିଆଯାଇ ଉପଭୋଗ କରାଯାଇଥାଏ :

ପ୍ରନଶ୍ଚ ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗ୍ନୀଙ୍କ ଲାଗି କରାଯାଇଥିବା ସେପରି ଏକ ବ୍ୟବସ୍ଥାପନରେ ସମାବିଷ୍ଟ ଏକ ଗୃହ ବା ତାହାର କୌଣସି ଭାଗ, ତହିଁରେ ବ୍ୟବସ୍ଥାପକ ବାସ କରୁଥିବା କାରଣରୁ ବ୍ୟବସ୍ଥାପକଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ,

ମାତ୍ର ଯେଉଁଠାରେ ବ୍ୟବସ୍ଥାପନ ଅଧୀନରେ ବା କୌଣସି ସାଂପାର୍ଶ୍ୱିକ ବ୍ୟୟନ ଅଧୀନରେ ବ୍ୟବସ୍ଥାପକଙ୍କର ବାସାଧିକାର ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ସଂରକ୍ଷିତ ବା ସୁନିଶ୍ଚିତ ହୋଇଥାଏ ତାହା ଏଥିରୁ ବାଦ ଯିବ ।

ସ୍ପଷ୍ଟୀକରଣ–ନିଜ ଲାଗି ବା ତାଙ୍କର କୌଣସି ସଂପର୍କୀୟଙ୍କ (ଧାରା 27ରେ ପରିଭାଷିତ ହୋଇଥିବା ମତେ) ଭରଣପୋଷଣଲାଗି ବ୍ୟବସ୍ଥାପିତ ସଂପତ୍ତିରେ ଏକ ହିତ ସଂରକ୍ଷିତ କରୁଥିବା ଜଣେ ବ୍ୟବସ୍ଥାପକ ଏହିଧାରାର ମର୍ମାନୁସାରେ ନିଜ ଲାଗି ଏକ ହିତ ସଂରକ୍ଷିତ କରୁଛନ୍ତି ବୋଲି ବିବେଚିତ ହେବ ।

(2) ଉପଧାରା (1) ରେ କିଛି ବିଷୟ ଥିବା ସତ୍ତ୍ୱେ, ଯେଉଁଠାରେ ସଂପତ୍ତି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟ ଏକ ବା ଅଧିକ ବ୍ୟକ୍ତିଙ୍କ ଠାରେ ସେମାନଙ୍କର ନିଜ ନିଜ ଜୀବନ ନିମିତ୍ତ ଏବଂ ସେମାନଙ୍କର ମୃତ୍ୟୁପରେ ବ୍ୟବସ୍ଥାପକଙ୍କ ଠାରେ ତାଙ୍କର ଜୀବନ ନିମିତ୍ତ ଏବଂ ତାପରେ ଅନ୍ୟ ବ୍ୟକ୍ତିମାନଙ୍କଠାରେ ବ୍ୟବସ୍ଥାପିତ ହୋଇଥାଏ ଏବଂ ବ୍ୟବସ୍ଥାପକ ସେହି ସଂପତ୍ତିରେ ତାଙ୍କର ହିତ ତାଙ୍କ ଦଖଲରେ ଥିବା ଏକ ହିତ ହେବା ପୂର୍ବରୁ ମରିଯାନ୍ତି ସେଠାରେ ସେହି ସଂପତ୍ତି ଏହି ଧାରାର ମର୍ମାନୁସାରେ ବ୍ୟବସ୍ଥାପକଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ ।

ମିଳିତ ସନ୍ନିଧାନ ।

13. ଯେଉଁଠାରେ ଜଣେ ବ୍ୟକ୍ତି କୌଣସି ସଂପତ୍ତି ବା ଯେଉଁ ପାର୍ଶ୍ୱରେ କୌଣସି ସଂପତ୍ତି କ୍ରୟ କରଯାଇଥାଏ ସେହି ପାର୍ଶ୍ୱ ପ୍ରତି ନିରଙ୍କୁଶ ଭବରେ ହକଦାର ଥାଇ ତାହାଙ୍କୁ ହୁଏତ ନିଜେ କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ସହ ମିଳିତ ଭବରେ ବା ବ୍ୟବସ୍ଥା ଦ୍ୱାରା ନିଜଠାକୁ ଓ ମିଳିତ ଭାବରେ କୌଣସି ଅନ୍ୟ ବ୍ୟକ୍ତିଙ୍କୁ । ବ୍ୟୟନ ଦ୍ୱାରା ବା ଅନ୍ୟଥା ଅନ୍ତରିତ କରିଥାନ୍ତି ବା ନିଜ ଓ ଅନ୍ୟ ବ୍ୟକ୍ତିଙ୍କଠାରେ ବିନିହିତ କରିଥାନ୍ତି ଯଦ୍ୱାରା ସେହି ସଂପତ୍ତିର କୌଣସି ଭାଗରେ ଫାଇଦା-ପ୍ରଦ ହିତ ତାଙ୍କ ମୃତ୍ୟୁରେ ଉତ୍ତରଜୀବିତା ଦ୍ୱାରା ସେହି ଅନ୍ୟ ବ୍ୟକ୍ତିଙ୍କ ନିକଟକୁ ପାରିତ ହୁଏ ବା ସେହି ଅନ୍ୟ ବ୍ୟକ୍ତିଙ୍କ ପ୍ରତି ପ୍ରୋଦ୍‌ଭୂତ ହୁଏ ସେଠାରେ ସେହି ସମଗ୍ର ସଂପତ୍ତି ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

ଗ୍ରହୀତାଙ୍କ ଲଗି ରଖାଯାଇଥିବା ପଲିସି ।

14. (1) କୌଣସି ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ନିଜ ଜୀବନ ଲଗି କରାଯାଇଥିବା ବୀମା ପଲିସି ଅଧୀନରେ ପ୍ରାପ୍ତ ଧନ ସେହି ପଲିସି ସଂପୂର୍ଣ୍ଣତଃ ମନୋନୀତ ବ୍ୟକ୍ତି ବା ସମନୁଦେଶିତ ହୋଇଥିବା ଜଣେ ଗ୍ରହୀତାଙ୍କ ଫାଇଦା ନିମିତ୍ତ ସଂପୂର୍ଣ୍ଣ ରଖାଯାଇଥିଲେ କିମ୍ବା ସେହି ପଲିସି ସେହି ଫାଇଦା ନିମିତ୍ତ ତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରିମିୟମର ଅନୁପାତରେ ସେହି ଧନର ବୀମା ଏକ ଭଗ ବୀମାକୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ—ଜଣେ ମୃତ ବ୍ୟକ୍ତିଙ୍କ ଜୀବନ ଲଗି ଏକ ବ୍ୟବସ୍ଥାପନ ବଳରେ ବା ପରିଣାମରେ ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ବୀମା ପଲିସି ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଛି ବୋଲି ବିବେଚିତ ହେବ ।

(2) ଉପଧାରା (1)ର ଉଦ୍ଦେଶ୍ୟ ନିମିତ୍ତ କୌଣସି ବୀମା ପଲିସି ଉପରେ ଦିଆଯାଇଥିବା ପ୍ରିମିୟମର ଯେଉଁ ପରିମାଣ ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥାପନ ବଳରେ ବା ପରିଣାମରେ ବ୍ୟବସ୍ଥାପନରେ ସମାବିଷ୍ଟ ସଂପତ୍ତିରୁ ପ୍ରଦାନ କରାଯାଇଥାଏ ହୁଏତ ତାହା ମୃତ ବ୍ୟକ୍ତିଙ୍କ ଦ୍ୱାରା ଉପବନ୍ଧିତ ହୋଇଥାଉ ବା ହୋଇ ନ ଥାଉ କିମ୍ବା ବ୍ୟବସ୍ଥାପନ ଅଧୀନରେ ଉଦ୍‌ଭୂତ ଆୟରୁ ପ୍ରଦାନ କରାଯାଇଥାଏ ହୁଏତ ତାହା ମୃତ ବ୍ୟକ୍ତିଙ୍କଦ୍ୱାରା ଉପବନ୍ଧିତ ହୋଇଥାଉ ବା ହୋଇ ନ ଥାଉ ସେହି ପରିମାଣ ମୃତବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଛି ବୋଲି ଧରାଯିବ:

ପରନ୍ତୁ ଯେଉଁ ପ୍ରଦାନଗୁଡ଼ିକ ବ୍ୟବସ୍ଥାପନ ଉଦ୍ଦେଶ୍ୟରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବରେ ବା ପରୋକ୍ଷଭାବରେ ଉପବନ୍ଧିତ ସଂପତ୍ତିରୁ କିମ୍ବା ସେହି ସଂପତ୍ତି ପ୍ରତିନିଧିତ୍ୱ କରୁଥିବା ସଂପତ୍ତିରୁ କିମ୍ବା କୌଣସି ଆୟ ସେହି ସଂପତ୍ତିରୁ ଉଦ୍‌ଭୂତ ହୋଇଥାଉ ବା ନ ହୋଇଥାଉ, ମୃତ ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବରେ ବା ପରୋକ୍ଷଭାବରେ ବା ଉପବନ୍ଧିତ ହୋଇ ସେହି ଆୟରୁ କରାଯାଇ ନ ଥାଏ, ସେହି ପ୍ରଦାନ ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଛି ବୋଲି ଧରାଯିବ ନାହିଁ, ଯଦି ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି ଯେ ସେହି ପ୍ରଦାନଗୁଡ଼ିକ ମୃତ ବ୍ୟକ୍ତି ଓ କୌଣସି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପାରସ୍ପରିକ ବ୍ୟବସ୍ଥାର କୌଣସି ଭାଗ ରୂପେ କରାଯାଇ ନ ଥିଲ ।

(3) ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ—

(କ) "ବ୍ୟବସ୍ଥାପନ" ପଦ କୌଣସି ବ୍ୟୟନ, ନ୍ୟାସ, ପ୍ରସଂବିଦା, ରାଜିନାମା ବା ବ୍ୟବସ୍ଥାକୁ ଅନ୍ତର୍ଗତ କରେ, ଏବଂ

(ଖ) ଜଣେ ବ୍ୟକ୍ତି ଏକ ବ୍ୟବସ୍ଥାପନ କରିଛନ୍ତି ବୋଲି ବିବେଚିତ ହେବ ଯଦି ସେ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ବ୍ୟବସ୍ଥାପନ କରିଥାନ୍ତି ବା ତହିଁରେ ପ୍ରବେଶ କରିଥାନ୍ତି ଏବଂ ବିଶେଷତଃ (ମାତ୍ର ଏହି ଖଣ୍ଡର ପୂର୍ବବର୍ତ୍ତୀ ଶବ୍ଦଗୁଡ଼ିକର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ) ବ୍ୟବସ୍ଥାପନର ଉଦ୍ଦେଶ୍ୟରେ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ପାର୍ଶ୍ୱ ଉପବନ୍ଧିତ କରିଥାନ୍ତି ବା ଉପବନ୍ଧିତ କରିବାକୁ ବଚନ ଦେଇଥାନ୍ତି କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ନିମିତ୍ତ ବ୍ୟବସ୍ଥାପନ କରିବାକୁ ବା ତହିଁରେ ପ୍ରବେଶ କରି ସେହି ଅନ୍ୟ ବ୍ୟକ୍ତିଙ୍କ ସହ ପାରସ୍ପରିକ ବ୍ୟବସ୍ଥା କରିଥାନ୍ତି ।

ମୃତବ୍ୟକ୍ତିଙ୍କ ଦ୍ୱାରା କ୍ରୟ କରଯାଇଥିବା ବା ଉପବନ୍ଧିତ ହୋଇଥିବା ଆନୁଇଟି ବା ଅନ୍ୟ ହିତ ।

15. ମୃତ ବ୍ୟକ୍ତିଙ୍କ ଦ୍ୱାରା ହୁଏତ ତାଙ୍କ ନିଜଦ୍ୱାରା କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ସହ ମିଳିତ ଭାବରେ ବା ବ୍ୟବସ୍ଥା ଦ୍ୱାରା କ୍ରୟ କରାଯାଇଥିବା ବା ଉପବନ୍ଧିତ ହୋଇଥିବା ଆନୁଇଟି ବା ଅନ୍ୟ ହିତ ତାଙ୍କ ମୃତ୍ୟୁରେ ଉତ୍ତରଜୀବିତା ଦ୍ୱାରା ବା ଅନ୍ୟଥା ଯେତିକି ଫାଇଦାପ୍ରଦ ହିତ ପ୍ରୋଦ୍‌ଭୂତ ବା ଉଦ୍‌ଭୂତ ହେଉଥାଏ ସେତିକି ତାଙ୍କ ମୃତ୍ୟୁରେ ପାରିତ ହୋଇଛି ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ—ଫାଇଦାପ୍ରଦ ହିତର ବିସ୍ତାର, ମୃତ୍ୟୁ ପୂର୍ବରୁ ତହିଁରେ ଫାଇଦା—ଗ୍ରହୀତାଙ୍କର ଯେଉଁ ପ୍ରତ୍ୟାଶିତ ହିତ ଥାଏ ସେହି ପ୍ରତ୍ୟାଶିତ ହିତ ବିବେଚନା ନ କରି ଅଭିନିଶ୍ଚିତ ହେବ ।

ମୃତବ୍ୟକ୍ତିଙ୍କ ଠାରୁ ମିଳିଥିବା ସଂପତ୍ତିରୁ କ୍ରୟ କରାଯାଇଥିବା ବା ଉପବନ୍ଧିତ ହୋଇଥିବା ଆନୁଇଟି ବା ଅନ୍ୟ ହିତ ।

16. (1) ଧାରା 15 ଯେଉଁ ଆନୁଇଟି ବା ଅନ୍ୟ ହିତ ଯେଉଁ ବ୍ୟକ୍ତି ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା କୌଣସି ସଂପତ୍ତି ପ୍ରତି କୌଣସି ସମୟରେ ହକ୍‌ଦାର ଥାନ୍ତି ବା ଯାହାଙ୍କର ସଂପଦ ମଧ୍ୟରେ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା କୌଣସି ସଂପତ୍ତି କୌଣସି ସମୟରେ ଅନ୍ତର୍ଗତ ହୋଇଥାଏ ସେହି ବ୍ୟକ୍ତିଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ କ୍ରୟ କରାଯାଇଥାଏ ବା ଉପବନ୍ଧିତ ହୋଇଥାଏ ସେହି ଆନୁଇଟି ବା ଅନ୍ୟ ହିତ ସଂପର୍କରେ ପ୍ରଭାବୀ ହେବ ସତେ ଯେପରି ସେହି ଆନୁଇଟି ବା ଅନ୍ୟ ହିତ ମୃତ ବ୍ୟକ୍ତିଙ୍କ ଦ୍ୱାରା ଉପବନ୍ଧିତ ହୋଇଥିଲା କିମ୍ବା ଯଦି ନିୟନ୍ତକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଯେ ମୃତବ୍ୟକ୍ତିଙ୍କଠାରୁ ମିଳିଥିବା ସମସ୍ତ ସଂପତ୍ତିର ପ୍ରୟୋଗ କୌଣସି ଆନଇଟି ବା ଅନ୍ୟ ହିତ ସମଗ୍ର ଉପବନ୍ଧିତ କରିବା ଲାଗି ନିଅଣ୍ଟ ହୋଇଥାନ୍ତା, ତାହାହେଲେ ଯେଉଁ ପରିମାଣ ନିଅଣ୍ଟ ପ୍ରମାଣିତ ହୋଇଥାଏ ସେହି ପରିମାଣର ଅନୁପାତରେ ଅନୁରୂପ ଆନୁଇଟି ବା ହିତ ମୃତ ବ୍ୟକ୍ତିଙ୍କ ଦ୍ୱାରା ଉପବନ୍ଧିତ ହୋଇଥିଲା ପରି ସେହି ଆନୁଇଟି ବା ଅନ୍ୟ ହିତ ସଂପର୍କରେ ପ୍ରଭାବୀ ହେବ :

ପରନ୍ତୁ ସେପରି କୌଣସି ନିଅଣ୍ଟ ହୋଇଥାନ୍ତା କି ନାହିଁ ଏବଂ ନିଅଣ୍ଟ ପରିମାଣ ଅବଧାରିତ କରିବା ଉଦ୍ଦେଶ୍ୟରେ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା ସଂପତ୍ତିର ଯେଉଁ ଅଂଶ ସଂପର୍କରେ ନିୟନ୍ତକଙ୍କର ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଯେ ଯାହାର ବା ତାହା ଯେଉଁ ସଂପତ୍ତିକୁ ପ୍ରତିନିଧିତ୍ୱ କରୁଥାଏ ସେହି ସଂପତ୍ତିର ବ୍ୟୟନ ତାହାର ବିଷୟବସ୍ତୁ ହୋଇଥାଏ ତାହା କୌଣସି ଆନୁଇଟି ବା ଅନ୍ୟ ହିତର କ୍ରୟ ବା ଉପବନ୍ଧ ବା କୌଣସି ପ୍ରକାରେ ତାହାର ଖର୍ଚ୍ଚ ବହନ ସଂପର୍କରେ କିମ୍ବା ତାହାକୁ ସକ୍ଷମ ବା ସୁଗମ କରିବା ଉଦ୍ଦେଶ୍ୟରେ କରାଯାଇ ନ ଥାଏ ସେହି ଅଂଶ ବାଦ ଦିଆଯିବ ।

(2) ଏହି ଧାରାରେ ନିମ୍ନଲିଖିତ ପଦଗୁଡ଼ିକୁ ଯଥାକ୍ରମେ ଯେଉଁ ଯେଉଁ ଅର୍ଥ ଦିଆଯାଇଛି ସେଗୁଡ଼ିକ ହେଲା—

(କ) "ମୃତବ୍ୟକ୍ତିଙ୍କ ଠାରୁ ମିଳିଥିବା ସଂପତ୍ତି" ଅର୍ଥ ଯେଉଁ ସଂପତ୍ତି ମୃତବ୍ୟକ୍ତିଙ୍କ ଦ୍ୱାରା ହୁଏତ ନିଜ ଦ୍ୱାରା କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ସହ ମିଳିତ ଭାବରେ ବା ବ୍ୟବସ୍ଥା ଦ୍ୱାରା କରାଯାଇଥିବା ଏକ ବ୍ୟୟନର ବିଷୟବସ୍ତୁ ହୋଇଥାଏ, ସେହି ବ୍ୟୟନ ତାଙ୍କର ନିଜ ବ୍ୟବହାର ବା ଫାଇଦା ନିମିତ୍ତ ତାଙ୍କୁ ଧନ ଆକାରରେ ବା ଧନର ମୂଲ୍ୟ ଆକାରରେ ଦିଆଯାଇଥିବା ପୁରା ପ୍ରତିଫଳ ଲାଗି କରାଯାଇଥିବା ସତ୍ତ୍ୱେ, ସେହି ସଂପତ୍ତି କିମ୍ବା ଯେଉଁ ସମ୍ପତ୍ତି ପ୍ରତ୍ୟକ୍ଷ ଭବରେ ବା/ଏବଂ ହୁଏତ ଏକ ବା ଅଧିକ ଅନ୍ତବର୍ତ୍ତୀ ବ୍ୟୟନ ବଳରେ ହୋଇଥାଉ ବା ହୋଇ ନ ଥାଉ ଏବଂ ସେପରି କୌଣସି ଅନ୍ତବର୍ତ୍ତୀ ବ୍ୟୟନ ପୁରା ବା ଆଂଶିକ ପ୍ରତିଫଳ ନିମିତ୍ତ ହୋଇଥାଉ ବା ହୋଇ ନ ଥାଉ ସେପରି ଏକ ବ୍ୟୟନର ବିଷୟବସ୍ତୁ ମଧ୍ୟରୁ କୌଣସିଟି ପ୍ରତିନିଧିତ୍ୱ କରୁଥାଏ ସେହି ସଂପତ୍ତି :

ପରନ୍ତୁ ଯେଉଁ ଠାରେ ପ୍ରଥମେ ବର୍ଣ୍ଣିତ ବ୍ୟୟନ ମୃତ ବ୍ୟକ୍ତିଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ ତାଙ୍କୁ ଧନ ଆକାରରେ ବା ଧନର ମୂଲ୍ୟ ଆକାରରେ ଦିଆଯାଇଥିବା ପୂରା ପ୍ରତିଫଳ ନିମିତ୍ତ ହୋଇଥାଏ ଏବଂ ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଯେ ଯେଉଁ ସହଯୁକ୍ତ କ୍ରିୟା,—

(କ) ଯେଉଁ ବ୍ୟୟନ ମୃତ ବ୍ୟକ୍ତିଙ୍କ ଦ୍ୱାରା କେବଳ ନିଜ ଦ୍ୱାରା କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ସହ ମିଳିତ ଭାବରେ ବା ବ୍ୟବସ୍ଥାଦ୍ୱାରା ମୃତ ବ୍ୟକ୍ତିଙ୍କୁ ତାଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ ଧନ ବା ଧନର ମୂଲ୍ୟଆକାରରେ ପ୍ରଦାନ କରାଯାଇଥିବା ପୁରା ପ୍ରତିଫଳ ଭିନ୍ନ ଅନ୍ୟଥା କରାଯାଇଥାଏ ସେହି ବ୍ୟୟନ; କିମ୍ବା

(ଖ) ମୃତ ବ୍ୟକ୍ତିଙ୍କ ସମ୍ପତ୍ତିର ମୂଲ୍ୟ ହ୍ରାସ କରିବାକୁ ପ୍ରବୃତ୍ତ ହୋଇଥିବା କୌଣସି ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ବ୍ୟୟନ ;

ଅନ୍ତର୍ଗତ କରୁଥାଏ ସେହି ବ୍ୟୟନ ସହ ସହଯୁକ୍ତ କ୍ରିୟାର ଭାଗ ହୋଇ ନ ଥାଏ ସେଠାରେ ସମ୍ପଦା ଶୁଳ୍କ ପ୍ରଭାରିତ ହେବ କି ନାହିଁ ତାହା ବିବେଚନା କରିବା ସମୟରେ ପ୍ରଥମେ ବର୍ଣ୍ଣିତ ବ୍ୟୟନ ସମ୍ପର୍କରେ ଏହି ଉପବନ୍ଧ ପ୍ରଯୁଜ୍ୟ ନ ଥିଲା ପରି ତାହା ହିସାବରୁ ବାଦ୍ ଦିଆଯିବ ;

(ଖ) "ବ୍ୟୟନ" କୌଣସି ନ୍ୟାସ, ପ୍ରସଂବିଦା, ରାଜିନାମା ବା ବ୍ୟବସ୍ଥାକୁ ଅନ୍ତର୍ଗତ କରେ ; ଏବଂ

(ଗ) କୌଣସି ବ୍ୟୟନ ସମ୍ପର୍କରେ "ବିଷୟବସ୍ତୁ" ସେହି ବ୍ୟୟନ ଅଧୀନରେ ବା ବଳରେ ପ୍ରଦାନ କରାଯାଇଥିବା ବା ପ୍ରଦେୟ ହୋଇଥିବା କୌଣସି ବାର୍ଷିକ ବା କାଳାବଧିକ ପ୍ରଦାନକୁ ଅନ୍ତର୍ଗତ କରେ ।

(3) ଧାରା 34 ର ଉଦ୍ଦେଶ୍ୟ ନିମିତ୍ତ ଏହି ଧାରା ବଳରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସମ୍ପତ୍ତିରେ ଅନ୍ତର୍ଗତ କୌଣସି ସମ୍ପତ୍ତିରେ ମୃତବ୍ୟକ୍ତିଙ୍କର ହିତ ଥିଲା ବୋଲି ବିବେଚିତ ହେବ ।

ସମବାୟ ସମିତି ଦ୍ୱାରା ମତ ବ୍ୟକ୍ତିଙ୍କୁ ଆବଣ୍ଟିତ ବା ପଟ୍ଟା ସୂତ୍ରେ ପ୍ରଦତ୍ତ ଗୃହରେ ତାହାଙ୍କ ହିତ ।

16. (କ) ଯେଉଁଠି ମୃତ୍ୟୁ ସମୟରେ ମୃତ ବ୍ୟକ୍ତି ଏକ ସମବାୟ ସମିତିର ଜଣେ ସଦସ୍ୟ ଥା'ନ୍ତି ଯାହା ଏକ ଗୃହ ନିର୍ମାଣ ସମବାୟ ସମିତି ହୋଇଥାଏ ଏବଂ ସମିତିର ଏକ ଗୃହନିର୍ମାଣ ଯୋଜନା ଅଧୀନରେ ଏକ ଭବନ ବା ତାର ଏକ ଅଂଶ ଆବଣ୍ଟନ ହୋଇଥାଏ ବା ତାଙ୍କୁ ପଟ୍ଟା ଦିଆହୋଇଥାଏ ତାହା ଆବଣ୍ଟିତ ହୋଇ ବା ତାଙ୍କ ପଟ୍ଟାଦିଆ ହୋଇ ଏହି ଅଧିନିୟମ ବା ଅନ୍ୟ କୌଣସି ବିଧିରେ ତତ୍ ସମୟ ପ୍ରବୃତ୍ତ ଯାହା କିଛି ଥିବା ସତ୍ତ୍ୱେ, ତାଙ୍କ ମୃତ୍ୟୁ ସମୟରେ ରହେ ସେଠାରେ ତାଙ୍କ ମୃତ୍ୟୁ ସମୟରେ ସେପରି ଭବନ ବା ତା'ର ଅଂଶର ସ୍ୱାମୀ ବୋଲି ବିବେଚିତ ହେବେ ଏବଂ ସେପରି ଭବନ ବା ତାର ଅଂଶ ତାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କ ପାଖକୁ ଗଲ ବୋଲି ବିବେଚିତ ହେବ ଏବଂ ସେପରି ଭବନ ବା ତାର ଅଂଶର ମୂଲ୍ୟ ନିର୍ଦ୍ଧାରଣ ବା ବକେୟା କିସ୍ତିର ମୂଲ୍ୟ ସେପରି ଯୋଜନା ଅଧୀନରେ ତାଙ୍କ ମୃତ୍ୟୁ ବେଳକୁ ମୃତ ବ୍ୟକ୍ତିଙ୍କ ଦ୍ୱାରା ସମିତିକୁ ସେପରି ଭବନ ବା ତାର ଅଂଶର ମୂଲ୍ୟ ବାବଦକୁ ପ୍ରଦେୟ ରାଶି ଏବଂ ତତ୍‌ସଂଲଗ୍ନ ଭୂମି ସେହି ପ୍ରଦେୟ ରାଶି ସେପରି ବର୍ଣ୍ଣିତ ହୋଇଥାଉ ବା ନ ଥାଉ ସେହି ଯୋଜନାରେ ଅନ୍ୟ ରୀତିରେ ସେ ଏକ ଋଣୀ ବୋଲି ଧରାଯିବ ।

ସ୍ପଷ୍ଟୀକରଣ—ଏହି ଧାରା ଏବଂ ଧାରା 33 ର ପ୍ରୟୋଜନରେ, ସମବାୟ ସମିତି ଅର୍ଥ, ସମବାୟ ସମିତି ଅଧିନିୟମ, 1912 ଅଧୀନରେ ରେଜେଷ୍ଟ୍ରିକୃତ ଏକ ସମବାୟ ସମିତି ବା ତତ୍‌ସମୟ ପ୍ରବୃତ୍ତ କୌଣସି ଅନ୍ୟ ବିଧି ଅଧୀନରେ ରେଜିଷ୍ଟ୍ରିକୃତ ଏକ ସମବାୟ ସମିତି ।

## କମ୍ପାନିକୁ ଅନ୍ତରଣ ସମ୍ପର୍କରେ ବିଶେଷ ଉପବନ୍ଧ

ଏକ ନିୟନ୍ତ୍ରିତ କମ୍ପାନିକୁ ଅନ୍ତରିତ ସମ୍ପତ୍ତି ।

17. (1) ଯେଉଁଠାରେ ମୃତ ବ୍ୟକ୍ତି ଏକ ନିୟନ୍ତ୍ରିତ କମ୍ପାନିକୁ କୌଣସି ସମ୍ପତ୍ତି (ତାଙ୍କ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ହିତ କିମ୍ବା ଯେଉଁ ସମ୍ପତ୍ତି ସେ ବୈଶ୍ୱାସିକ କ୍ଷମତାରେ ଅନ୍ତରିତ କରିଥାନ୍ତି ସେହି ସମ୍ପତ୍ତି ଭିନ୍ନ) ଅନ୍ତରିତ କରିଥାନ୍ତି ଏବଂ କମ୍ପାନିଠାରୁ ମୃତ ବ୍ୟକ୍ତିଙ୍କୁ ପ୍ରୋଦ୍‌ଭୂତ କୌଣସି ଫାଇଦା ତାଙ୍କ ମୃତ୍ୟୁ ସମୟକୁ ଶେଷ ହେଉଥିବା ତିନି ବର୍ଷରେ ପ୍ରୋଦ୍‌ଭୂତ ହୋଇଥାଏ ସେଠାରେ କମ୍ପାନିର ଆସ୍ତି ସମ୍ପଦ ଉଦ୍ଦେଶ୍ୟରେ ଉପଧାରା (2) ଅନୁଯାୟୀ ଅବଧାରିତ ହୋଇଥିବା ବିସ୍ତାର ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁରେ ପାରିତ ହେଉଥିବା ସମ୍ପତ୍ତିରେ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବ ।

(2) କମ୍ପାନିର ଆସ୍ତିର ଯେତିକି ବିସ୍ତାର ଉପରୋକ୍ତ ମତେ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବ ତାହା ପୂର୍ବରୁ ତିନୋଟି ଗଣନା ବର୍ଷରେ କମ୍ପାନିଠାରୁ ମୃତ ବ୍ୟକ୍ତିଙ୍କୁ ପ୍ରୋଦ୍‌ଭୂତ ଫାଇଦାର ସର୍ବମୋଟ ପରିମାଣ ସହ ଉକ୍ତ ବର୍ଷଗୁଡ଼ିକରେ କମ୍ପାନିର ନିଟ୍ ଆୟର ସର୍ବମୋଟ ପରିମାଣ ତୁଳନା କରି ଅଭିନିଶ୍ଚିତ ହୋଇଥିବା ଅନୁପାତ ହେବ :

ପରନ୍ତୁ—

(କ) ଯେଉଁଠାରେ ଉପରୋକ୍ତ କୌଣସି ଗଣନା ବର୍ଷରେ କମ୍ପାନି କ୍ଷତି ସହିଥାଏ ସେଠାରେ ଉକ୍ତ କ୍ଷତି ପରିମାଣ କମ୍ପାନିର ଉକ୍ତ ସର୍ବମୋଟ ନିଟ୍ ଆୟ ଅଭିନିଶ୍ଚିତ କରିବା ସମୟରେ ବାଦ୍ ଦିଆଯିବ ;

(ଖ) ଯେଉଁଠାରେ କମ୍ପାନି ଉକ୍ତ ଗଣନା ବର୍ଷଗୁଡ଼ିକ ମଧ୍ୟରୁ ଶେଷ ବର୍ଷର ପୂର୍ବ ବର୍ଷରେ କିମ୍ବା ଶେଷ ବର୍ଷରେ ଗଢ଼ା ହୋଇ ଥାଏ ସେଠାରେ ଏହି ଉପଧାରାରେ ଉକ୍ତ ଗଣନା ବର୍ଷଗୁଡ଼ିକର ରେଫେରେନ୍‌ସ ସେହି ବର୍ଷଗୁଡ଼ିକର ଶେଷ ଦୁଇବର୍ଷ ବା, ଯଥାସ୍ଥିତି, ଶେଷ ବର୍ଷର ରେଫେରେନ୍‌ସ ବୋଲି ଅର୍ଥ କରାଯିବ ।

(3) କମ୍ପାନିର ଯେଉଁ ଆସ୍ତି ଏହି ଧାରା ବଳରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ହୋଇଥିବା ସମ୍ପତ୍ତିରେ ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବ ତାହା ତାହାର ଯେଉଁ ଆସ୍ତି ଉପରୋକ୍ତ ହିସାବ ବର୍ଷଗୁଡ଼ିକ ମଧ୍ୟରୁ ପ୍ରଥମ ବର୍ଷ ଓ ମୃତବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟରେ କୌଣସି ସମୟରେ ନିମ୍ନମତେ ବ୍ୟୟନିତ ବା ବିତରିତ ହୋଇଥାଏ, ସେହି ଆସ୍ତିକୁ ଅନ୍ତର୍ଗତ କରିବ:—

(କ) କମ୍ପାନିରେ ଥିବା ଅଂଶର ବା କମ୍ପାନିର ଋଣପତ୍ରର ସଂଲଗ୍ନ ଅଧିକାର ପୂରଣ କରିବା ନିମିତ୍ତ ବା ଦିଗରେ, କିମ୍ବା

(ଖ) ଅନ୍ୟଥା କୌଣସି ପ୍ରକାରେ କମ୍ପାନିର ନିଜ ବ୍ୟବହାର ଓ ଫାଇଦା ନିମିତ୍ତ କମ୍ପାନିକୁ ମିଳିଥିବା ଧନ ବା ଧନର ମୂଲ୍ୟ ଆକାରରେ ପୂରା ପ୍ରତିଫଳ ନିମିତ୍ତ ବିକ୍ରୟ ଆକାରରେ, କିମ୍ବା ଏକ ଅଧିନିୟମିତ ଦ୍ୱାରା ବା ଅଧୀନରେ ଅଧିରୋପିତ କର ବା ରେଟ୍ ବା ଅନ୍ୟ ଦାୟିତ୍ୱର ନିର୍ବହନ ନିମିତ୍ତ ବା ଦିଗରେ କିମ୍ବା ଏକ ଜୋରିମାନା ବା ଅର୍ଥ ଦଣ୍ଡ କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ପକ୍ଷଙ୍କ ସହ ସଲସୂତରା ନଥାଇ ଏକ ଅପମୃତ୍ୟୁ ଲାଗି ଦାୟିତ୍ୱର ନିର୍ବହନ ନିମିତ୍ତ ବା ଦିଗରେ ବ୍ୟୟନ ବାଦ୍ ଯିବ ମୃତ୍ୟୁ ସମୟରେ ଚାଲୁଥିବା ବା ମୃତ୍ୟୁ ପୂର୍ବରୁ ଶେଷ ହୋଇଥିବା ଏକ ଅବସାନରେ ଏହିରୂପେ ବ୍ୟୟନିତ ବା ବିତରିତ ହୋଇଥିବା ଆସ୍ତିକୁ ଏଥିରେ ଅନ୍ତର୍ଗତ କରାଯିବ :

ପରନ୍ତୁ ଏହି ଉପଧାରା ଯେଉଁ ପ୍ରଦାନରୁ କୌଣସି ଗଣନା ବର୍ଷରେ କିମ୍ବା ଶେଷ ଗଣନା ବର୍ଷର ଶେଷ ଓ ମୃତବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟରେ ଥିବା କାଳାବଧିରେ କରାଯାଇଥିବା ପ୍ରଦାନ ସମ୍ପର୍କରେ ସର୍ବମୋଟରେ ସେହି ବର୍ଷରେ ବା କାଳାବଧିରେ କମ୍ପାନିର ଆୟ ପରିମାଣରୁ ଅଧିକ ହୋଇନଥିବା ପରିମାଣ ଆୟକର କାଟ୍ କରାଯାଇ ପାରେ ବା ଆୟକର ନିର୍ଦ୍ଧାରିତ ହୋଇପାରେ ସେପରି ପ୍ରଦାନ ଆକାରରେ ବ୍ୟୟନିତ ବା ବିତରିତ ହୋଇଥିବା ଆସ୍ତି ପ୍ରତି ପ୍ରଯୁଜ୍ୟ ହେବନାହିଁ ।

(4) (*i*) ଏକ ନିୟନ୍ତ୍ରିତ କମ୍ପାନି ଏପରି ଏକ କମ୍ପାନି ଅଟେ ଯାହାକି କୌଣସି ପ୍ରାସଙ୍ଗିକ ସମୟରେ ଏହି ଉପବନ୍ଧଗୁଡ଼ିକ ସର୍ବଦା ପ୍ରବୃତ୍ତ ଥିଲେ ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଥିଲା ବା ଥିଲାବୋଲି ବିବେଚିତ ହୋଇଥାନ୍ତା ଏବଂ ଯାହା ଏକ ସହାୟକ କମ୍ପାନି କିମ୍ବା ଯେଉଁ କମ୍ପାନିରେ ସର୍ବସାଧାରଣ ସାରତଃ ହିତବଦ୍ଧ ଥାଆନ୍ତି ସେହି କମ୍ପାନି ହୋଇ ନ ଥାଏ ।

ସ୍ପଷ୍ଟୀକରଣ—ଏହି ଉପଧାରାର ଉଦ୍ଦେଶ୍ୟ ନିମିତ୍ତ,—

(କ) ଏକ କମ୍ପାନି ଏକ ସହାୟକ କମ୍ପାନି ବୋଲି ବିବେଚିତ ହେବ ଯଦି ତହିଁରେ ଥିବା ଅଂଶ ଗୁଡ଼ିକର ଫାଇଦାପ୍ରଦ ମାଲିକାନା ଯୋଗୁ କମ୍ପାନିର ନିୟନ୍ତ୍ରଣ ଏହି ଉପଧାରାର ଉପବନ୍ଧଗୁଡ଼ିକ ଯେଉଁ କମ୍ପାନି ପ୍ରତି ପ୍ରଯୁଜ୍ୟ ସେହି କମ୍ପାନି ହୋଇ ନ ଥିବା ଏକ କମ୍ପାନି ହାତରେ ଥାଏ କିମ୍ବା ଦୁଇ ବା ଅଧିକ କମ୍ପାନିର ହାତରେ ଥାଏ ଯାହାର କୌଣସିଟି ଉପରୋକ୍ତ ଉପବନ୍ଧଗୁଡ଼ିକ ଯେଉଁ କମ୍ପାନି ପ୍ରତି ପ୍ରଯୁଜ୍ୟ ସେହି କମ୍ପାନି ହୋଇନଥାଏ,

(ଖ) ଏକ କମ୍ପାନି, ଯେଉଁ କମ୍ପାନିରେ ସର୍ବସାଧାରଣ ସାରତଃ ହିତବଦ୍ଧ ଥାନ୍ତି ସେହି କମ୍ପାନି ବୋଲି ବିବେଚିତ ହେବ ଯଦି ଭୋଟ କ୍ଷମତାର ଅନ୍ୟୁନ ଶତକଡ଼ା ପଚିଶ ଭାଗ ବହନ କରୁଥିବା କମ୍ପାନି ଅଂଶଗୁଡ଼ିକ (ଲଭରେ ଭାଗ ନେବାକୁ ଅଧିକତର କ୍ଷମତା ଥାଉ ବା ନ ଥାଉ ନିଶ୍ଚିତ ଲଭାଂଶ ପ୍ରତି ହକ୍‌ଦାର ଥିବା ଅଂଶ ହୋଇ ନ ଥିବା ସର୍ବସାଧାରଣଙ୍କୁ (ଏହି ଉପଧାରା ଯେଉଁ କମ୍ପାନିକୁ ପ୍ରଯୁଜ୍ୟ ସେହି କମ୍ପାନିକୁ ଅନ୍ତର୍ଗତ କରୁ ନ ଥିବା) ବିନା ସର୍ତ୍ତରେ ଦିଆଯାଇ ଥାଏ ବା ସର୍ବସାଧାରଣଙ୍କ ଦ୍ୱାରା ବିନା ସର୍ତ୍ତରେ ଅର୍ଜିତ ହୋଇଥାଏ, ଏବଂ ଯେଉଁ ବର୍ଷ ବା ଅନ୍ୟ କାଳାବଧି ନିମିତ୍ତ କମ୍ପାନିର ହିସାବ ହୋଇଥାଏ ସେହି ବର୍ଷ ବା କାଳାବଧି ଶେଷରେ ସର୍ବସାଧାରଣଙ୍କ ଦ୍ୱାରା ଫାଇଦାପ୍ରଦ ଭାବରେ ଧାରିତ ହୋଇଥାଏ ଏବଂ ସେପରି କୌଣସି ଅଂଶ ସେହି ବର୍ଷରେ ବା କାଳାବଧିରେ ଏକ ମାନ୍ୟତା ପ୍ରାପ୍ତ ଅଂଶ କାରବାରର ବସ୍ତୁ ହୋଇଥାଏ କିମ୍ବା ବାସ୍ତବରେ ଧାରକଙ୍କ ଦ୍ୱାରା ଅନ୍ୟ ସର୍ବସାଧାରଣ ବ୍ୟକ୍ତିଙ୍କୁ ଅବାଧରେ ଅନ୍ତରଣୀୟ ହୋଇଥାଏ ।

(*ii*) ଏକ କଂପାନି ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି ବୋଲି ବିବେଚିତ ହେବ—

(କ) ଯଦି କୌଣସି ପାଞ୍ଚଜଣ ବା ତହିଁରୁ ଊଣାବ୍ୟକ୍ତି ହୁଏତ ପ୍ରତ୍ୟକ୍ଷଭାବରେ ବା ପରୋକ୍ଷ ଭାବରେ କଂପାନିର ବ୍ୟାପାର ଉପରେ ଏକତ୍ର ନିୟନ୍ତ୍ରଣ ପ୍ରୟୋଗ କରନ୍ତି ବା କରିବାକୁ ସକ୍ଷମ ହୋଇଥାନ୍ତି ବା ନିୟନ୍ତ୍ରଣ ଅର୍ଜନ କରିବାକୁ ହକ୍‌ଦାର ହୋଇଥାନ୍ତି ଏବଂ ବିଶେଷତଃ ପୂର୍ବୋକ୍ତ ଶବ୍ଦଗୁଡ଼ିକର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ଯେକୌଣସି ପାଞ୍ଚଜଣ ବା ତହିଁରୁ ଊଣା ବ୍ୟକ୍ତିଙ୍କର ଏକତ୍ରିତ ହୋଇ କଂପାନିର ଅଂଶ ପୁଞ୍ଜି ବା ଭୋଟ କ୍ଷମତାର ଅଧିକାଂଶ ଥାଏ ବା ଅର୍ଜନ କରିବାକୁ ହକ୍‌ଥାଏ, କିମ୍ବା

(ଖ) ଯଦି ଯେ କୌଣସି ପାଞ୍ଚଜଣ ବା ତହିଁରୁ ଊଣା ବ୍ୟକ୍ତି କଂପାନିର ପ୍ରଦତ୍ତ ଅଂଶ ପୁଞ୍ଜିର ଅଧିକାଂଶ ବା ସେହି ପୁଞ୍ଜିର ଯେଉଁ ଭାଗ କଂପାନିର ସମଗ୍ର ଆୟ ବାସ୍ତବରେ ସଦସ୍ୟମାନଙ୍କୁ ବିତରିତ ହୋଇଥିଲେ ଏହି ରୂପେ ବିତରିତ ପରିମାଣର ଅଧିକାଂଶ ପାଇବାକୁ ସେମାନଙ୍କୁ ହକ୍‌ଦାର କରିଥାନ୍ତା ସେହି ଭାଗ ଏକତ୍ରିତ ହୋଇ ଦଖଲ କରିଥାନ୍ତି ବା ଅର୍ଜନ କରିବାକୁ ହକ୍‌ଦାର ହୋଇଥାନ୍ତି, କିମ୍ବା

(ଗ) ଯଦି,—

(*i*) ସେହି କଂପାନି ଏହି ଉପଧାରା ଯେଉଁ କଂପାନି ପ୍ରତି ପ୍ରଯୁଜ୍ୟ ସେହି କଂପାନି ଅଟେ, ଏହି ଉପଧାରଣାରେ, କିମ୍ବା

(*ii*) ସେହି କଂପାନି ଏବଂ କୌଣସି ଅନ୍ୟ କଂପାନି ବା କଂପାନିଗୁଡ଼ିକ ଏହି ଉପଧାରା ଯେଉଁ କଂପାନି ପ୍ରତି ପ୍ରଯୁଜ୍ୟ ସେହି କଂପାନି ଅଟେ, ଏହି ଉପଧାରଣାରେ କଂପାନିର ଆୟର ଅର୍ଦ୍ଧେକରୁ ଅଧିକ (ଉପରୋକ୍ତ ଉପଧାରାର ଉଦ୍ଦେଶ୍ୟ ନିମିତ୍ତ ଯେଉଁ ଆୟ ତାକୁ ବଣ୍ଟାଯାଇଥାଏ ବା ଉପରୋକ୍ତ କୌଣସି ଉପଧାରଣାରେ ତାକୁ ବଣ୍ଟାଯାଇପାରନ୍ତା ସେହି ଆୟ ସମେତ) ସେହି ଉଦ୍ଦେଶ୍ୟ ନିମିତ୍ତ ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟାଯାଇପାରନ୍ତା ।

(*iii*) ଏକ କଂପାନି ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି କି ନାହିଁ ତାହା ଅବଧାରିତ କରିବା ସମୟରେ ପରସ୍ପରର ସଂପର୍କୀୟ ହୋଇଥିବା ବ୍ୟକ୍ତିମାନେ ସେହି ଅନ୍ୟ ବ୍ୟକ୍ତିଙ୍କ ସହ ଅନ୍ୟ ବ୍ୟକ୍ତିମାନଙ୍କ ମନୋନୀତ ବ୍ୟକ୍ତି ହୋଇଥିବା ବ୍ୟକ୍ତିମାନେ ଭାଗଦାରରେ ଥିବା ବ୍ୟକ୍ତିମାନେ ଏବଂ ଯେଉଁ କଂପାନି କୌଣସି ନ୍ୟାସ ଅଧ୍ୟଧୀନ ହୋଇଥାଏ କିମ୍ବା ଜଣେ ମୃତ ବ୍ୟକ୍ତିଙ୍କ ସଂପଦାର ଏକ ଭାଗ ହୋଇଥାଏ ସେହି କଂପାନିର ଅଂଶରେ ବା ଦାୟିତ୍ୱରେ ହିତବନ୍ଧ ଥିବା ବ୍ୟକ୍ତି ଯଥାକ୍ରମେ ଜଣେ ମାତ୍ର ବ୍ୟକ୍ତି ବୋଲି ବିବେଚିତ ହେବେ ।

ସ୍ପଷ୍ଟୀକରଣ—

ଏହି ଖଣ୍ଡର ଉଦ୍ଦେଶ୍ୟ ନିମିତ୍ତ,—

(କ) "ସଂପର୍କୀୟ" ପଦର ଅର୍ଥ ଜଣେ ପତି, ପତ୍ନୀ, ପୂର୍ବ ପୁରୁଷ, ପାରଂପାରିକ ବଂଶଜ, ଭ୍ରାତା ବା ଭଗ୍ନୀ,

(ଖ) ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କର ମନୋନୀତ ବ୍ୟକ୍ତି ବୋଲି ବିବେଚିତ ହେବେ ଯଦି ଏହି ଉପଧାରାର କୌଣସି ଉପବନ୍ଧ ବଳରେ ଏକ କଂପାନି ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି କି ନାହିଁ ବୋଲି ବିବେଚିତ ହେବ ତାହା ଅବଧାରିତ କରିବା ଲାଗି ଯେଉଁ ଅଧିକାର ବା କ୍ଷମତା ସାରବାନ ହୋଇଥାଏ ସେହି ଅନ୍ୟ ବ୍ୟକ୍ତିଙ୍କ ତରଫରୁ ତାଙ୍କର ସେହି ଅଧିକାର ବା କ୍ଷମତା ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଥାଏ କିମ୍ବା ସେହି ଅନ୍ୟ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ବା ତରଫରୁ ସେହି ଅଧିକାର ବା କ୍ଷମତା ପ୍ରୟୋଗ କରିବାକୁ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଆବଶ୍ୟକ କରାଯାଇପାରେ ।

(*iv*) ଏକ ବିନିଧାନ କଂପାନି ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି ବୋଲି ବିବେଚିତ ହେବ ଯଦି ଯେକୌଣସି ପାଞ୍ଚଜଣ ବା ତହିଁରୁ ଊଣା ବ୍ୟକ୍ତି କଂପାନି ସମାପିତ ହୋଇଥିଲେ କଂପାନିର ସଦସ୍ୟ ବା ଋଣ କ୍ରେଡ଼ିଟର ରୂପେ କଂପାନିର ଯେଉଁ ଆସ୍ତି ସଦସ୍ୟ ଓ ଋଣ କ୍ରେଡ଼ିଟରମାନଙ୍କୁ ବିତରଣ ନିମିତ୍ତ ମିଳିଥାନ୍ତି ସେହି ଆସ୍ତିର ଅର୍ଦ୍ଧେକରୁ ଅଧିକ ପାଇବାକୁ ହକ୍‌ଦାର ହୋଇଥାନ୍ତେ ।

(*v*) ଖଣ୍ଡ (*i*)ରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ ଯେଉଁ କଂପାନି ସେହି ଖଣ୍ଡର ଉଦ୍ଦେଶ୍ୟ ନିମିତ୍ତ ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି ବୋଲି ବିବେଚିତ ହୋଇଥାଏ ସେହି କଂପାନି ଖଣ୍ଡ (*ii*)ର ଉପଖଣ୍ଡ (କ), (ଖ) ବା (ଗ) କିମ୍ବା ଖଣ୍ଡ (*iv*)ରେ ଉଲ୍ଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରେ ଉକ୍ତ ଖଣ୍ଡ (*i*)ର ଉପବନ୍ଧଗୁଡ଼ିକ ପ୍ରଯୁଜ୍ୟ ହୋଇ ନଥିବା ଏବଂ କୌଣସି ଅନ୍ୟ ବ୍ୟକ୍ତିଙ୍କ ମନୋନୀତ ହୋଇ ନ ଥିବା ଏକ କଂପାନିକୁ କେବଳ ଅନ୍ତର୍ଗତ କରି ତାହା ଅନଧିକ ପାଞ୍ଚଜଣ ବ୍ୟକ୍ତିଙ୍କ ନିୟନ୍ତ୍ରଣ ଅଧୀନରେ ଅଛି ବୋଲି ବିବେଚିତି ହୋଇ ନ ପାରିଲେ ଏକ ସହାୟକ କଂପାନି ବୋଲି ବିବେଚିତ ହେବନାହିଁ ।

(*vi*) ଏହି ଉପଧାରାରେ "ପ୍ରାସଙ୍ଗିକ ସମୟ" ପଦର ଅର୍ଥ ମୃତବ୍ୟକ୍ତିଙ୍କର ମୃତ୍ୟୁରେ ଶେଷ ହେଉଥିବା ଏବଂ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ପ୍ରାସଙ୍ଗିକ ବ୍ୟୟନ, ଅନ୍ତରଣ କିମ୍ବା ଅନ୍ୟ କାରବାର ବା ଘଟଣା ଯେଉଁ ତାରିଖରେ ହୋଇଥାଏ ସେହି ତାରିଖରେ କିମ୍ବା ଯଦି ସେହି ବ୍ୟୟନ, ଅନ୍ତରଣ କିମ୍ବା ଅନ୍ୟ କାରବାର ବା ଘଟଣା ସହ ଯୁକ୍ତ କ୍ରିୟା ମଧ୍ୟରୁ ଗୋଟିଏ ହୋଇଥାଏ ତାହାହେଲେ ସେହି କ୍ରିୟାଗୁଡ଼ିକ ମଧ୍ୟରୁ ପ୍ରଥମଟି ଯେଉଁ ତାରିଖରେ ହୋଇଥାଏ ସେହି ତାରିଖରେ ଆରମ୍ଭ ହେଉଥିବା କୌଣସି ସମୟ ।

(5) ଧାରା 34 ଉଦ୍ଦେଶ୍ୟ ନିମିତ୍ତ ମୃତବ୍ୟକ୍ତିଙ୍କର ମୃତ୍ୟୁରେ ଯେଉଁ ସଂପତ୍ତି ପାରିତ ହୋଇଥାଏ ଏହି ଧାରା ବଳରେ ସେହି ସଂପତ୍ତିରେ ଯେଉଁ ସଂପତ୍ତି ଅନ୍ତର୍ଗତ ହୋଇଥାଏ ସେହି ସଂପତ୍ତିରେ ମୃତବ୍ୟକ୍ତିଙ୍କର ହିତ ଥିଲା ବୋଲି ବିବେଚିତ ହେବ ।

ଅନ୍ତରକଙ୍କର ମୃତ୍ୟୁ ହେଲେ ନିୟନ୍ତ୍ରକଙ୍କୁ ଜଣାଇବାକୁ କଂପାନିର ଓ କଂପାନି ଅଧିକାରୀମାନଙ୍କର କର୍ତ୍ତବ୍ୟ ।

18. (1) ଯେଉଁଠାରେ ମୃତ ବ୍ୟକ୍ତି ଏକ ନିୟନ୍ତ୍ରିତ କଂପାନିକୁ ସଂପତ୍ତି ଅନ୍ତରିତ କରିଥାନ୍ତି, ସେଠାରେ କଂପାନି ମୃତବ୍ୟକ୍ତିଙ୍କର ମୃତ୍ୟୁ ତାରିଖଠାରୁ ପଇଁତ୍ରିଶ ଦିନ ମଧ୍ୟରେ ମୃତ୍ୟୁ ବିଷୟ ମୃତବ୍ୟକ୍ତି କଂପାନିକୁ ସଂପତ୍ତି ଅନ୍ତରଣ କରିଥିବା ବିଷୟ ଏବଂ କଂପାନିଠାରୁ ମୃତ ବ୍ୟକ୍ତିଙ୍କ ଲାଗି ଫାଇଦା ପ୍ରୋଦ୍‌ଭୂତ ହିବା ବିଷୟ ନିୟନ୍ତ୍ରକଙ୍କୁ ଜଣାଇବାକୁ ଦାୟୀ ରହିବେ ଏବଂ ଯେଉଁ ପ୍ରତ୍ୟେକ ବ୍ୟକ୍ତି ସେହି ତାରିଖରେ କଂପାନିର ମୁଖ୍ୟ ଅଧିକାରୀ ଥିଲେ କିମ୍ବା ଯଦି ସେହି କଂପାନି ସେହି ତାରିଖ ପୂର୍ବରୁ ସମାପିତ ଓ ବିଘଟିତ ହୋଇଥାଏ ଯେଉଁ ବ୍ୟକ୍ତି କୌଣସି ସମୟରେ କଂପାନିର ମୁଖ୍ୟ ଅଧିକାରୀ ଥିଲେ ଏବଂ ଯାହାଙ୍କୁ ଏହି ଧାରା ଅଧୀନରେ କୌଣସି ତଥ୍ୟ ଜଣାଇବାକୁ କୁହାଯାଇଥାଏ ସେହି ବ୍ୟକ୍ତି ଏହି ତଥ୍ୟଗୁଡ଼ିକ କଂପାନି ଦ୍ୱାରା ବା କେହି ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରକଙ୍କୁ ଦିଆଯାଇଛି ବୋଲି ସେ ଜାଣି ନ ଥିଲେ ବା ବିଶ୍ୱାସ କରିବାର ତାଙ୍କର କାରଣ ନ ଥିଲେ ତାଙ୍କର ଜ୍ଞାନମତେ ଉପରୋକ୍ତ ତଥ୍ୟଗୁଡ଼ିକ ସଂପର୍କରେ ଅନୁରୂପେ ଦାୟୀ ରହିବେ ।

(2) ଯଦି କଂପାନି ବା ଉପରୋକ୍ତ କୌଣସି ବ୍ୟକ୍ତି ଯେକି ପୂର୍ବବର୍ତ୍ତୀ ଉପଧାରା ବଳରେ ନିୟନ୍ତ୍ରକଙ୍କୁ କୌଣସି ତଥ୍ୟ ଦେବାକୁ ଦାୟୀ ଥାନ୍ତି ସେହି ଦାୟିତ୍ୱ ପାଳନରେ ଖିଲାପ କରନ୍ତି, ତାହାହେଲେ ନିୟନ୍ତ୍ରକ ଖିଲାପକାରୀଙ୍କ ପ୍ରତି ଅନଧିକ ଏକ ହଜାର ଟଙ୍କା ଅର୍ଥଦଣ୍ଡ ଅଧିରୋପିତ କରିପାରିବେ ।

ଧାରା 17 ଅଧୀନରେ ଶୁଳ୍କର ଆଦାୟ ଓ ହାର ।

19. (1) ନିମ୍ନଲିଖିତ ବ୍ୟକ୍ତିମାନେ ଧାରା 17 ବଳରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପ୍ରଦେୟ ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ହେବେ:—

(କ) କଂପାନି,

(ଖ) ଯେଉଁ ବ୍ୟକ୍ତି (କଂପାନି ଦ୍ୱାରା ତାହାର ନିଜ ବ୍ୟବହାର ବା ଫାଇଦା ନିମିତ୍ତ ଧନ ବା ଧନର ମୂଲ୍ୟ ଆକାରରେ ପୂରା ପ୍ରତିଫଳ ଦେଇ ଜଣେ ବାସ୍ତବ କ୍ରେତା ଭିନ୍ନ) ହୁଏତ ପୁଞ୍ଜି ରୂପେ ବା ଆୟରୂପେ କଂପାନିର ଯେଉଁ ଆସ୍ତିଥାଏ ସେହି ଆସ୍ତି ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ବା ତା'ପରେ କୌଣସି ସମୟରେ କଂପାନିଠାରୁ ସିଧାସଳଖ ବା ଅନ୍ୟଥା ପାଆନ୍ତି କିମ୍ବା ବ୍ୟୟନିତ କରନ୍ତି ସେହି ବ୍ୟକ୍ତି,

(ଗ) ଯେଉଁ ବ୍ୟକ୍ତି କଂପାନିର ଆସ୍ତି ବିତରଣ କରାଗଲେ ବିତରିତ ଆସ୍ତି ପାଇଥାନ୍ତି ସେହି ବ୍ୟକ୍ତି:

ପରନ୍ତୁ ଜଣେ ବ୍ୟକ୍ତି—

(*i*) ଖଣ୍ଡ (ଖ) ବଳରେ କୌଣସି ଆସ୍ତି ସଂପର୍କରେ ସେହି ଆସ୍ତିର ମୂଲ୍ୟଠାରୁ ଅଧିକ ହୋଇଥିବା କୌଣସି ଶୁଳ୍କ ଲାଗି ଉତ୍ତରଦାୟୀ ହେବେନାହିଁ, କିମ୍ବା

(*ii*) ଖଣ୍ଡ (ଗ) ବଳରେ କୌଣସି ଆସ୍ତି ସଂପର୍କରେ ଶୁଳ୍କର ଏକ ଭାଗ ସହ ସମଗ୍ର ଶୁଳ୍କର ଏବଂ ସେହି ଆସ୍ତିଗୁଡ଼ିକର ବିତରଣ ମୂଲ୍ୟ ସହ ଧାରା 17 ବଳରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ କଂପାନିର ଆସ୍ତିଗୁଡ଼ିକର ମୂଳ ମୂଲ୍ୟ ମଧ୍ୟରେ ଯେଉଁ ଅନୁପାତ ରହିଛି ସେହି ଅନୁପାତଠାରୁ ଅଧିକ ଶୁଳ୍କ ଲାଗି ଉତ୍ତରଦାୟୀ ହେବେନାହିଁ ।

ସ୍ପଷ୍ଟୀକରଣ—ଏହି ଉପଧାରାର ଉଦ୍ଦେଶ୍ୟ ନିମିତ୍ତ "ବିତରିତ ଆସ୍ତି" ଓ "ମୃତ୍ୟୁରେ ପାରିତ କଂପାନିର ଆସ୍ତିଗୁଡ଼ିକର" ପଦଗୁଡ଼ିକ କଂପାନିର ଯେଉଁ ବିତରିତ ଆସ୍ତି ସେଗୁଡ଼ିକର ବିତରଣ ଦ୍ୱାରା ମୃତ ବ୍ୟକ୍ତି ପାଇଥାନ୍ତି ସେହି ବିତରିତ ଆସ୍ତି ଅନ୍ତର୍ଗତ କରୁନାହିଁ ଏବଂ ଯେଉଁ ବ୍ୟକ୍ତି କଂପାନିର ବିତରିତ ଆସ୍ତି ପାଇ ମୃତବ୍ୟକ୍ତିଙ୍କ ପୂର୍ବରୁ ମରିଯାଇଥାନ୍ତି ସେହି ବ୍ୟକ୍ତି ଖଣ୍ଡ (ଗ) ବଳରେ ଜଣେ ଉତ୍ତରଦାୟୀ ବ୍ୟକ୍ତି ଥିଲେ ବୋଲି ବିବେଚିତ ହେବ ।

(2) ଯେଉଁଠାରେ ଭାରତ ବାହାରେ ନିଗମିତ ହୋଇଥିବା ଏକ କଂପାନୀ ପୂର୍ବବର୍ତ୍ତୀ ଉପଧାରା ବା ଏହି ଉପଧାରା ବଳରେ କୌଣସି ଶୁଳ୍କ ଲାଗି ଉତ୍ତରଦାୟୀ ହୋଇଥାନ୍ତି, ସେଠାରେ ଯେଉଁ ବ୍ୟକ୍ତିମାନେ ମୃତ୍ୟୁ କାଳରେ ସେହି କଂପାନିର ସଦସ୍ୟ ଥା'ନ୍ତି ସେହି ବ୍ୟକ୍ତି ସେହି କଂପାନିରେ ତାଙ୍କ ହିତର ମୂଲ୍ୟ ଅନୁପାତରେ ସେହି ଶୁଳ୍କର ଭାଗ ନିମିତ୍ତ ଉତ୍ତରଦାୟୀ ହେବେ ।

(3) ଏହି ଧାରା ବଳରେ କୌଣସି ଶୁଳ୍କ ନିମିତ୍ତ ଉତ୍ତରଦାୟୀ ଥିବା ବ୍ୟକ୍ତିଙ୍କର ସେହି ଶୁଳ୍କ ଉଠାଇବା ଓ ପ୍ରଦାନ କରିବା ଉଦ୍ଦେଶ୍ୟରେ ଉତ୍ତରଦାୟୀ ପକ୍ଷଙ୍କୁ ପ୍ରଦତ୍ତ ସମସ୍ତ କ୍ଷମତା ରହିବ ।

(4) କଂପାନୀ ସମାପିତ ହେଲେ, କଂପାନୀ ଅଧିନିୟମ, 1956 ରେ ଧାରା 530 ର ଉପଧାରା (1) ସେହି ଉପଧାରାର ଖଣ୍ଡ (କ) ରେ ଏହି ଅଧିନିୟମର ଧାରା 17 ବଳରେ ମୃତ୍ୟୁରେ ପାରିତ କଂପାନିର ଆସ୍ତି ସଂପର୍କରେ ପ୍ରଦେୟ ଶୁଳ୍କର ରେଫରେନ୍ସ ରହିଥିବା ପରି ପ୍ରଭାବୀ ହେବ ଏବଂ କଂପାନି ଅଧିନିୟମ, 1956 ର ଧାରା 123 ତଦନୁଯାୟୀ ପ୍ରଭାବୀ ହେବ ।

(୫) ଧାରା 17 ବଳରେ ମୃତବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସଂପତ୍ତି ଉପରେ ପ୍ରଦେୟ ଶୁଳ୍କ ମୃତ୍ୟୁ ସମୟରେ ବା ତା'ପରେ କୌଣସି ସମୟରେ କଂପାନିର ଯେଉଁ ଆସ୍ତି ଥିଲା ବା ଥାଏ ସେହି ଆସ୍ତି ଉପରେ ଶୁଳ୍କ ପ୍ରତିଭୂତି ଆକାରରେ ଏକ ପ୍ରଥମ ପ୍ରଭାର ହେବ ଏବଂ ଶୁଳ୍କର ଯେଉଁ ଭାଗ ନିମିତ୍ତ ଉପଧାରା (1) ର ଖଣ୍ଡ (ଗ) ବଳରେ କୌଣସି ବ୍ୟକ୍ତି କୌଣସି ବିତରିତ ଆସ୍ତି ସଂପର୍କରେ ଉତ୍ତରଦାୟୀ ହୋଇଥାନ୍ତି ସେହି ଭାଗ ମଧ୍ୟ ସେହି ଆସ୍ତି ଉପରେ ପ୍ରଥମ ପ୍ରଭାର ହେବ :

ପରନ୍ତୁ, ଏହି ଉପଧାରାରେ ଥିବା କୌଣସି ବିଷୟ ଯେଉଁ ସଂପତ୍ତି କିଛି ସୂଚନା ନ ପାଇ କୌଣସି ବ୍ୟକ୍ତି ସେଥିନିମିତ୍ତ ମୂଲ୍ୟବାନ ପ୍ରତିଭୂତି ଦେଇ କ୍ରୟ କରିଥାନ୍ତି ସେହି କ୍ରେତାଙ୍କ ବିରୁଦ୍ଧରେ ସେହି ସଂପତ୍ତି ପ୍ରଭାରିତ କରିବା ଲାଗି ପ୍ରବୃତ୍ତ ହେବନାହିଁ ।

(୬) ଯେଉଁଠାରେ କୌଣସି ଶୁଳ୍କ—

(କ) ସେଥି ନିମିତ୍ତ କେବଳ ଉପଧାରା (1)ର ଖଣ୍ଡ (ଗ) ବଳରେ ଉତ୍ତରଦାୟୀ ହୋଇଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ; କିମ୍ବା

(ଖ) ତାହା ଯେଉଁ ବିତରିତ ଆସ୍ତିରେ ପ୍ରଭାରିତ ହୋଇଥାଏ ସେହି ବିତରିତ ଆସ୍ତିରୁ ଉପଧାରା (୫) ବଳରେ ଉଠାଯାଇଥାଏ ସେଠାରେ ସେହି ବ୍ୟକ୍ତି ବା ଯଥାସ୍ଥିତି ଯେଉଁ ବ୍ୟକ୍ତି ପ୍ରସାର ଅଧ୍ୟଧୀନରେ ଆସ୍ତିଗୁଡ଼ିକ ପ୍ରତି ହକ୍‌ଦାର ଥା'ନ୍ତି ସେହି ବ୍ୟକ୍ତି (ଏହି ଉପଧାରାରୁ ଅଲଗା ଭାବରେ ତାଙ୍କର ଯେଉଁ ଅଭିଦାୟ ବା କ୍ଷତିପୂରଣ ଅଧିକାର ଥାଏ ତାହା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ) ଉପରୋକ୍ତ ମତେ ପ୍ରଦାନ କରାଯାଇଥିବା ବା ଉଠାଯାଇଥିବା ଶୁଳ୍କ ପରିମାଣ ଯେଉଁ ବ୍ୟକ୍ତି ଉକ୍ତ ଖଣ୍ଡ (ଗ)ର ବଳ ଭିନ୍ନ ଅନ୍ୟଥା ସେଥି ନିମିତ୍ତ ଉତ୍ତରଦାୟୀ ଥା'ନ୍ତି ସେହି ବ୍ୟକ୍ତିଙ୍କଠାରୁ ଆଦାୟ କରିପାରିବେ ।

(7) କଂପାନି ଦ୍ୱାରା ପ୍ରଦତ୍ତ ଶୁଳ୍କର କୌଣସି ଭାଗ ମୃତ ବ୍ୟକ୍ତିଙ୍କର ମୃତ୍ୟୁ କାଳରେ କଂପାନିର ଆସ୍ତିରେ କୌଣସି ବ୍ୟକ୍ତି କୌଣସି ହିତ ପ୍ରତି ବା କଂପାନିର ଆସ୍ତି ଉପରେ ପ୍ରଭାରିତ ଧନରାଶି ପ୍ରତି ହକ୍‌ଦାର ଥିବା କାରଣରୁ କେବଳ କଂପାନି ଦ୍ୱାରା ସେହି ବ୍ୟକ୍ତିଙ୍କଠାରୁ ଆଦାୟ ଯୋଗ୍ୟ ହେବନାହିଁ ।

(୮) ଧାରା 53 ର ଉପଧାରା (1) ଓ (3)ର ଉପବନ୍ଧଗୁଡ଼ିକ ଧାରା 17 ବଳରେ ପ୍ରଦେୟ ଶୁଳ୍କ ସଂପର୍କରେ ପ୍ରଭାବୀ ହେବନାହିଁ ।

ସାଧାରଣ ଭବରେ ନିୟନ୍ତ୍ରିତ କମ୍ପାନିଗୁଡ଼ିକ ସମ୍ପର୍କରେ ନିୟମାବଳୀ ପ୍ରଣୟନ କରିବାକୁ କ୍ଷମତା ।

20. (1) ବୋର୍ଡ—

(କ) ଯେଉଁ ଶେୟାର ବ୍ୟୟନ ବା କ୍ରୟ ଧାରା 17ର ମର୍ମାନୁସାରେ ନିୟନ୍ତ୍ରିତ କଂପାନିଗୁଡ଼ିକୁ ଅନ୍ତରଣ ବୋଲି ବିବେଚିତ ହେବ ତାହା ବିହିତ କରି ;

(ଖ) ଯେଉଁ ବିଷୟଗୁଡ଼ିକ ସେପରି କୌଣସି ନିୟନ୍ତ୍ରିତ କଂପାନିରୁ ମୃତ ବ୍ୟକ୍ତିଙ୍କୁ ପ୍ରୋଦ୍‌ଭୂତ ହେଉଥିବା ଫାଇଦା ବୋଲି ଧରାଯିବ ତାହା ଯେଉଁ ରୀତିରେ ସେଗୁଡ଼ିକର ପରିମାଣ ଅବଧାରିତ ହେବ ତାହା ଏବଂ ଯେଉଁ ସମୟରେ ସେଗୁଡ଼ିକ ପ୍ରୋଦ୍‌ଭୂତ ହେଲା ବୋଲି ଧରାଯିବ ତାହା ବିହିତ କରି ;

(ଗ) ଯେଉଁ ରୀତିରେ ସେପରି କୌଣସି କଂପାନିର ନିଟ୍ ଆୟ ଓ ଆସ୍ତିଗୁଡ଼ିକର ମୂଲ୍ୟ ଅବଧାରିତ ହେବ ତାହା ବିହିତ କରି ;

(ଘ)-ଯେଉଁ ରୀତିରେ ସେପରି କୌଣସି କଂପାନିର ଗଣନାବର୍ଷ ହିସାବ କରାଯିବ ତାହା ବିହିତ କରି ;

(ଙ) ଯେଉଁ ରୀତିରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସେପରି କୌଣସି କଂପାନିର ଅଂଶ ବା ଋଣପତ୍ର ସଂପଦା ଶୁଳ୍କ ଲାଗି ମୂଲ୍ୟାୟିତ ହେବ ତାହା ବିହିତ କରି ;

(ଚ) ମୃତ ବ୍ୟକ୍ତିଙ୍କଦ୍ୱାରା ସେପରି କୌଣସି କଂପାନିକୁ ଅନ୍ତରିତ ସଂପତ୍ତିର ମୂଲ୍ୟ ସଂପର୍କରେ ଏକ ଉଚ୍ଚତର ସୀମା ଉପବଂଧିତ କରି ଏବଂ ଯେଉଁଠାରେ ଶୁଳ୍କ ସେପରି କୌଣସି କଂପାନିର ଆସ୍ତି (ବା ସେଗୁଡ଼ିକର ଏକ ଭାଗ) ଏବଂ ସେପରି କୌଣସି କଂପାନିରେ ମୃତବ୍ୟକ୍ତିଙ୍କର ଅଂଶ ଓ ଋଣପତ୍ର ଧାରଣ ଉଭୟ ସଂପର୍କରେ ଶୁଳ୍କ ଅନ୍ୟଥା ପ୍ରଦେୟ ହୁଅନ୍ତି, ସେଠାରେ ପ୍ରଭାରର ଦ୍ୱିଗୁଣନ ନିବାରିତକରି;

(ଛ) ଯେଉଁ ସର୍ତ୍ତରେ ଓ ଯେତିକି ବିସ୍ତାର ପର୍ଯ୍ୟନ୍ତ ସେପରି କୌଣସି କଂପାନିର ନାମରେ କାରବାର ପୂରା ପ୍ରତିଫଳ ସହ ସଦ୍‌ଭାବନାମୂଳକ କାରବାର ବୋଲି ବିବେଚିତ ହେବ, ତାହା ବିହିତ କରି ; ଏବଂ

(ଜ) ସାଧାରଣ ଭାବରେ ସେପରି କୌଣସି କମ୍ପାନିର ସଂସ୍ଥା ଜରିଆରେ ସଂପଦା ଶୁଳ୍କ ଏଡ଼ାଇବାକୁ ବନ୍ଦ କରିବା ଉଦ୍ଦେଶ୍ୟରେ,

ନିୟମାବଳୀ ପ୍ରଣୟନ କରିପାରିବ ।

(2) ଏହି ଧାରା ଅଧୀନରେ ପ୍ରଣୀତ ନିୟମାବଳୀ ସେଗୁଡ଼ିକର ଚୂଡ଼ାନ୍ତ ପ୍ରକାଶନ ତାରିଖ ପୂର୍ବରୁ ଅନ୍ୟୂନ ପଂଦର ଦିନ ନିମିତ୍ତ ଲୋକସଭାରେ ଉପସ୍ଥାପିତ ହେବ ।

**କେତେକ କ୍ଷେତ୍ରରେ ଭାରତ ବାହାରେ ନିଗମିତ କମ୍ପାନିଗୁଡ଼ିକର କର୍ତ୍ତବ୍ୟ ଓ ଦାୟିତ୍ୱ ।**

20. (କ) ଯେଉଁଠାରେ ଭାରତରେ ବ୍ୟବସାୟ ଚଳାଉଥିବା ଓ ଭାରତ ବାହାରେ ନିଗମିତ ହୋଇଥିବା ଏକ କଂପାନି ଭାରତୀୟ ଆୟକର ଅଧିନିୟମ, 1922 ର ଉଦ୍ଦେଶ୍ୟ ନିମିତ୍ତ କଂପାନିର ସଦସ୍ୟଂଙ୍କର ବା ଋଣପତ୍ର-ଧାରୀଙ୍କର ମୃତ୍ୟୁ ତାରିଖର ଠିକ୍ ପୂର୍ବବର୍ତ୍ତୀ ବର୍ଷଗୁଡ଼ିକର ତିନୋଟି ସଂପୂର୍ଣ୍ଣ ନିର୍ଦ୍ଧାରଣ ମଧ୍ୟରୁ ଦୁଇଟିରେ ନିବାସୀ ବୋଲି ଗଣ୍ୟ ହୋଇଥାନ୍ତି, ସେଠାରେ କଂପାନି, ଯଥାସ୍ଥିତି, ସଦସ୍ୟଙ୍କର ବା ଋଣପତ୍ରଧାରୀଂକର ମୃତ୍ୟୁ ସଂବାଦ ପାଇବାର ତିନିମାସ ମଧ୍ୟରେ କଂପାନିରେ ମୃତବ୍ୟକ୍ତିଙ୍କର ହିତ ସଂପର୍କରେ ବିହିତ ହେବା ମତେ ବିଶିଷ୍ଟ ବିବରଣ ନିୟନ୍ତ୍ରକଙ୍କୁ ଦେବ ଏବଂ କଂପାନି ଯେଉଁଠାରେ ମୃତବ୍ୟକ୍ତି ଭାରତରେ ଅଧିବସିତ ଜଣେ ବ୍ୟକ୍ତି ହୋଇଥାନ୍ତି ଏବଂ ଏହି ଅଧିନିୟମର କୌଣସି ଅନ୍ୟ ଉପବଂଧ ଅଧୀନରେ ଉତ୍ତରଦାୟୀ ଥିବା ବ୍ୟକ୍ତି ଯଥାସ୍ଥିତି, ତାହା ସଂପର୍କରେ ସଂପଦା ଶୁଳ୍କ ଦିଆଯାଇଛି କିମ୍ବା ଦିଆ ହୋଇନାହିଁ ବା କୌଣସି ସଂପଦା ଶୁଳ୍କ ଶୋଧ୍ୟ ହୋଇନାହିଁ ବୋଲି ଦର୍ଶିତ କରି ନିୟନ୍ତ୍ରକଙ୍କ ଠାରୁ ଏକ ପ୍ରମାଣପତ୍ର ପାଇଥିବା ବ୍ୟତିରେକେ ଯେଉଁ ସଂପଦା ଶୁଳ୍କ କଂପାନିରେ ମୃତବ୍ୟକ୍ତିଙ୍କ ଦ୍ୱାରା ଧାରିତ ଅଂଶ ବା ଋଣପତ୍ର ମୂଳ ମୂଲ୍ୟ ଉପରେ ଦ୍ୱିତୀୟ ଅନୁସୂଚୀରେ ଉଲ୍ଲିଖିତ ହାରରେ ବସାଯିବ ସେହି ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ହେବ ।

## ଭାଗ III

### ଶୁଳ୍କ ପ୍ରଭାରରୁ ଛାଡ଼

**ବିଦେଶୀ ସମ୍ପତ୍ତି**

21. (1) ମୃତବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସଂପତ୍ତିରେ—

(କ) ଭାରତ ବାହାରେ ଅବସ୍ଥିତ ସ୍ଥାବର ସଂପତ୍ତି;

(ଖ) ମୃତ୍ୟୁ ସମୟରେ ଭାରତ ବାହାରେ ଅବସ୍ଥିତ ଅସ୍ଥାବର ସଂପତ୍ତି—

(*i*) ଯାହାକି ବ୍ୟବସ୍ଥାପିତ ହୋଇଥିବା ବା ହୋଇ ନ ଥିବା କୌଣସି ସଂପତ୍ତି କ୍ଷେତ୍ରରେ ମୃତବ୍ୟକ୍ତିଙ୍କ ତାଙ୍କର ମୃତ୍ୟୁ ସମୟରେ ଭାରତରେ ଅଧିବସିତ ନଥିଲେ ସେହି କ୍ଷେତ୍ରରେ; କିମ୍ବା

(*ii*) ଯାହାକି ମୃତ ବ୍ୟକ୍ତି ଯେଉଁ ବ୍ୟବସ୍ଥାପିତ ସଂପତ୍ତିର ଆଜୀବନ ପ୍ରଜା ଥା'ନ୍ତି ସେହି ବ୍ୟବସ୍ଥାପିତ ସଂପତ୍ତିର ବ୍ୟବସ୍ଥାପକ ବ୍ୟବସ୍ଥାପନ ଯେଉଁ ତାରିଖରେ ପ୍ରଭାବୀ ହୋଇଥାଏ, ସେହି ତାରିଖରେ ଭାରତରେ ଅଧିବସିତ ନଥା'ନ୍ତି ସେହି କ୍ଷେତ୍ରରେ,

ଅନ୍ତର୍ଗତ ହେବନାହିଁ ।

(2) ବୋର୍ଡ ଯେଉଁ ରୀତିରେ ବିଭିନ୍ନ ଶ୍ରେଣୀର ଆସ୍ତିର ପ୍ରକୃତି ଓ ଅବସ୍ଥିତି ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ ଅବଧାରିତ ହେବ ସେହି ରୀତି ବିନିୟମିତ କରି ନିୟମାବଳୀ ପ୍ରଣୟନ କରିପାରିବ ।

**ମୃତ ବ୍ୟକ୍ତିଙ୍କ ଦ୍ୱାରା ନ୍ୟାସୀ ରୂପେ ଧାରିତ ସମ୍ପତ୍ତି ।**

22. ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ସଂପତ୍ତି ମୃତବ୍ୟକ୍ତିଙ୍କ ଦ୍ୱାରା କରାଯାଇ ନ ଥିବା ଏକ ବ୍ୟୟନ ଅଧୀନରେ କିମ୍ବା ମୃତବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଯେଉଁ ବ୍ୟୟନରେ (ମୂଳ ବ୍ୟୟନ କିମ୍ବା ମୃତବ୍ୟକ୍ତିଙ୍କ ଲାଗି ମୂଳତଃ ସଂରକ୍ଷିତ କୌଣସି ଫାଇଦାର ପରବର୍ତ୍ତୀ ସମର୍ପଣ ବଳରେ ବା ଅନ୍ୟଥା) ସଂପତ୍ତିର ଦଖଲ ଓ ଉପଭୋଗ ମୃତ୍ୟୁର ଅନ୍ୟୂନ ଦୁଇବର୍ଷ ପୂର୍ବରୁ ଫାଇଦାଗ୍ରାହୀଙ୍କ ଦ୍ୱାରା ସଦ୍‌ଭାବନାରେ ଗ୍ରହଣ କରାଯାଇଥାଏ ଏବଂ ତା'ପରେ ମୃତ ବ୍ୟକ୍ତିଙ୍କ କିମ୍ବା ସଂବିଦା ଦ୍ୱାରା ବା ଅନ୍ୟଥା ମୃତ ବ୍ୟକ୍ତିଙ୍କର ଥିବା ଫାଇଦାରୁ ତାଙ୍କୁ ପୂରାପୂରି ଭାବରେ ବାଦ୍ ଦେଇ ତାଙ୍କ ଦ୍ୱାରା ରଖାଯାଇଥାଏ ସେହି ବ୍ୟୟନ ଅଧୀନରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଲାଗି ନ୍ୟାସୀ ରୂପେ ଧାରିତ ସଂପତ୍ତିକୁ ଅନ୍ତର୍ଗତ କରୁଛି ବୋଲି ବିବେଚିତ ହେବ ନାହିଁ :

ପରନ୍ତୁ ମୃତବ୍ୟକ୍ତିଙ୍କ ଦ୍ୱାରା ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗ୍ନୀଙ୍କ ଲାଗି କରାଯାଇଥିବା ଏକ ବ୍ୟୟନ ଅଧୀନରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିମିତ୍ତ ନ୍ୟାସୀ ରୂପେ ମୃତ ବ୍ୟକ୍ତିଙ୍କ ଦ୍ୱାରା ଧାରିତ ଗୃହ ବା ତାହାର ଭାଗ ଯେଉଁଠାରେ ତହିଁରେ ବା ବାସାଧିକାର ପ୍ରାସଂଗିକ ବ୍ୟୟନ ଅଧୀନରେ ବା କୌଣସି ସାଂପାର୍ଶ୍ୱିକ ବ୍ୟୟନ ଅଧୀନରେ ପ୍ରତ୍ୟକ୍ଷଭାବରେ ବା ପରୋକ୍ଷଭାବରେ ସଂରକ୍ଷିତ ବା ସୁନିଶ୍ଚିତ ହୋଇଥାଏ ତାହା ବ୍ୟତିରେକେ ତହିଁରେ ମୃତ ବ୍ୟକ୍ତି କେବଳ ବାସ କରୁଥିବା କାରଣରୁ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ସଂପତ୍ତିର ଅନ୍ତର୍ଗତ ହୋଇଛି ବୋଲି ବିବେଚିତ ହେବନାହିଁ ।

ଦଖଲରେ ଥିବା ହିତ ହେବା ପୂର୍ବରୁ ହିତର ନାଶ ବା ସମାପ୍ତ ।

23. ବ୍ୟବସ୍ଥାପିତ ସଂପତ୍ତି କ୍ଷେତ୍ରରେ, ଯେଉଁଠାରେ ବ୍ୟବସ୍ଥାପନ ଅଧୀନରେ କୌଣସି ବ୍ୟକ୍ତିଙ୍କ ହିତ ତାହା ଦଖଲରେ ଥିବା ଏକ ହିତ ହେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିବା କାରଣରୁ ନଷ୍ଟ ବା ସମାପ୍ତ ହୁଏ ଏବଂ ବ୍ୟବସ୍ଥାପନ ଅଧୀନରେ ଏକ ବା ଅଧିକ ପରବର୍ତ୍ତୀ ପରିସୀମା ରହିଥାଏ ସେଠାରେ ସେହି ହିତ ନଷ୍ଟ ବା ସମାପ୍ତ ହେବା କାରଣରୁ କେବଳ, ତାଙ୍କର ମୃତ୍ୟୁରେ ପାରିତ ସଂପତ୍ତି ବୋଲି ବିବେଚିତ ହେବ ନାହିଁ ।

ସ୍ପଷ୍ଟୀକରଣ 1–ଯେଉଁଠାରେ ସଂପତ୍ତି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଜୀବନ ଲଗି ନିଜଠାରେ ଏବଂ ତାଙ୍କର ମୃତ୍ୟୁ ପରେ ଏକ ନିରଙ୍କୁଶ ହିତର ଚରମ ପ୍ରତ୍ୟାବର୍ତ୍ତନ ବା ବ୍ୟୟନ ଲଗି ନିରଙ୍କୁଶ କ୍ଷମତା ବ୍ୟବସ୍ଥାପକଙ୍କର ଥାଇ, କୌଣସି ଅନ୍ୟ ବ୍ୟକ୍ତିଙ୍କଠାରେ ବ୍ୟବସ୍ଥାପିତ ହୋଇଥାଏ ସେଠାରେ ବ୍ୟବସ୍ଥାପକ ସେତେବେଳେ ଆଜୀବନ ପ୍ରଜା ରୂପେ ସଂପତ୍ତିର ଦଖଲରେ ଥାଇ ସେହି ମୃତ୍ୟୁ ଫଳରେ ଅବ୍ୟବହିତ ପ୍ରତ୍ୟାବର୍ତ୍ତନ ପ୍ରତି ହକ୍‌ଦାର ହେବା କିମ୍ବା ସମଗ୍ର ସଂପତ୍ତି ବ୍ୟୟନିତ କରିବା ଲଗି ନିରଙ୍କୁଶ କ୍ଷମତା ଅର୍ଜନ କରିବା କାରଣରୁ କେବଳ ସେହି ସଂପତ୍ତି ସେହି ଅନ୍ୟ ବ୍ୟକ୍ତିଙ୍କ ମୃତ୍ୟୁରେ ବ୍ୟବସ୍ଥାପକଙ୍କୁ ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ ।

ସ୍ପଷ୍ଟୀକରଣ 2–ଯେଉଁଠାରେ ବ୍ୟବସ୍ଥାପିତ ସଂପତ୍ତିରେ ଜଣେ ବ୍ୟକ୍ତିଙ୍କ ହିତ ଉଇଲକର୍ତ୍ତା ବା ଜଣେ ଉଇଲ-ବିହୀନଙ୍କ ସଂପଦାର ଅବଶେଷକୁ ବା ଅବଶେଷର ଭାଗକୁ ନେଇ ଗଠିତ ହୋଇଥାଏ ଏବଂ ଉକ୍ତ ସଂପଦା ସେହି ବ୍ୟକ୍ତିଙ୍କ ମୃତ୍ୟୁ ପର୍ଯ୍ୟନ୍ତ ପରିଗ୍ଣନା ଅଧୀନରେ ରହିଥାଏ ସେଠାରେ ସେହି ଅବଶେଷରେ ବା ଅବଶେଷ ଭାଗରେ ବ୍ୟକ୍ତିଙ୍କର ସେହି ହିତ ଯେଉଁ ତାରିଖଠାରୁ ଅବଶେଷରୁ ବା ଅବଶେଷର ଭାଗରୁ ଆୟ ଉଇଲକର୍ତ୍ତାଙ୍କର ବା ଉଇଲବିହୀନଙ୍କର ମୃତ୍ୟୁର ଅବ୍ୟବହିତ ପରେ ଅଭିନିଶ୍ଚିତ ହୋଇଥିଲେ ସେହି ହିତର କାରଣ ହୋଇଥାନ୍ତା ସେହି ତାରିଖରେ ଦଖଲରେ ଥିବା ହିତ ହୋଇଛି ବୋଲି ବିବେଚିତ ହେବ ।

ପରିଗ୍ରାହକଙ୍କ ନିକଟକୁ ଫେରିବା ସମ୍ପତ୍ତି ।

24. (1) ଯେଉଁଠାରେ କୌଣସି ସଂପତ୍ତିର ବ୍ୟୟନ ଦ୍ୱାରା ପରିଗ୍ରାହକଙ୍କ ଭିନ୍ନ କୌଣସି ବ୍ୟକ୍ତିଙ୍କୁ ସେହି ବ୍ୟକ୍ତି ଆଜୀବନ କିମ୍ବା ତାଙ୍କର ମୃତ୍ୟୁରେ ସମାପନୀୟ ଏକ ହିତ ପ୍ରଦାନ କରାଯାଇଥାଏ ଓ ଅବଶିଷ୍ଟାଂଶ ପରିଗ୍ରାହକଙ୍କୁ ନିରଙ୍କୁଶଭାବରେ ପ୍ରଦତ୍ତ ହୋଇଥାଏ ଏବଂ ବ୍ୟକ୍ତି ହିତରେ ଦଖଲକାର ହୁଅନ୍ତି ଏବଂ ତା'ପରଠାରୁ ତାହାକୁ ଦଖଲରେ ରଖିଥାନ୍ତି, ତାହେଲେ ସେହି ବ୍ୟକ୍ତିଙ୍କ ମୃତ୍ୟୁରେ ସେହି ସଂପତ୍ତି ପରିଗ୍ରାହକଙ୍କ ଜୀବନ କାଳମଧ୍ୟରେ ପରିଗ୍ରାହକଙ୍କ ନିକଟକୁ ପ୍ରତ୍ୟାବର୍ତ୍ତିତ ହେବା କାରଣରୁ କେବଳ, ପାରିତ ହୋଇଛି ବୋଲି ବିବେଚିତ ହେବ ନାହିଁ ।

(2) ଯେଉଁ ଘରେ କୌଣସି ସଂପତ୍ତିର ବ୍ୟୟନ ଦ୍ୱାରା ଉପଧାରା (1)ରେ ବର୍ଣ୍ଣିତ କୌଣସି ହିତ ଦୁଇଜଣ ବା ଅଧିକ ବ୍ୟକ୍ତିଙ୍କୁ ପୃଥକଭାବରେ ବା ମିଳିତଭାବରେ ବା କ୍ରମାନ୍ୱୟରେ ପ୍ରଦତ୍ତ ହୋଇଥାଏ, ସେଠାରେ ଉପଧାରା (1) ଜଣେ ବ୍ୟକ୍ତିଙ୍କୁ ହିତ ପ୍ରଦତ୍ତ ହୋଇଥିଲେ ଯେପରି ପ୍ରଯୁଜ୍ୟ ହୁଏ ସେହି ରୀତିରେ ପ୍ରଯୁଜ୍ୟ ହେବ :

ପରନ୍ତୁ, ଯେଉଁଠାରେ ଉକ୍ତ ଜୀବନକାଳ ଲଗି ବା ସମାପନୀୟ ହିତ ଗ୍ରହଣ କରିଥିବା ବ୍ୟକ୍ତି ବା ବ୍ୟକ୍ତିମାନେ ବ୍ୟୟନ ପୂର୍ବରୁ କେବେ ନିଜେ ବା ସେମାନେ ଉକ୍ତ ସଂପତ୍ତି ବ୍ୟୟନିତ କରିବାକୁ ସକ୍ଷମ ଥାନ୍ତି, ସେଠାରେ ଉପଧାରା (1) ପ୍ରଯୁଜ୍ୟ ହେବ ନାହିଁ ।

ପତି ବା ପତ୍ନୀଙ୍କ ମୃତ୍ୟୁରେ ଅର୍ଜିତ ହୋଇଥିବା ବ୍ୟବସ୍ଥାପିତ ସମ୍ପତ୍ତିର ଆୟ ।

25. ଯେଉଁ ଘରେ ଜଣେ ପତି ବା ପତ୍ନୀ, ହୁଏତ ଏକା ବା ଅନ୍ୟ ସହ ମିଳିତଭାବରେ ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ପ୍ରଭାବୀ ହୋଇଥିବା ଏକ ବ୍ୟୟନ ଅଧୀନରେ ଅନ୍ୟ ଦ୍ୱାରା ବ୍ୟବସ୍ଥାପିତ କୌଣସି ସଂପତ୍ତିର ଆୟପ୍ରତି ହକ୍‌ଦାର ହୋଇଥାନ୍ତି ଏବଂ ତାଙ୍କର ମୃତ୍ୟୁପରେ ଉତ୍ତରଜୀବୀ ସେହି ଉତ୍ତରଜୀବୀଙ୍କ ଦ୍ୱାରା ବ୍ୟବସ୍ଥାପିତ (ସେହି ସମ୍ପତ୍ତି ନୁହେଁ) ସଂପତ୍ତିର ଆୟପ୍ରତି ହକ୍‌ଦାର ହେବେ ।

ଧନ ଆକାରରେ ପୂର୍ଣ୍ଣ ବା ଆଂଶିକ ପ୍ରତି-ଫଳ ନିମିତ୍ତ ସଦ୍‌ଭାବନା-ମୂଳକ କ୍ରୟ ଯୋଗୁ ପାରିତ ସମ୍ପତ୍ତି ।

26. (1) ଧାରା 27 ଓ ଧାରା 47ର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ ସମ୍ପଦା ଶୁଳ୍କ ଯେଉଁ ବ୍ୟକ୍ତିଙ୍କ ବ୍ୟୟନ ଅଧୀନରେ ସମ୍ପତ୍ତି ପାରିତ ହୁଏ, ସେହି ବ୍ୟକ୍ତିଙ୍କ ଠାରୁ ଏକ ସଦ୍‌ଭାବନାମୂଳକ କ୍ରୟ ହୋଇଥିବା କାରଣରୁ କେବଳ ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ସମ୍ପତ୍ତି ସମ୍ପର୍କରେ କିମ୍ବା ଜୀବନ ଲଗି ଏକ ପଟ୍ଟା ପୂର୍ବାଧିକାରୀଙ୍କ ଦଖଲକୁ ଆସିବା ସଂପର୍କରେ. କିମ୍ବା ଜୀବନଲଗି କୌଣସି ଆନୁଇଟିର ସମାପନ ସଂପର୍କରେ ପ୍ରଦେୟ ହେବ ନାହିଁ, ଯେଉଁଠାରେ କି ସେହି କ୍ରୟ କିମ୍ବା ପଟ୍ଟା ବା ଆନୁଇଟି ତାଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ କିମ୍ବା ଦାତା ଯେଉଁ ବ୍ୟକ୍ତିଙ୍କ ନିମିତ୍ତ ନ୍ୟାସୀ ଥାଆନ୍ତି ସେହି ବ୍ୟକ୍ତିଙ୍କ ବ୍ୟବହାର ବା ଫାଇଦା ନିମିତ୍ତ ବିକ୍ରେତାଙ୍କୁ ବା ଦାତାଙ୍କୁ ଦିଆଯାଇଥାଏ ।

(2) ଯେଉଁଠାରେ ସେପରି କୌଣସି କ୍ରୟ, କିମ୍ବା ପଟ୍ଟା ବା ଆନୁଇଟି ଧନ ବା ଧନର ମୂଲ୍ୟ ଆକାରରେ ତାଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ କିମ୍ବା ଦାତା ଯେଉଁବ୍ୟକ୍ତିଙ୍କ ନିମିତ୍ତ ନ୍ୟାସୀ ଥାଆନ୍ତି ସେହି ବ୍ୟକ୍ତିଙ୍କ ବ୍ୟବହାର ବା ଫାଇଦା ନିମିତ୍ତ ଆଂଶିକ ପ୍ରତିଫଳ ଲଗି ବିକ୍ରେତାଙ୍କୁ ବା ଦାତାଙ୍କୁ ଦିଆଯାଇଥାଏ ସେଠାରେ ପ୍ରତିଫଳର ମୂଲ୍ୟ ସଂପଦା ଶୁଳ୍କ ଉଦ୍ଦେଶ୍ୟରେ ସଂପତ୍ତିର ମୂଲ୍ୟରୁ ଏକ କାଟ ରୂପେ ଛାଡ଼ ଦିଆଯିବ ।

ସମ୍ପର୍କୀୟଙ୍କ ଲାଗି ବ୍ୟୟନ ।

27. (1) ମୃତ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କର ଜଣେ ସଂପର୍କୀୟଙ୍କ ଲାଗି କରୁଥିବା ବ୍ୟୟନ––

(କ) ସେହି ବ୍ୟୟନ ମୃତ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ ତାଙ୍କୁ ଧନ ବା ଧନର ମୂଲ୍ୟ ଆକାରରେ ଦିଆଯାଇଥିବା ପୂରା ପ୍ରତିଫଳ ନିମିତ୍ତ କରାଯାଇନଥିଲେ, କିମ୍ବା

(ଖ) ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟୟନ ଭିନ୍ନ ଅନ୍ୟଥା ତାଙ୍କଠାରେ ଅଧିରୋପିତ ଏକ ବୈଶ୍ୱାସିକ କ୍ଷମତାରେ ମୃତ ବ୍ୟକ୍ତି ସଂପୃକ୍ତ ନ ଥିଲେ ଏବଂ କେବଳ ସେପରି କ୍ଷମତାରେ କରାଯାଇ ନ ଥିଲେ,

ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଏକ ଦାନ ବୋଲି ବିବେଚିତ ହେବ ଏବଂ ଏହି ଅଧିନିୟମରେ ଦାନର ଉଲ୍ଲେଖର ତଦନୁଯାୟୀ ଅର୍ଥ କରାଯିବ :

ପରନ୍ତୁ, ଯେଉଁଠାରେ ସେହି ବ୍ୟୟନ ମୃତ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ନିଜ ବ୍ୟବହାର ବା ଫାଇଦା ନିମିତ୍ତ ଧନ ବା ଧନର ମୂଲ୍ୟ ଅକାରରେ ତାଙ୍କୁ ଦିଆଯାଇଥିବା ଆଂଶିକ ପ୍ରତିଫଳ ନିମିତ୍ତ ହୋଇଥାଏ ସେଠାରେ ପ୍ରତିଫଳର ମୂଲ୍ୟ ସଂପଦା ଶୁଳ୍କ ଉଦ୍ଦେଶ୍ୟରେ ସମ୍ପତ୍ତିର ମୂଲ୍ୟରୁ ଏକ କାଟ ରୂପେ ଛାଡ଼ି ଦିଆଯିବ ।

(2) ଯେଉଠାରେ ମୃତ ବ୍ୟକ୍ତି ତାଙ୍କର ଜଣେ ସଂପର୍କୀୟଙ୍କ ଲାଗି ଏକ ବ୍ୟୟନ କରିଥାନ୍ତି ସେଠାରେ ମୃତ ବ୍ୟକ୍ତିଙ୍କ ପକ୍ଷରେ ମୃତ ବ୍ୟକ୍ତିଙ୍କର ବା କୌଣସି ଅନ୍ୟ ବ୍ୟକ୍ତିଙ୍କର ବା କୌଣସି ଅନ୍ୟ ବ୍ୟକ୍ତିଙ୍କର ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ଆନୁଇଟି ବା ଅନ୍ୟ ହିତର ସୃଷ୍ଟି ବା ବ୍ୟୟନ ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ବ୍ୟୟନ ନିମିତ୍ତ ପ୍ରତିଫଳ ବୋଲି ଧରାଯିବ ନାହିଁ ।

(3) ଯଦି ଏକ ନିୟନ୍ତ୍ରିତ କଂପାନି ଏକ କାରବାରରେ ସଂପୃକ୍ତ ଥାଏ ଯାହା ସଂପର୍କରେ ଉପଧାରା (1)ର ଖଣ୍ଡ (କ)ର ଉପବନ୍ଧଗୁଡ଼ିକ କିମ୍ବା ଉପଧାରା (1)ର ପରନ୍ତୁକ ପ୍ରଭାବୀ ଅଛି ବୋଲି ଦାବି କରାଯାଉଥାଏ ତାହାହେଲେ ସେହି ଉପବନ୍ଧଗୁଡ଼ିକ ତାହା ସଂପର୍କରେ ପ୍ରଯୁଜ୍ୟ ହେବ, ଯଦି ଏବଂ କେବଳ ଯଦି, ଏବଂ ଯେତେଦୂର ପର୍ଯ୍ୟନ୍ତ ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି ଯେ ଉକ୍ତ ପ୍ରବନ୍ଧକଗୁଡ଼ିକର ନିମ୍ନଲିଖିତ ପରିସ୍ଥିତିରେ ପ୍ରଭାବ ଥାଆନ୍ତା ଅର୍ଥାତ ଯଦି କଂପାନିର ଆସ୍ତିଗୁଡ଼ିକ ତାହା ଦ୍ୱାରା ତାହାର ସଦସ୍ୟମାନଙ୍କ ଏବଂ କୌଣସି ଅନ୍ୟ ଯେଉଁ ବ୍ୟକ୍ତିଙ୍କ ପ୍ରତି ତାହା କଂପାନିର ସଂପୂର୍ଣ୍ଣତଃ ବା କେବଳ ବ୍ୟବସାୟ ଉଦ୍ଦେଶ୍ୟ ଭିନ୍ନ ଅନ୍ୟଥା କଂପାନିର ଅଂଶ ଓ ଋଣପତ୍ରର ସଂଲଗ୍ନ ଅଧିକାର ଅନୁଯାୟୀ ହୋଇଥିବା କୌଣସି ଦାୟିତ୍ୱ ଏବଂ ସେହି ଦାୟିତ୍ୱ ଯେଉଁ ନିର୍ବନ୍ଧନରେ କରାଯାଇଥାଏ ସେହି ନିର୍ବନ୍ଧନ ଅଧୀନରେ ସେହି ବ୍ୟକ୍ତିଙ୍କ ନିମିତ୍ତ ନ୍ୟାସରେ ଧାରିତ ହୋଇଥାଏ ଏବଂ ଯଦି କଂପାନିର ବ୍ୟବସାୟ ଚଳାଇବାକୁ ଏବଂ ତହିଁରେ କଂପାନିର ଆସ୍ତି ନିୟୋଜିତ କରିବାକୁ କେବଳ ଏକ ନ୍ୟାସୀର କ୍ଷମତାରେ କାର୍ଯ୍ୟ କରିଥାଏ ।

(4) ଏକ ନିୟନ୍ତ୍ରିତ କଂପାନି ଦ୍ୱାରା ମୃତ ବ୍ୟକ୍ତିଙ୍କର ଜଣେ ସଂପର୍କୀୟଙ୍କୁ ଦିଆଯାଇଥିବା ଦାନ ଯେଉଁ ନିୟନ୍ତ୍ରିତ କଂପାନିରେ କି ଦାନ ଦିଆଯିବା ସମୟରେ ମୃତ ବ୍ୟକ୍ତିଙ୍କର ଧାରା 17ର ଅର୍ଥାନ୍ତର୍ଗତ ନିୟନ୍ତ୍ରଣଥାଏ, ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ଏକ ଦାନ ବୋଲି ଧରାଯିବ, ଏବଂ ଦାନ ଦ୍ୱାରା ନିଆଯାଇଥିବା ସଂପତ୍ତି, ସେହି ଧାରା ବଳରେ ଯଦି ଓ ଯେତେଦୂର ପର୍ଯ୍ୟନ୍ତ ନିୟନ୍ତ୍ରକ ସନ୍ତୁଷ୍ଟ ହୋଇଥାନ୍ତି ଯେ ପୂର୍ବବର୍ତ୍ତୀ ଉପଧାରାରେ ବର୍ଣ୍ଣିତ ସଂପତ୍ତିରେ ଅନ୍ତର୍ଗତ ହୋଇଛି ବୋଲି ଧରାଯିବ ।

(5) ଯଦି ମୃତ ବ୍ୟକ୍ତି ଏକ ନିୟନ୍ତ୍ରିତ କମ୍ପାନି ଲାଗି ଏକ ବ୍ୟୟନ କରୁଥାନ୍ତି ଯାହାକି, ତାହା ତାଙ୍କର କୌଣସି ସମ୍ପର୍କୀୟଙ୍କ ଲାଗି ହୋଇଥିଲେ ଉପଧାରା (2) ମଧ୍ୟରେ ପଡୁଥାନ୍ତା; ତାହାହେଲେ ମୃତ ବ୍ୟକ୍ତିଙ୍କର କୌଣସି ସମ୍ପର୍କୀୟ ବ୍ୟୟନ ସମୟରେ ବା ପରବର୍ତ୍ତୀ କାଳରେ ମୃତ ବ୍ୟକ୍ତିଙ୍କ ଜୀବଦଶାରେ କମ୍ପାନିର ସଦସ୍ୟ ନଥିଲେ ବୋଲି ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ଦର୍ଶିତ ହୋଇଥିଲେ; ଏହି ଧାରା ସେହି ବ୍ୟୟନ ତାଙ୍କର ଜଣେ ସମ୍ପର୍କୀୟଙ୍କ ଲାଗି ହୋଇଥିବା ପରି ଅନୁରୂପ ରୀତିରେ ପ୍ରଭାବୀ ହେବ ।

ସ୍ପଷ୍ଟୀକରଣ—ଏହି ଉପଧାରାର ଉଦ୍ଦେଶ୍ୟ ନିମିତ୍ତ ଯେଉଁ ବ୍ୟକ୍ତି ଏକ ନିୟନ୍ତ୍ରିତ କମ୍ପାନିର ସଦସ୍ୟ ଥାନ୍ତି ବା ଏହି ଉପବନ୍ଧ ବଳରେ ସଦସ୍ୟ ବୋଲି ବିବେଚିତ ହୋଇଥାନ୍ତି, ଯେଉଁ ନିୟନ୍ତ୍ରିତ କମ୍ପାନିଟି ସେପରି ଅନ୍ୟ ଏକ କମ୍ପାନିର ସଦସ୍ୟ ହୋଇଥାଏ, ସେହି ବ୍ୟକ୍ତି ସେହି କମ୍ପାନିର ସଦସ୍ୟ ବୋଲି ବିବେଚିତ ହେବ ।

(6) ଯେଉଁଠାରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ଉପଧାରା (2)ରେ ବର୍ଣ୍ଣିତ ମତେ ଆନୁଇଟି ବା ଅନ୍ୟହିତ ସମ୍ପର୍କରେ କୌଣସି ପ୍ରଦାନର ଗ୍ରହଣ ସମ୍ପର୍କରେ କିମ୍ବା ସେପରି ପ୍ରଦାନର ଗ୍ରହଣ ସେ କରିବା ଲାଗି ତାଙ୍କୁ ସକ୍ଷମ କରାଇବା ବା ତାଙ୍କ ଦ୍ୱାରା ସେପରି ପ୍ରଦାନର ଗ୍ରହଣ ସୁଗମ କରିବା ଉଦ୍ଦେଶ୍ୟରେ ସହଯୁକ୍ତ କ୍ରିୟା ପ୍ରଭାବୀ ହୋଇଥାଏ, ସେଠାରେ ଏହି ଧାରା ମୃତ ବ୍ୟକ୍ତିଙ୍କ ଲାଗି ସେପରି ଏକ ଆନୁଇଟି ବା ଅନ୍ୟ ହିତର ସୃଷ୍ଟି ବା ବ୍ୟୟନ ସମ୍ପର୍କରେ ଯେପରି ପ୍ରଭାବୀ ହୁଏ, ସେହିପରି ପ୍ରତ୍ୟେକ ସହଯୁକ୍ତ କ୍ରିୟା ସମ୍ପର୍କରେ ପ୍ରଭାବୀ ହେବ ।

(7) ଏହି ଧାରାରେ,

(*i*) ମୃତ ବ୍ୟକ୍ତିଙ୍କ ସମ୍ପର୍କରେ "ସମ୍ପର୍କୀୟ" ଅର୍ଥ—

(କ) ମୃତ ବ୍ୟକ୍ତିଙ୍କର ପତ୍ନୀ ବା ପତି,

(ଖ) ମୃତ ବ୍ୟକ୍ତିଙ୍କର ପିତା, ମାତା, ସନ୍ତାନ, ପିତୃସ୍ଥାନୀୟ ବ୍ୟକ୍ତି ଓ ମାତୃସ୍ଥାନୀୟା ବ୍ୟକ୍ତି, ଏବଂ

(ଗ) ପୂର୍ବବର୍ତ୍ତୀ ଉପଖଣ୍ଡଗୁଡ଼ିକରୁ କୌଣସିଟି ମଧ୍ୟରେ ପଡୁଥିବା କୌଣସି ବ୍ୟକ୍ତିଙ୍କର ଜଣେ ଆତ୍ମଜ ଏବଂ ସେହି ବ୍ୟକ୍ତି ବା ଆତ୍ମଜଙ୍କୁ ବିବାହ କରିଥିବା ପକ୍ଷ;

(*ii*) "ଶିଶୁ" ଓ "ଆତ୍ମଜ"ର ଉଲ୍ଲେଖ ଅବୈଧ ଶିଶୁ ଓ ପୋଷ୍ୟ ଶିଶୁଙ୍କୁ ଅନ୍ତର୍ଗତ କରେ;

(*iii*) "ଆନୁଇଟି" ପରସ୍ପର ସମ୍ପର୍କ ଥାଉ ବା ନ ଥାଉ, ସମାନ ପରିମାଣର ହୋଇଥାଉ ବା ଭିନ୍ନ ଭିନ୍ନ ପରିମାଣର ହୋଇଥାଉ ଏବଂ ନିୟମିତ ବ୍ୟବଧାନରେ ପ୍ରଦେୟ ହୋଇଥାଉ ବା ତାହାର ଅନ୍ୟଥା ହୋଇଥାଉ, କୌଣସି ପ୍ରଦାନବଳୀକୁ ଅନ୍ତର୍ଗତ କରେ, ଏବଂ ଏକ କମ୍ପାନିର ଅଂଶ ବା ଋଣପତ୍ର ଉପରେ ଲଭାଂଶ ବା ସୁଧର ପ୍ରଦାନ ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ ଏକ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ଆନୁଇଟି ଗଠନ କରୁଥିବା ପ୍ରଦାନବଳୀ ବୋଲି ଧରାଯିବ, ଯଦି ସେହି ପ୍ରଦାନ ଏକ କମ୍ପାନିର ଅଂଶ ବା ଋଣପତ୍ରର ସଂଲଗ୍ନ ହୋଇଥିବା ଅଧିକାର ବା ନିଗମର ପ୍ରତ୍ୟକ୍ଷ ବା ପରୋକ୍ଷ ସମାପନ ବା କୌଣସି ପରିବର୍ତ୍ତନ ହେବା କାରଣରୁ, ମୃତ୍ୟୁରେ ସମାପ୍ତ ହେବାକୁ ଦାୟୀ ହୋଇଥାଏ ବା ତାହାର ପରିମାଣ ମୃତ୍ୟୁରେ ହ୍ରାସ ହେବା ଲାଗି ଦାୟୀ ହୋଇଥାଏ;

(1) "ସହଯୁକ୍ତ କ୍ରିୟା" ଅର୍ଥ କୌଣସି ପ୍ରକାରେ ଦୁଇଟି ବା ଅଧିକ ସହଯୁକ୍ତ କ୍ରିୟା—

(କ) ଯାହାକି ଯେଉଁ କ୍ରିୟାଗୁଡ଼ିକ ସେହି ଏକ ସମ୍ପତ୍ତିକୁ ପ୍ରଭାବିତ କରେ, କିମ୍ବା ତହିଁରୁ ଗୋଟିଏ କୌଣସି ସମ୍ପତ୍ତିକୁ ପ୍ରଭାବିତ କରେ ଏବଂ ଅନ୍ୟଟି ବା ଅନ୍ୟଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷଭାବରେ, ସେହି ସମ୍ପତ୍ତି ପ୍ରତିନିଧିତ୍ୱ ହୋଇଥିବା ସମ୍ପତ୍ତିକୁ ବା ସେହି ସମ୍ପତ୍ତିରୁ ଉଦ୍‌ଭୂତ ଆୟକୁ କିମ୍ବା ସେହି ଆୟ ଏକତ୍ରିତ ହୋଇ ପ୍ରତିନିଧିତ୍ୱ ହୋଇଥିବା ସମ୍ପତ୍ତିକୁ, ବା ସେହି ସମ୍ପତ୍ତିରୁ ଉଦ୍‌ଭୂତ ଆୟକୁ କିମ୍ବା ସେହି ଆୟ ଏକତ୍ରିତ ହୋଇ ପ୍ରତିନିଧିତ୍ୱ ହୋଇଥିବା ସମ୍ପତ୍ତିକୁ, ପ୍ରଭାବିତ କରେ; କିମ୍ବା

(ଖ) ଯାହାକି ଯେକୌଣସି ଦୁଇଟି କ୍ରିୟାରୁ ଗୋଟିଏ ଅନ୍ୟଟି ସମ୍ପର୍କରେ, କିମ୍ବା ତାହାକୁ ପ୍ରଭାବୀ କରିବାକୁ ସକ୍ଷମ କରିବା କିମ୍ବା ତାହାର ପ୍ରଭାବୀ ହେବା ସୁଗମ କରିବାକୁ ଅଭିପ୍ରାୟରେ ପ୍ରଭାବୀ ହୋଇଥାଏ, ଏବଂ ସେହି ଦୁଇଟି କ୍ରିୟା ମଧ୍ୟରୁ କୌଣସିଟି ସହ ଅନୁରୂପ ସମ୍ପର୍କ ଥିବା ଅନୁରୂପ ତୃତୀୟ କ୍ରିୟା ଏବଂ ଏହି ତିନୋଟି ମଧ୍ୟରୁ କୌଣସିଟି ସହ ଅନୁରୂପ ସମ୍ପର୍କ ଥିବା ଅନୁରୂପ ଚତୁର୍ଥ କ୍ରିୟା ଏହି କ୍ରମରେ ପ୍ରଭାବୀ ହୋଇଥାଏ । ହୁଏତ ସେହି କ୍ରିୟାଗୁଡ଼ିକ ସେହି ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବୀ ହୋଇଥାଉ ବା ବିଭିନ୍ନ ବ୍ୟକ୍ତିଙ୍କଦ୍ୱାରା ପ୍ରଭାବୀ ହୋଇଥାଉ, ହୁଏତ ସେଗୁଡ଼ିକ ଉପରୋକ୍ତ ଠାରୁ ଅନ୍ୟଥା ସମ୍ପର୍କିତ ହୋଇଥାଉ ବା ହୋଇ ନଥାଉ, ଏବଂ ହୁଏତ ସେଗୁଡ଼ିକର ସମକାଳୀନ ବା ତନ୍ମଧ୍ୟରୁ କୌଣସି ପୂର୍ବବର୍ତ୍ତୀଥିଲା ବା କୌଣସିଟି ପରେ ହୋଇଥାଉ ।

କେତେକ ପୂର୍ବ ବିକ୍ରୟ ଓ ବନ୍ଧକ ଉପରେ ନୂଆ ବା ବର୍ଦ୍ଧିତ ହାରରେ ସଂପଦା ଶୁଳ୍କର ପ୍ରଭାବ।

28. ଯେଉଁଠାରେ କୌଣସି ସମ୍ପତ୍ତିର ପ୍ରତ୍ୟାଶା କରାଯାଉଥିବା ହିତ, ତାହା ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ହୋଇଥାଉ, ଧନ ବା ଧନର ମୂଲ୍ୟ ଆକାରରେ ପୂରା ପ୍ରତିଫଳ ନିମିତ୍ତ ସଦ୍‌ଭାବନାରେ ବିକ୍ରୟ କରାଯାଇଥିବା ବା ବନ୍ଧକ ଦିଆଯାଇଥାଏ, ଏବଂ ସେହି ହିତ ଦଖଲରେ ପଡ଼ିବା ସମୟରେ ମରିଥିବା ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରବୃତ୍ତ ଥିବା ସମ୍ପଦା ଶୁଳ୍କ ହାର ବିକ୍ରୟ ବା ବନ୍ଧକ ସମୟରେ ମରିଥିବା ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରବୃତ୍ତ ଥିବା ହାର ଠାରୁ ଉଚ୍ଚତର ହୋଇଥାଏ, ସେଠାରେ,—

(କ) ବିକ୍ରୟ ବା ବନ୍ଧକ ସମୟରେ ମରିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ସମ୍ପଦା ଶୁଳ୍କ ହାର ପ୍ରବୃତ୍ତ ହାର ହୋଇଥିଲେ, ସେହି ହିତ ଦଖଲରେ ପଡ଼ିବା ସମୟରେ ଯେଉଁ ଶୁଳ୍କ ହାର ପ୍ରବୃତ୍ତ ହାର ହୋଇଥିଲେ, ସେହି ହିତ ଦଖଲରେ ପଡ଼ିବା ସମୟରେ ଯେଉଁ ଶୁଳ୍କ ପ୍ରଦେୟ ହୋଇଥାନ୍ତା ତାହା ଭିନ୍ନ ସେହି ସମ୍ପତ୍ତି ଉପରେ କୌଣସି ଅନ୍ୟ ଶୁଳ୍କ କ୍ରେତା ବା ବନ୍ଧକ ଗ୍ରହୀତାଙ୍କ ଦ୍ୱାରା ପ୍ରଦେୟ ହେବ ନାହିଁ, ଏବଂ

(ଖ) ଏକ ବନ୍ଧକ କ୍ଷେତ୍ରରେ, ବନ୍ଧକକର୍ତ୍ତାଙ୍କ ଦ୍ୱାରା, ପ୍ରଦେୟ ଉଚ୍ଚତର କୌଣସି ଶୁଳ୍କ ବନ୍ଧକ ଗ୍ରହୀତାଙ୍କ ପରବର୍ତ୍ତୀ ଏକ ପ୍ରଭାର ରୂପେ ସ୍ଥାନ ପାଇବ ।

ବ୍ୟବସ୍ଥାପିତ ସମ୍ପତ୍ତି ଯାହା ସମ୍ପର୍କରେ କି ବ୍ୟବସ୍ଥାପନ ତାରିଖର ମୃତ ବ୍ୟକ୍ତିଙ୍କର ପତି ବା ପତ୍ନୀଙ୍କ ମୃତ୍ୟୁର ସମ୍ପଦା ଶୁଳ୍କ ଦିଆଯାଇଥାଏ ।

29. ଯଦି କୌଣସି ବ୍ୟବସ୍ଥାପିତ ସମ୍ପତ୍ତି ସମ୍ପର୍କରେ, ବିବାହରେ କୌଣସି ଏକ ପକ୍ଷଙ୍କ ମୃତ୍ୟୁରେ ବ୍ୟବସ୍ଥାପନ ତାରିଖଠାରୁ ସଂପଦା ଶୁଳ୍କ ଦିଆହୋଇଥାଏ, ତାହାହେଲେ ବିବାହରେ ଅନ୍ୟପକ୍ଷଙ୍କ ମୃତ୍ୟୁରେ ତାହା ସଂପର୍କରେ ସଂପଦା ଶୁଳ୍କ ପ୍ରଦେୟ ହେବ ନାହିଁ, ଯଦି ପରୋକ୍ତ ବ୍ୟକ୍ତି ତାଙ୍କ ମୃତ୍ୟୁ ସମୟରେ କିମ୍ବା ବ୍ୟବସ୍ଥାପନ ଚାଲୁଥିବା କାଳରେ କୌଣସି ସମୟରେ ସେହି ସଂପତ୍ତି ବ୍ୟୟନିତ କରିବାକୁ ସକ୍ଷମ ନଥାନ୍ତି, ଏବଂ ଯଦି ତାଙ୍କର ମୃତ୍ୟୁରେ ବ୍ୟବସ୍ଥାପନ ଅଧୀନରେ ପରବର୍ତ୍ତୀ ପରିସୀମା ସେହି ସଂପତ୍ତି ସଂପର୍କରେ ପ୍ରଭାବୀ ହୋଇଥାଏ, ତାହାହେଲେ ତାଙ୍କ ମୃତ୍ୟୁ ସମୟରେ ବିଧିସକ୍ଷମ ଥିଲେ ବା ଏହିରୂପେ ସଂପତ୍ତି ବ୍ୟୟନିତ କରିବାକୁ ସକ୍ଷମ ଥିଲବେଳେ କୌଣସି ସମୟରେ ବିଧିସକ୍ଷମ ହୋଇଥାନ୍ତି ।

କେତେକ କ୍ଷେତ୍ରରେ ପେନସନ୍ ଇତ୍ୟାଦିର ଛାଡ ।

29କ. ସଂପଦା ଶୁଳ୍କ–

(କ) କେନ୍ଦ୍ର ସରକାରଙ୍କ ସଂଶୋଧିତ ପେନସନ ନିୟମାବଳୀ ଅଧୀନରେ କିମ୍ବା ଏକ ରାଜ୍ୟ ସରକାରଙ୍କର ଏକ ସ୍ଥାନୀୟ ପ୍ରାଧିକାରୀର କିମ୍ବା କେନ୍ଦ୍ର, ରାଜ୍ୟ ବା ପ୍ରାଦେଶିକ ଅଧିନିୟମ ଦ୍ୱାରା ସ୍ଥାପିତ ଏକ କରର୍ପୋରେସନର ଅନୁରୂପ ପରିକଳ୍ପନା ଅଧୀନରେ, କିମ୍ବା ପ୍ରତିରକ୍ଷା ସେବାର ବ୍ୟକ୍ତିମାନଙ୍କ ପ୍ରତି ପ୍ରଯୁଜ୍ୟ ନୂଆ ପେନସନ୍ ସଂହିତା ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ତାଙ୍କର ବିଧବାଙ୍କୁ ବା ଅନ୍ୟ ନିର୍ଭରଶୀଳ ବ୍ୟକ୍ତିଙ୍କୁ ପ୍ରୋଦ୍‌ଭୂତ ବା ଉଦ୍‌ଭୂତ କୌଣସି ପେନସନ; କିମ୍ବା

(ଖ) ସେହି ବିଧବାଙ୍କୁ ବା ନିର୍ଭରଶୀଳ ବ୍ୟକ୍ତିଙ୍କୁ–

(*i*) ଭାରତୀୟ ଆୟକର ଅଧିନିୟମ, 1922, ବା ଆୟକର ଅଧିନିୟମ, 1961 ଅଧୀନରେ ଆନୁଇଟି ବା ପେନସନ୍ ପରିମାଣ ବାର୍ଷିକ ପନ୍ଦର ହଜାର ଟଙ୍କାରୁ ଅଧିକ ହେଉ ନ ଥିବା ପର୍ଯ୍ୟନ୍ତ, ଅନୁମୋଦିତ ଏକ ଅଧିନିୟମ ପାଣ୍ଠିରୁ, ବା

(*ii*) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏଥି ନିମିତ୍ତ ଯେଉଁ ଆନ୍ତର୍ଜାତିକ ସଂସ୍ଥାକୁ ବିନିର୍ଦ୍ଦିଷ୍ଟ କରନ୍ତି ସେହି ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା ସ୍ଥାପିତ ଅଧିବୟସ ବା ପେନସନ୍ ପାଣ୍ଠିରୁ ପ୍ରଦେୟ ଆନୁଇଟି ବା ପେନସନ୍ ସଂପର୍କରେ ପ୍ରଦେୟ ହେବ ନାହିଁ

ସମ୍ପଦା ଶୁଳ୍କ ସମ୍ପର୍କରେ ଦୋହରା କର ଏଡ଼ାଇବା ବା ଛାଡ଼ ନିମିତ୍ତ ରାଜିନାମା ।

30. କେନ୍ଦ୍ର ସରକାର କୌଣସି ପରସ୍ପରବର୍ତ୍ତୀ ଦେଶର ସରକାରଙ୍କ ସହ ଏହି ଅଧିନିୟମ ଅଧୀନରେ ଏବଂ ପରସ୍ପରବର୍ତ୍ତୀ ଦେଶରେ ପ୍ରବୃତ୍ତ ଥିବା ତତ୍‌ସମ ବିଧି ଅଧୀନରେ ଉଦ୍‌ଗ୍ରହଣଯୋଗ୍ୟ ସଂପଦା ଶୁଳ୍କ ସଂପର୍କରେ ଦୋହରା କର ଏଡ଼ାଇବା ବା ଛାଡ଼ ନିମିତ୍ତ ରାଜିନାମା କରିପାରିବେ ଏବଂ ସେହି ରାଜିନାମା କାର୍ଯ୍ୟକାରୀ କରିବା ନିମିତ୍ତ ଆବଶ୍ୟକ ହେବାମତେ ଉପବନ୍ଧ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା କରିପାରିବେ ।

ସ୍ପଷ୍ଟୀକରଣ–ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ "ପରସ୍ପରବର୍ତ୍ତୀ ଦେଶ" ପଦର ଅର୍ଥ ଯେଉଁ ଦେଶକୁ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା, ଏକ ପରସ୍ପରବର୍ତ୍ତୀ ଦେଶ ବୋଲି ଘୋଷଣା କରନ୍ତି ସେହି ଦେଶ ।

ସମ୍ପତ୍ତିର ଦ୍ରୁତ ଉତ୍ତରାଧିକାର ଲାଗି ଛାଡ଼ ।

31. ଯେଉଁଠାରେ ବୋର୍ଡ ସନ୍ତୁଷ୍ଟ ହୁଏ ଯେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ସଂପତ୍ତି ଉପରେ ସଂପଦା ଶୁଳ୍କ ପ୍ରଦେୟ ହୋଇଛି, ଏବଂ ପରେ ପାଞ୍ଚବର୍ଷ ମଧ୍ୟରେ ପ୍ରଥମ ମୃତ୍ୟୁରେ ଯେଉଁ ବ୍ୟକ୍ତିଙ୍କୁ ସେହି ସଂପତ୍ତି ପାରିତ ହୋଇଥାଏ ସେହି ବ୍ୟକ୍ତିଙ୍କ ମୃତ୍ୟୁରେ ସେହି ସଂପତ୍ତି ବା ତାହାର କୌଣସି ଭାଗ ଉପରେ ପୁନର୍ବାର ସଂପଦା ଶୁଳ୍କ ପ୍ରଦେୟ ହୋଇଛି, ସେଠାରେ ଦ୍ୱିତୀୟ ମୃତ୍ୟୁରେ ପାରିତ ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କ ପରିମାଣ ନିମ୍ନମତେ ହ୍ରାସ କରାଯିବ:–

ଯେଉଁଠାରେ ଦ୍ୱିତୀୟ ମୃତ୍ୟୁ ପ୍ରଥମ ମୃତ୍ୟୁର ଏକବର୍ଷ ମଧ୍ୟରେ ଘଟେ, ସେଠାରେ ଶତକଡ଼ା ପଚାଶ ଭାଗ ;

ଯେଉଁଠାରେ ଦ୍ୱିତୀୟ ମୃତ୍ୟୁ ପ୍ରଥମ ମୃତ୍ୟୁର ଦୁଇବର୍ଷ ମଧ୍ୟରେ ଘଟେ, ସେଠାରେ ଶତକଡ଼ା ଚାଳିଶ ଭାଗ;

ଯେଉଁଠାରେ ଦ୍ୱିତୀୟ ମୃତ୍ୟୁ ପ୍ରଥମ ମୃତ୍ୟୁର ତିନିବର୍ଷ ମଧ୍ୟରେ ଘଟେ, ସେଠାରେ ଶତକଡ଼ା ତିରିଶ ଭାଗ;

ଯେଉଁଠାରେ ଦ୍ୱିତୀୟ ମୃତ୍ୟୁ ପ୍ରଥମ ମୃତ୍ୟୁର ଚାରିବର୍ଷ ମଧ୍ୟରେ ଘଟେ, ସେଠାରେ ଶତକଡ଼ା କୋଡ଼ିଏ ଭାଗ;

ଯେଉଁଠାରେ ଦ୍ୱିତୀୟ ମୃତ୍ୟୁ ପ୍ରଥମ ମୃତ୍ୟୁର ପାଞ୍ଚବର୍ଷ ମଧ୍ୟରେ ଘଟେ, ସେଠାରେ ଶତକଡ଼ା ଦଶ ଭାଗ :

ପରନ୍ତୁ, ଯେଉଁଠାରେ ଦ୍ୱିତୀୟ ମୃତ୍ୟୁରେ ସଂପତ୍ତିର ଯେଉଁ ମୂଲ୍ୟ ଉପରେ ଶୁଳ୍କ ପ୍ରଦେୟ ହୁଏ ସେହି ମୂଲ୍ୟ, ପ୍ରଥମ ମୃତ୍ୟୁରେ ସଂପତ୍ତିର ଯେଉଁ ମୂଲ୍ୟ ଉପରେ ଶୁଳ୍କ ପ୍ରଦେୟ ହୋଇଥାଏ ସେହି ମୂଲ୍ୟଠାରୁ ଅଧିକ ହୋଇଥାଏ ସେଠାରେ ଏହି ଧାରା ଅଧୀନରେ ଯେଉଁ ଶୁଳ୍କ ପରିମାଣର ହ୍ରାସ ପରିକଳନା କରାଯିବ ସେହି ଶୁଳ୍କ ପରିମାଣ ପରିକଳନା କରିବା ଉଦ୍ଦେଶ୍ୟରେ ପରୋକ୍ତ ମୂଲ୍ୟ ପୂର୍ବୋକ୍ତ ମୂଲ୍ୟଲାଗି ପ୍ରତିସ୍ଥାପିତ ହେବ ।

ସ୍ପଷ୍ଟୀକରଣ—ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ ପ୍ରତ୍ୟେକ ମୃତ୍ୟୁ ତାହାର ଠିକ୍ ପୂର୍ବବର୍ତ୍ତୀ ମୃତ୍ୟୁ ସଂପର୍କରେ ଦ୍ୱିତୀୟ ମୃତ୍ୟୁ ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ 2—ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ କୌଣସି କାଳାବଧି ଗଣନା କରିବା ସମୟରେ ଯେଉଁ ବ୍ୟକ୍ତିଙ୍କ ସଂପତ୍ତି ସଂପର୍କରେ ସଂପଦା ଶୁଳ୍କ ପ୍ରଦେୟ ହୋଇଥାଏ, ସେହି ବ୍ୟକ୍ତିଙ୍କ ମୃତ୍ୟୁପରେ ତିନିମାସ ମଧ୍ୟରେ ଘଟିଥିବା ମୃତ୍ୟୁ ଗୁଡ଼ିକ ଗୋଟିଏ ମୃତ୍ୟୁ ବୋଲି ଧରାଯିବ, ଏବଂ ଉକ୍ତ ତିନିମାସ କାଳାବଧି ମଧ୍ୟରେ ପରବର୍ତ୍ତୀ ମୃତ୍ୟୁ ଗୁଡ଼ିକ ଘଟିଥିବା କାରଣରୁ ସେହି ସଂପତ୍ତି ଉପରେ ପୁନର୍ବାର ସଂପଦା ଶୁଳ୍କର ପ୍ରଦେୟ ହେବ ନାହିଁ ।

କେତେକ କ୍ଷେତ୍ରରେ ପୂର୍ବାଧିକାରୀଙ୍କ ନିକଟକୁ ଆସିଥିବା ହିନ୍ଦୁ ବିଧବାଙ୍କ ହିତର ଛାଡ଼ ।

32. ଯେଉଁଠାରେ ହିନ୍ଦୁ ବିଧିର କୌଣସି ମତବାଦ ଦ୍ୱାରା ପରିଚାଳିତ କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ କୌଣସି ସଂପତ୍ତିରେ ତାଙ୍କର ହିତ ତାଙ୍କର ବିଧବାଙ୍କ ନିକଟକୁ ଆସିଥାଏ, ସେଠାରେ, ଯଦି ସେହି ବିଧବା ତାଙ୍କ ପତିଙ୍କ ମୃତ୍ୟୁର ସାତବର୍ଷ ମଧ୍ୟରେ ମରିଥାନ୍ତି ଏବଂ ଉପରୋକ୍ତ ହିତ ପୂର୍ବାଧିକାରୀମାନଙ୍କ ବା ସେମାନଙ୍କ ମଧ୍ୟରୁ ଜଣଙ୍କ ନିକଟକୁ ଫେରିଆସେ, ତାହାହେଲେ ତାଙ୍କ ପତିଙ୍କ ମୃତ୍ୟୁରେ ହିତ ପାରିତ ହୋଇଥିବା ସଂପର୍କରେ ଯଦିଓ ଯେତିକି ସଂପଦା ଶୁଳ୍କ ପ୍ରଦାନ କରାଯାଇଥାଏ, ତେବେ ଓ ସେତିକି ପର୍ଯ୍ୟନ୍ତ ବିଧବାଙ୍କ ମୃତ୍ୟୁପରେ ପାରିତ ଉପରୋକ୍ତ ହିତ ସଂପର୍କରେ ସଂପଦା ଶୁଳ୍କ ଉଦ୍‌ଗ୍ରହଣ ଯୋଗ୍ୟ ହେବ ନାହିଁ ।

ଛାଡ଼

33. (1) ଏହି ଉପଧାରାର ପ୍ରତ୍ୟେକ ଖଣ୍ଡର ପାର୍ଶ୍ୱରେ ବିନିର୍ଦ୍ଦିଷ୍ଟ ବିସ୍ତାର ପର୍ଯ୍ୟନ୍ତ, ମୃତ ବ୍ୟକ୍ତିଙ୍କର ନିମ୍ନଲିଖିତ ଯେଉଁ ପ୍ରକାରର ସଂପତ୍ତି ତାଙ୍କ ମୃତ୍ୟୁରେ ପାରିତ ହୁଏ, ସେହି ପ୍ରକାରର ସଂପତ୍ତି ସଂପର୍କରେ କୌଣସି ସଂପଦା ଶୁଳ୍କ ପ୍ରଦେୟ ହେବ ନାହିଁ—

(କ) ମୃତବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ମୃତ୍ୟୁର ପୂର୍ବ ଛଅମାସ କାଳାବଧି ମଧ୍ୟରେ ଏକ ସର୍ବସାଧାରଣ ପୁଣ୍ୟାର୍ଥ ନିମିତ୍ତ କରାଯାଇଥିବା ଏକ ବା ଅଧିକ ଦାନ ଅଧୀନରେ ନିଆଯାଇଥିବା ସଂପତ୍ତି ଦୁଇହଜାର ପାଞ୍ଚ ଶହ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ;

(ଖ) ମୃତବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ମୃତ୍ୟୁର ପୂର୍ବ ଦୁଇବର୍ଷ କାଳାବଧି ମଧ୍ୟରେ କୌଣସି ଅନ୍ୟ ଉଦ୍ଦେଶ୍ୟ ନିମିତ୍ତ କରାଯାଇଥିବା ଏକ ବା ଅଧିକ ଦାନ ଅଧୀନରେ ନିଆଯାଇଥିବା ସଂପତ୍ତି ଏକ ହଜାର ପାଞ୍ଚ ଶହ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ;

(ଗ) ଶିଳ୍ପ ସାମଗ୍ରୀ, କୃଷି ଉପକରଣ ବା କୌଣସି ଅନ୍ୟ ସାମଗ୍ରୀ ବା ଉପକରଣ, ଯାହାକି ମୃତବ୍ୟକ୍ତିଙ୍କୁ ତାଙ୍କର ଜୀବିକାର୍ଜନ ଲାଗି ସକ୍ଷମ କରିବାକୁ ଆବଶ୍ୟକ ହେଉଥିଲା, ତାହା ସମେତ ଗୃହ ସରଞ୍ଜାମ ଦୁଇହଜାର ପାଞ୍ଚଶହ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ;

(ଘ) ବିକ୍ରୟ ନିମିତ୍ତ ଅଭିପ୍ରେତ ହୋଇ ନଥିବା ପୁସ୍ତକ ;

(ଙ) ପରିଧେୟ ବସ୍ତ୍ର, ମାତ୍ର ପରିଧେୟ ବସ୍ତ୍ରରେ ଖଞ୍ଜା ଯାଇଥିବା ବା ସିଲେଇ ହୋଇଥିବା କୌଣସି ମୂଲ୍ୟବାନ୍ ବା ଅର୍ଦ୍ଧ ମୂଲ୍ୟବାନ୍ ପଥର ବା ଗହଣାକୁ ଅନ୍ତର୍ଗତ କରିବନାହିଁ ;

(ଚ) ସଂପଦା ଶୁଳ୍କ ପ୍ରଦାନ ଉଦ୍ଦେଶ୍ୟରେ ସରକାରଙ୍କୁ ଜୀବନଲାଗି କରାଯାଇଥିବା କିମ୍ବା ସେହି ଉଦ୍ଦେଶ୍ୟରେ ସରକାରଙ୍କୁ ସମନୁଦେଶିତ ହୋଇଥିବା ଏକ ବା ଅଧିକ ବୀମା ପଲିସି ଅଧୀନରେ ପ୍ରଦେୟ ଧନ, ପ୍ରଦେୟ ଶୁଳ୍କ ପରିମାଣ ପର୍ଯ୍ୟନ୍ତ ;

(ଛ) ସଂପଦା ଶୁଳ୍କ ପ୍ରଦାନ ଉଦ୍ଦେଶ୍ୟରେ ବିହିତ ହେବା ରୀତିରେ ସରକାରଙ୍କଠାରୁ ଜମା ହୋଇଥିବା ଧନ ଓ ତାହା ସହ ତାହା ଉପରେ ବିହିତ ହେବା ହାରରେ ସୁଧ, ପ୍ରଦେୟ ଶୁଳ୍କର ପରିମାଣ ପର୍ଯ୍ୟନ୍ତ :

ପରନ୍ତୁ, ଯେଉଁ ଧନ ସଂପର୍କରେ ଖଣ୍ଡ (ଚ) ବା ଖଣ୍ଡ (ଛ) ଅଧୀନରେ ବା ଉଭୟ ଅଧୀନରେ କୌଣସି ସମ୍ପଦା ଶୁଳ୍କ ପ୍ରଦେୟ ହୁଏନାହିଁ, ସେହି ଧନ ମୋଟରେ ପଚାଶ ହଜାର ଟଙ୍କାରୁ ଅଧିକ ହେବ ନାହିଁ ।

(ଜ) ମୃତବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଜୀବନ ଲାଗି କରାଯାଇଥିବା ଏକ ବା ଅଧିକ ବୀମା ପଲିସି ଅଧୀନରେ ପ୍ରଦେୟ ଧନ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ;

(ଝ) ଯେଉଁ ରେଖାଚିତ୍ର, ରଙ୍ଗଚିତ୍ର, ମୁଦ୍ରିତ ବସ୍ତୁ, ପାଣ୍ଡୁଲିପି, ଶିଳ୍ପକର୍ମ ବା ପ୍ରତ୍ନତାତ୍ତ୍ୱିକ ବା ବୈଜ୍ଞାନିକ ସଂଗ୍ରହମାନ ଜାତୀୟ ବୈଜ୍ଞାନିକ ବା ଐତିହାସିକ ଭିତସମ୍ପନ୍ନ ହୋଇଥାଏ ଏବଂ ଯାହାକି ମୃତବ୍ୟକ୍ତିଙ୍କ ପରିବାରରେ ରହିଥାଏ ଏବଂ ବୋର୍ଡ ବିହିତ କରିବାମତେ ସର୍ତ୍ତ ଅନୁଯାୟୀ ଯାହା ସଂପର୍କରେ କାର୍ଯ୍ୟ କରାଯାଇଥାଏ ବା ଯାହା ବ୍ୟୟନିତ କରାଯାଇଥାଏ ଏବଂ ଯାହା ସରକାରଙ୍କୁ କିମ୍ବା କୌଣସି ବିଶ୍ୱ-ବିଦ୍ୟାଳୟକୁ ବା ଅନ୍ୟ ସର୍ବସାଧାରଣ ଅନୁଷ୍ଠାନକୁ ନିରଙ୍କୁଶଭାବରେ ବା ଉଇଲ ଦ୍ୱାରା ଦିଆଯାଇଥାଏ ।

(ଞ) ଖଣ୍ଡ (ଝ)ରେ ପଡୁନଥିବା ଯେଉଁ ରେଖାଚିତ୍ର, ରଙ୍ଗଚିତ୍ର, ଆଲେଖ୍ୟଚିତ୍ର ମୁଦ୍ରିତବସ୍ତୁ, ପାଣ୍ଡୁଲିପି, ଓ ଉତ୍ତରାଧିକାରରେ ପ୍ରାପ୍ତ କୌଣସି ଅନ୍ୟ ବସ୍ତୁ ଯାହାକି ମୃତବ୍ୟକ୍ତିଙ୍କ ପରିବାରରେ ରହିଥାଏ ଏବଂ ବୋର୍ଡ ବିହିତ କରିବାମତେ ଏବଂ ଯାହା ସଂପର୍କରେ କାର୍ଯ୍ୟ କରାଯାଇଥାଏ ବା ଯାହା ବ୍ୟୟନିତ କରାଯାଇଥାଏ ଏବଂ ଯାହା ବିକ୍ରୟ ନିମିତ୍ତ ଅଭିପ୍ରେତ ହୋଇନଥାଏ :

(ଟ) ଜଣେ ମୃତବ୍ୟକ୍ତିଙ୍କ ପିତା ବା ମାତା କିମ୍ବା ବାସ୍ତବ ଅଭିଭାବକଙ୍କ ଦ୍ୱାରା ଜୀବନର ଆବଶ୍ୟକତା ନିମିତ୍ତ ତାଙ୍କ ଉପରେ ନିର୍ଭରଶୀଳ ହୋଇଥିବା ତାଙ୍କର କୌଣସି ମହିଳା ସଂପର୍କୀୟଙ୍କ ବିବାଦ ଲଗି ପ୍ରଭାବ ହୋଇଥିବା ବା କରାଯାଇଥିବା ବୀମା ପଲିସି ବା ନ୍ୟାସ ଘୋଷଣା ବା ବ୍ୟବସ୍ଥାପନ ଅଧୀନରେ ଅଲଗା ରଖାଯାଇଥିବା ଧନ, ସେପରି ପ୍ରତ୍ୟେକ ସଂପର୍କୀୟଙ୍କ ବିବାହ ଲଗି ଦଶହଜାର ଟଙ୍କା ପର୍ଯ୍ୟନ୍ତ ;

(ଠ) ଜଣେ ଶାସକଙ୍କ ଅଧିଭୋଗରେ ଥିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ମିଶ୍ରିତ ରାଜ୍ୟ (କର ରିଆତି) ଆଦେଶ, 1949ର ଅନୁଚ୍ଛେଦ 13 କିମ୍ବା ଭାଗ ଖ ରାଜ୍ୟ (କର ରିଆତି) ଆଦେଶ, 1950ର ଅନୁଚ୍ଛେଦ 15 ଅଧୀନରେ ତାଙ୍କର ସରକାରୀ ବାସସ୍ଥାନ ବୋଲି ଘୋଷିତ ହୋଇଥିବା କୌଣସି ଏକ ଗୃହ ;

(ଡ) ଯେଉଁ ମୃତ ବ୍ୟକ୍ତି ସଂଘର ସଶସ୍ତ୍ର ବାହିନୀର ସଦସ୍ୟ ହୋଇଥାନ୍ତି ଏବଂ ଯେ କି ଶତ୍ରୁ ବିରୁଦ୍ଧରେ ସୈନ୍ୟଗ୍ଚଳନା କାର୍ଯ୍ୟରେ ଥିବାବେଳେ ମରିଥାନ୍ତି ସେହି ମୃତବ୍ୟକ୍ତିଙ୍କର ସଂପତ୍ତି ;

(ଡଢ) ଯେଉଁ ମୃତବ୍ୟକ୍ତି କୌଣସି ପୋଲିସ ବାହିନିର (ସୀମା ନିରାପତ୍ତା ବାହିନୀ ସମେତ) ସଦସ୍ୟ ହୋଇଥାନ୍ତି ଏବଂ ଯେ କି ସୀମା ରକ୍ଷା କରିବାରେ କୌଣସି କାର୍ଯ୍ୟ କରୁଥିବାବେଳେ ମରିଥାନ୍ତି, ସେହି ମୃତ-ବ୍ୟକ୍ତିଙ୍କର ସଂପତ୍ତି ;

(ଢ) ମୃତବ୍ୟକ୍ତିଙ୍କ ଦ୍ୱାରା ତାଙ୍କର ବାସସ୍ଥାନ ରୂପେ କେବଳ ବ୍ୟବହୃତ ହେଉଥିବା ଗୃହ ବା ତାହାର କୌଣସି ଭାଗ, ଯଦି ସେହି ଗୃହ ଦଶ ହଜାରରୁ ଅଧିକ ଲୋକସଂଖ୍ୟା ଥିବା ଏକ ସ୍ଥାନରେ ଅବସ୍ଥିତ ହୋଇଥାଏ ତେବେ ତାହାର ମୂଳ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବା ପର୍ଯ୍ୟନ୍ତ ଏବଂ କୌଣସି ଅନ୍ୟ କ୍ଷେତ୍ରରେ ତାହାର ମୂଳ ମୂଲ୍ୟ ;

(ଢଢ) ସମବାୟ ଗୃହ ନିର୍ମାଣ ସମିତି ହୋଇଥିବା ଏକ ସମବାୟ ସମିତିରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବା କୌଣସି ଜମା, ଯେ କି ସମିତିରେ ଏକ ସଦସ୍ୟ ଥିଲେ ଏବଂ ଯାହାଙ୍କୁ ଭବନ ବା ତାହାର ଅଂଶ ସେହି ସମିତିର ଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ ଆବଣ୍ଟିତ ହୋଇଥିଲା ବା ପଟ୍ଟାରେ ଦିଆଯାଇଥିଲା, ସେପରି ପରିକଳ୍ପନା ଅନୁଯାୟୀ ସେପରି ଜମା କରାଯାଇଥିବା ସ୍ଥଳେ ;

(ଣ) ମୃତବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ମୃତ୍ୟୁର ପୂର୍ବ ପାଞ୍ଚ ବର୍ଷ କାଳାବଧି ଅତିକ୍ରମ କରି ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗ୍ନୀଙ୍କୁ ଦିଆଯାଇଥିବା ଏକ ଦାନ ଅଧୀନରେ ନିଆଯାଇଥିବା ସଂପତ୍ତି :

ପରନ୍ତୁ, ସେହି ସଂପତ୍ତି, 1964 ମାର୍ଚ୍ଚ 31 ପରେ ଆରମ୍ଭ ହେଉଥିବା, କୌଣସି ନିର୍ଦ୍ଧାରଣ ବର୍ଷ ନିମିତ୍ତ ହୁଏତ ଉପହାର କର ଅଧିନିୟମ, 1958 ଅଧୀନରେ ଉପହାର କର ଲଗି ପ୍ରଭାର୍ଯ୍ୟ ହୋଇଥାଏ ସେହି ଅଧିନିୟମର ଧାରା 5 ଅଧୀନରେ ପ୍ରଭାର୍ଯ୍ୟ ହୋଇନଥାଏ ।

(ତ) ଜାତୀୟ ପ୍ରତିରକ୍ଷା ସ୍ୱର୍ଣ୍ଣବଣ୍ଡ, 1980 ମୋଟରେ ପଚାଶ କିଲୋଗ୍ରାମ ଓଜନର ସୁନା ନିମିତ୍ତ ସେହି ବଣ୍ଡଗୁଡ଼ିକର ମୂଳ ମୂଲ୍ୟ ପର୍ଯ୍ୟନ୍ତ :

ପରନ୍ତୁ, ଯଦି ସେହି ବଣ୍ଡଗୁଡ଼ିକ କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ହୋଇଥାଏ ତାହାହେଲେ ଏହି ଖଣ୍ଡରେ ଦିଆଯାଇଥିବା ଛାଡ଼ ପରବର୍ତ୍ତୀ ମୃତ୍ୟୁରେ ସେହି ବଣ୍ଡଗୁଡ଼ିକ ପାରିତ ହେଲେ ତାହା ଲାଗି ମିଳିବ ନାହିଁ ।

(2) ଯଦି କେନ୍ଦ୍ର ସରକାର ମନେକରନ୍ତି ଯେକୌଣସି ବର୍ଗର ସଂପତ୍ତି ବା ବର୍ଗର ବ୍ୟକ୍ତିଙ୍କ ସଂପର୍କରେ ପରିସ୍ଥିତି ଏପରି ହୋଇଛି ଯେ ଉପଧାରା (1)ରେ ଉପବନ୍ଧିତ ରିଆତିଠାରୁ ଅଧିକରେ କିଛି ରିଆତି ଦିଆଯିବା ଉଚିତ, ତାହାହେଲେ, ସେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସେହି ବର୍ଗର ସଂପତ୍ତି କିମ୍ବା କୌଣସି ବର୍ଗର ବ୍ୟକ୍ତିମାନଙ୍କର ସଂପତ୍ତିର ସମଗ୍ର ବା କୌଣସି ଭାଗଲାଗି ସଂପଦା ଶୁଳ୍କ ସଂପର୍କରେ ଅବ୍ୟାହତି, ହାରର ହ୍ରାସ ବା ଅନ୍ୟ ଉପାନ୍ତରଣ କରିପାରିବେ, ଏବଂ ଏହି ରୂପେ ଦିଆଯାଇଥିବା କୌଣସି ଅଧିସୂଚନା ତାହା ଦିଆଯିବାପରେ ଯେତେଶୀଘ୍ର ସମ୍ଭବ, ସଂସଦର ଉଭୟ ସଭାରେ ଉପସ୍ଥାପିତ ହେବ ।

## ଭାଗ IV

### ସମ୍ପତ୍ତିର ଏକତ୍ରୀକରଣ ଓ ଶୁଳ୍କର ହାର

ଏକତ୍ରୀକରଣ

34. (1) ମୃତବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ କୌଣସି ସଂପତ୍ତି ଉପରେ ଦିଆଯିବା ସଂପଦା ଶୁଳ୍କ ହାର ଅବଧାରିତ କରିବା ଉଦ୍ଦେଶ୍ୟରେ,—

(କ) ଧାରା 33ର ଉପଧାରା (1)ର ଖଣ୍ଡ (ଗ), (ଘ), (ଙ), (ଝ), (ଞ), (ଠ), (ଢ଼), (ଡଡ), (ଣ) ଓ (ତ) ଅଧୀନରେ ସଂପଦା ଶୁଳ୍କରୁ ଛାଡ଼ ପାଇଥିବା ସଂପତ୍ତି ଭିନ୍ନ ଏହିରୂପେ ପାରିତ ସମସ୍ତ ସଂପତ୍ତି; ଏବଂ

*　　　*　　　*　　　*

(ଗ) ଏହିରୂପେ ପାରିତ ଯେଉଁ ସଂପତ୍ତି ମିତାକ୍ଷର, ମରୁମକ୍ତ୍ତୟମ ବା ଆଳିୟସାନ୍ତନ ବିଧି ଦ୍ୱାରା ପରିଚାଳିତ ଏକ ହିନ୍ଦୁ ପରିବାରର ଅବିଭକ୍ତ ପାରିବାରିକ ସଂପତ୍ତିରେ ଏକ ସହଦାୟିକୀ ହିତ ଘେନି ଗଠିତ ହୋଇଥାଏ ସେହି ସଂପତ୍ତି କ୍ଷେତ୍ରରେ ମୃତ ସଦସ୍ୟଙ୍କର ସମସ୍ତ ପାରଂପରିକ ବଂଶଜଙ୍କର ଅବିଭକ୍ତ ପାରିବାରିକ ସଂପତ୍ତିରେ ଥିବା ସମସ୍ତ ହିତ ;

ଗୋଟିଏ ସଂପଦା ଗଠନ କରିବାପରି ଏକତ୍ରିତ ହେବ, ଏବଂ ତା ଉପରେ ସଂପଦା ଶୁଳ୍କ ତାହାର ମୂଳ ମୂଲ୍ୟ ସଂପର୍କରେ ପ୍ରଯୁଜ୍ୟ ହାରରେ ବା ହାରଗୁଡ଼ିକରେ ଉଦ୍‌ଗୃହୀତ ହେବ ।

(2) ଯେଉଁଠାରେ ଉପଧାରା (1)ରେ ଉଲ୍ଲିଖିତ କୌଣସି ସଂପଦା ଶୁଳ୍କରୁ ଅବ୍ୟାହତି ପାଇଥିବା କୌଣସି ସଂପତ୍ତିକୁ ଅନ୍ତର୍ଗତ କରେ ସେଠାରେ ଏହି ରୂପେ ଅବ୍ୟାହତି ପାଇ ନଥିବା ସଂପତ୍ତି ଉପରେ ଉଦ୍‌ଗ୍ରହଣଯୋଗ୍ୟ ସଂପଦା ଶୁଳ୍କ ପରିମାଣ ତାହାର କୌଣସି ଭାଗ ଏହି ରୂପେ ଅବ୍ୟାହତି ପାଇ ନ ଥିଲେ ଯେଉଁ ପରିମାଣ ସଂପଦା ଶୁଳ୍କ ପଦେୟ ହୋଇଥାନ୍ତା ସେହି ପରିମାଣର ମଧ୍ୟରେ ଯେଉଁ ଅନୁପାତ ରହିଛି, ଏହି ରୂପେ ଅବ୍ୟାହତି ପାଇନଥିବା ସଂପତ୍ତିର ମୂଲ୍ୟ ଓ ସମଗ୍ର ସଂପଦାର ମୂଲ୍ୟ ମଧ୍ୟରେ ସେହି ଅନୁପାତ ଅନୁଯାୟୀ ହେବ ।

ସ୍ପଷ୍ଟୀକରଣ—ଏହି ଉପଧାରାର ଉଦ୍ଦେଶ୍ୟ ନିମିତ୍ତ "ସଂପଦା ଶୁଳ୍କରୁ ଅବ୍ୟାହତି ପାଇଥିବା ସଂପତ୍ତି"ର ଅର୍ଥ

(*i*) ଧାରା 33 ଅଧୀନରେ ସଂପଦା ଶୁଳ୍କରୁ ଅବ୍ୟାହତି ପାଇଥିବା ସଂପତ୍ତି,

*　　　*　　　*　　　*

(*iii*) ମିତାକ୍ଷର, ମରୁମକ୍ତ୍ତୟମ ବା ଆଳିୟସାନ୍ତନ ବିଧି ଦ୍ୱାରା ପରିଚାଳିତ ଏକ ହିନ୍ଦୁ ପରିବାରର ଅବିଭକ୍ତ ପାରିବାରିକ ସଂପତ୍ତିରେ ମୃତବ୍ୟକ୍ତିଙ୍କ ଭିନ୍ନ ସମସ୍ତ ସହଦାୟୀକିଙ୍କର ହିତ ।

(3) ଉପଧାରା (1) ବା ଉପଧାରା (2)ରେ କିଛି ବିଷୟ ଅନ୍ତର୍ବିଷ୍ଟଥିବା ସତ୍ତ୍ୱେ, ପାରିତ କୌଣସି ସଂପତ୍ତି ଯହିଁରେ ମୃତବ୍ୟକ୍ତିଙ୍କର ଧାରା 2ର ଖଣ୍ଡ 15ର ସ୍ପଷ୍ଟୀକରଣ ବଳରେ ଯେଉଁ ଅଧିକାର ଋଣ ବା ଫାଇଦା ସଂପତ୍ତି ବୋଲି ଧରାଯାଏ, ସେହି ଅଧିକାର, ଋଣ ବା ଫାଇଦା ନୁହେଁ, କୌଣସି ହିତ ନଥିଲା ସେହି ସଂପତ୍ତି କୌଣସି ତାହାର ଅନ୍ୟ ସଂପତ୍ତି ସହ ଏକତ୍ରିତ ହେବନାହିଁ, ମାତ୍ର ତାହା ଏକାକୀ ଏକ ସଂପଦା ହେବ ଏବଂ ସଂପଦା ଶୁଳ୍କ ମୂଳ ମୂଲ୍ୟ ସଂପର୍କରେ ପ୍ରଯୁଜ୍ୟ ହାରରେ ବା ହାରଗୁଡ଼ିକରେ ଉଦ୍‌ଗୃହୀତ ହେବ ।

(4) ପ୍ରତ୍ୟେକ ସଂପଦା ମୃତବ୍ୟକ୍ତିଙ୍କର ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ଓ ତାରିଖରେ ସଂପତ୍ତିରେ ପ୍ରୋଦ୍‌ଭୂତ ଓ ବକେୟା ଥିବା ସମସ୍ତ ଆୟକୁ ଅନ୍ତର୍ଗତ କରିବ ।

(5) ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ କୌଣସି ସଂପତ୍ତି ଏକରୁ ଅଧିକ ଥର ଏକତ୍ରିତ ହେବନାହିଁ କିମ୍ବା ତାହା ସଂପର୍କରେ ସଂପଦା ଶୁଳ୍କ ସେହି ଏକ ମୃତ୍ୟୁରେ ଏକରୁ ଅଧିକ ଥର ଉଦ୍‌ଗୃହୀତ ହେବନାହିଁ ।

କୃଷି ଭୂମି ସମେତ ସମ୍ପତ୍ତି ଉପରେ ସମ୍ପଦା ଶୁଳ୍କର ହାର ।

35. (1) ସଂପଦା ଶୁଳ୍କର ହାର ଦ୍ୱିତୀୟ ଅନୁସୂଚୀରେ ବର୍ଣ୍ଣିତ ମତେ ହେବ ।

* * * *

(3) ଉପଧାରା (1) ଓ ଦ୍ୱିତୀୟ ଅନୁସୂଚୀରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଯେଉଁଠାରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ କୌଣସି ସଂପତ୍ତି ସଂପୂର୍ଣ୍ଣଭବରେ ବା ଆଂଶିକଭବରେ କୃଷି ଭୂମିକୁ ଘେନି ଗଠିତ ହୋଇଥାଏ, ଏବଂ ସଂପଦାର ମୂଳ ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥାଏ, ସେଠାରେ ରିବେଟ ଆକାରରେ–

(କ) ସଂପୂର୍ଣ୍ଣ ଭବରେ କୃଷି ଭୂମିକୁ ଘେନି ଗଠିତ ସଂପଦା କ୍ଷେତ୍ରରେ, ପ୍ରଦେୟ ସଂପଦା ଶୁଳ୍କର ଏକ ଚତୁର୍ଥାଂଶ ଧନରାଶି ଛାଡ଼ ଦିଆଯିବ; ଏବଂ

(ଖ) କେବଳ ଆଂଶିକଭବରେ କୃଷି ଭୂମିକୁ ଘେନି ଗଠିତ ସଂପଦା କ୍ଷେତ୍ରରେ, ସଂପଦାର ଯେଉଁ ଭଗ କୃଷି ଭୂମିକୁ ଘେନି ଗଠିତ ହୋଇଥାଏ ସେହି ଭଗ ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କର ଏକ ଚତୁର୍ଥାଂଶ ଧନରାଶି ଛାଡ଼ ଦିଆଯିବ ଯାହାକି ସେହି ଶୁଳ୍କ ଓ ମୋଟ ସଂପଦା ଶୁଳ୍କ ପରିମାଣ ମଧ୍ୟରେ ଯେଉଁ ଅନୁପାତ ରହିଛି, କୃଷି ଭୂମିର ମୂଲ୍ୟ ଓ ମୋଟ ସଂପଦାର ମୂଲ୍ୟ ମଧ୍ୟରେ ସେହି ଅନୁପାତ ରହିଥିବାମତେ ହୋଇଥାଏ ।

## ଭଗ V

### ପ୍ରଭାର୍ଯ୍ୟ ମୂଲ୍ୟ

ମୂଳ ମୂଲ୍ୟ କିପରି ପ୍ରାକ୍‌କଳିତ ହେବ ।

36. (1) କୌଣସି ସଂପତ୍ତିର ମୂଳ ମୂଲ୍ୟ, ସେହି ସଂପତ୍ତି ମୃତ ବ୍ୟକ୍ତିଙ୍କର ମୃତ୍ୟୁ ସମୟରେ ଖୋଲା ବଜାରରେ ବିକ୍ରୟ ହୋଇଥିଲେ ନିୟନ୍ତ୍ରକଙ୍କ ମତରେ ଯେଉଁ ମୂଲ୍ୟ ମିଳିଥାନ୍ତା ସେହି ମୂଲ୍ୟ ବୋଲି ପ୍ରାକ୍‌କଳିତ ହେବ ।

(2) ଏହି ଧାରା ଅଧୀନରେ ମୂଳ ମୂଲ୍ୟ ପ୍ରାକ୍‌କଳିତ କରିବା ସମୟରେ ନିୟନ୍ତ୍ରକ ସଂପତ୍ତିର ମୂଲ୍ୟକୁ ମୃତ ବ୍ୟକ୍ତିଙ୍କର ମୃତ୍ୟୁ ସମୟରେ ଥିବା ବଜାର ମୂଲ୍ୟ ଅନୁଯାୟୀ ସ୍ଥିର କରିବେ ଏବଂ ସମଗ୍ର ସଂପତ୍ତି ଏକ ସମୟରେ ବଜାରରେ ସ୍ଥାପିତ କରାଯିବାର ଧାରଣା ଘେନି ପ୍ରାକ୍‌କଳନ ହୋଇଥିବା କାରଣରୁ ପ୍ରାକ୍‌କଳନରେ କିଛି କାଟ କରିବେ ନାହିଁ :

ପରନ୍ତୁ ଯେଉଁଠାରେ ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଯେ ମୃତ ବ୍ୟକ୍ତିଙ୍କର ମୃତ୍ୟୁ ଯୋଗୁଁ ସଂପତ୍ତିର ମୂଲ୍ୟ ହ୍ରାସ ହୋଇଛି, ସେଠାରେ ମୂଲ୍ୟ ସ୍ଥିର କରିବାରେ ସେହି ମୂଲ୍ୟ ହ୍ରାସ ହିସାବକୁ ନିଆଯିବ ।

(3) ଉପଧାରା 1 ବା 2ରେ ଯାହା କିଛି ଥିବା ସତ୍ତ୍ୱେ, ମୃତ ବ୍ୟକ୍ତିଙ୍କର ଏକ ନିବାସ ଗୃହ ବା ତା'ର ଅଂଶର ମୂଳଧନ (ଯାହାକି ଉତ୍ତରଦାୟୀ ବ୍ୟକ୍ତି ସ୍ୱଇଚ୍ଛାରେ ଏ ସଂପର୍କରେ ଲିଖିତ ଭାବେ ବିନିର୍ଦ୍ଦିଷ୍ଟ କରିପାରନ୍ତି) ନିମ୍ନମତେ ହେବ ।

(କ) ସଂପତ୍ତି କର ଅଧିନିୟମ, 1957 (ଏହାପରେ ଏହି ଉପଧାରାରେ ସୂଚିତ ସଂପତ୍ତିକର ଅଧିନିୟମ) ଅଧୀନରେ ମୂଲ୍ୟାଙ୍କନ କରିବା ପ୍ରୟୋଜନରେ ଯେଉଁଠି ସେପରି ଘର ବା ଅଂଶର ମୂଲ୍ୟ ମୃତବ୍ୟକ୍ତିଙ୍କ ନିଜ ସଂପତ୍ତିର ସଂଗଣନା କରିବାପାଇଁ ମୃତ୍ୟୁ ତାରିଖର ଅବ୍ୟବହିତ ପୂର୍ବରୁ ତାଙ୍କର ନିଜ ସଂପତ୍ତିର ମୂଲ୍ୟାଙ୍କନ ତାରିଖ ସଂପର୍କରେ ସଂପତ୍ତି କର ଅଧିକାରୀ ନେଇଥିବା ମୂଲ୍ୟ ସେପରି ସଂଗଣନା ପ୍ରୟୋଜନରେ; ଏବଂ

(ଖ) ଅନ୍ୟ କୌଣସି କ୍ଷେତ୍ରରେ ସେପରି ଭବନ ବା ତା'ର ଅଂଶ,—

(*i*) କଥିତ ମୂଲ୍ୟାଙ୍କନ ତାରିଖ ପରେ; ବା

(*ii*) ଯେଉଁଠି ସେପରି ଘର ବା ତା'ର ଅଂଶ ନିର୍ମିତ ହୋଇଥିଲା, ଅର୍ଜନ କରାଯାଇଥିଲା ବା ଅନ୍ୟଥା ମୃତ ବ୍ୟକ୍ତିଙ୍କ ସଂପତ୍ତି ହୋଇଥିଲା ତାଙ୍କ ମୃତ୍ୟୁ ତାରିଖରୁ,

ସଂପତ୍ତିକର ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ନିୟନ୍ତ୍ରକଙ୍କ ଦ୍ୱାରା ଯେପରି ଅବଧାରଣ ହେବ ଏବଂ ଏହାର ପ୍ରୟୋଜନରେ ଯେଉଁଠି ସେହି ଅଧିନିୟମର ଧାରା 6 ର ଉପଧାରା 4 ର ଉପବନ୍ଧ ଲାଗୁ ହୁଏ ସେପରି କ୍ଷେତ୍ରରେ ସେହି ଉପଧାରାର ଉପବନ୍ଧ ପ୍ରଭାବୀ ହେବ ଯେପରି "ମୂଲ୍ୟାଙ୍କନ ତାରିଖର ଅବ୍ୟବହିତ ପୂର୍ବରୁ ବାର ମାସ ସମଗ୍ର କାଳ" ଶବ୍ଦଗୁଡ଼ିକ ସେଇଠି ଥିଲା, ଲୁପ୍ତ ହେଲା ଏବଂ ସେଥିରେ ଥିବା ନିର୍ଦ୍ଧାରକଙ୍କ ଇଛାଧିକାର ସଂପର୍କ ସୂଚନା ଉତ୍ତରଦାୟୀ ବ୍ୟକ୍ତିଙ୍କ ଇଚ୍ଛାଧିକାର ପ୍ରତି ସଂପର୍କ ସୂଚନା ହେଲା ।

ସ୍ପଷ୍ଟୀକରଣ 1—ଯେଉଁଠି ଏହି ଉପଧାରାର ଖଣ୍ଡ (କ)ର ଉପବନ୍ଧ ଅନୁସାରେ ଏକ ଭବନ ବା ତା'ର ଅଂଶର ଗ୍ରହଣୀୟ ମୂଲ୍ୟ ସଂପତ୍ତି କର ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀର ଏକ ଆଦେଶ ଦ୍ୱାରା ବିଭେଦିତ ହୋଇଥାଏ ଧାରା 61 ର ଅର୍ଥ ମଧ୍ୟରେ ସେପରି ଗ୍ରହଣୀୟ ମୂଲ୍ୟ ଅଭିଲେଖରେ ପ୍ରତୀୟମାନ ଏକ ତ୍ରୁଟି ବୋଲି ବିବେଚିତ ହେବ ଏବଂ ନିୟନ୍ତ୍ରକଙ୍କ ଯଦି କିଛି ତାଙ୍କ ଦ୍ୱାରା ଦିଆଯାଇଥାଏ ସେପରି ଗ୍ରହଣୀୟ ମୂଲ୍ୟ ବଦଳେ ପରିଶୋଧିତ ମୂଲ୍ୟର ପ୍ରତିସ୍ଥାପନ କରି ଆଦେଶକୁ ପରିଶୋଧନ କରିବେ; ଏବଂ

କଥିତ ଧାରାର ଉପବନ୍ଧଗୁଡ଼ିକ ଏପରି ଭବେ ଲାଗୁ ହେବ ଯେ ସେହି ଧାରାରେ ବିନିର୍ଦ୍ଦିଷ୍ଟ 5 ବର୍ଷ କାଳ ସଂପତ୍ତିକର ଅଧିନିୟମ ଅଧିନରେ ଭବନ ବା ତା'ର ଅଂଶର ମୂଲ୍ୟର ପରିଶୋଧନ ସଂପର୍କରେ ଆଦେଶ ତାରିଖରୁ ଧରାଯିବ ।

ସ୍ପଷ୍ଟୀକରଣ 2—ଏହି ଉପଧାରାର ପ୍ରୟୋଜନରେ ଅଭିବ୍ୟକ୍ତି "ନୀଟ ସଂପତ୍ତି" "ମୂଲ୍ୟାଙ୍କନ ତାରିଖ" ଏବଂ "ସଂପତ୍ତି-କର ଅଧିକାରୀ" ସଂପତ୍ତିକର ଅଧିନିୟମରେ ଯେପରି ଅର୍ଥାନ୍ୱୟ କରାଯାଇଛି ସେପରି ସମାନ ଅର୍ଥ ହେବ ।

ହସ୍ତାନ୍ତରଣ ନିୟନ୍ତ୍ରିତ ଥିବା ଘରୋଇ କମ୍ପାନିରେ ଅଂଶର ମୂଲ୍ୟାୟନ ।

37. ଯେଉଁଠାରେ ଏକ ଘରୋଇ କମ୍ପାନୀର ଆସୋସିଏସନର ନିୟମାବଳୀ ଅଂଶ ହସ୍ତାନ୍ତରଣ ସଂପର୍କରେ ନିୟନ୍ତ୍ରଣାତ୍ମକ ଉପବନ୍ଧ ଅନ୍ତର୍ବିଷ୍ଟ କରୁଥାଏ, ସେଠାରେ ଅଂଶର ମୂଲ୍ୟ, ଯଦି କଂପାନୀର ମୋଟ ଆସ୍ତିର ମୂଲ୍ୟ ଅନୁଯାୟୀ ଅଭିନିଶ୍ଚୟଯୋଗ୍ୟ ହୋଇନଥାଏ, କ୍ରେତା ଧାରକରୂପେ ରେଜିଷ୍ଟ୍ରିକୃତ ହେବାକୁ ହକ୍‌ଦାର ହେବା ନିବନ୍ଧନରେ ସେଗୁଡ଼ିକ ଖୋଲା ବଜାରରେ ବିକ୍ରୟ ହୋଇଥିଲେ ଯାହା ମିଳିଥାନ୍ତା ତାହାବୋଲି ପ୍ରାକ୍‌କଳିତ ହେବ, ମାତ୍ର ଜଣେ ବିଶେଷ କ୍ରେତା ତାଙ୍କ ନିଜର ବିଶେଷ କାରଣ ଯୋଗୁଁ ଖୋଲା ବଜାର ମୂଲ୍ୟଠାରୁ ଅଧିକ ମୂଲ୍ୟ ଦେବେ ଏ ବିଷୟ ବିଚାରକୁ ନିଆଯିବ ନାହିଁ ।

ପ୍ରତ୍ୟାଶା କରାଯାଉଥିବା ହିତର ମୂଲ୍ୟାୟନ ।

38. ଯେଉଁଠାରେ ଏକ ସଂପଦାରେ ଏକ ପ୍ରତ୍ୟାଶା କରାଯାଉଥିବା ହିତ ଅନ୍ତର୍ଗତ ହେଉଥାଏ, ସେଠାରେ ସେହି ହିତ ସଂପର୍କରେ ସଂପଦା ଶୁଳ୍କ, ଶୁଳ୍କ ନିମିତ୍ତ ଉତ୍ତରଦାୟୀ ବ୍ୟକ୍ତିଙ୍କ ଇଚ୍ଛାକ୍ରମେ, ଅବଶିଷ୍ଟ ସଂପଦା ସଂପର୍କରେ ଶୁଳ୍କ ସହିତ କିମ୍ବା ସେହି ହିତ ଦଖଲକୁ ଆସିବା ସମୟରେ ପ୍ରଦାନ କରାଯିବ ଏବଂ ଯଦି ଶୁଳ୍କ ଅବଶିଷ୍ଟ ସଂପଦା ସଂପର୍କରେ ସଂପଦା ଶୁଳ୍କ ସହ ପ୍ରଦାନ କରାନଯାଏ, ତାହାହେଲେ—

(କ) ଅବଶିଷ୍ଟ ସଂପଦା ସଂପର୍କରେ ସଂପଦା ଶୁଳ୍କ ହାର ଅବଧାରିତ କରିବା ଉଦ୍ଦେଶ୍ୟରେ, ହିତର ମୂଲ୍ୟ ମୃତବ୍ୟକ୍ତିଙ୍କର ମୃତ୍ୟୁ ତାରିଖରେ ତାହାର ଯେଉଁ ମୂଲ୍ୟ ଥାଏ ସେହି ମୂଲ୍ୟ ହେବ; ଏବଂ

(ଖ) ହିତ ଦଖଲକୁ ଆସିବା ସମୟରେ ତାହା ସଂପର୍କରେ ସଂପଦା ଶୁଳ୍କର ହାର ଦଖଲକୁ ଆସିବା ସମୟରେ ତାହାର ମୂଲ୍ୟ ସମେତ ପୂର୍ବରୁ ଅଭିନିଶ୍ଚିତ ହୋଇଥିବାମତେ ଅବଶିଷ୍ଟ ସଂପଦାର ମୂଲ୍ୟ ଅନୁଯାୟୀ ପରିକଳ୍ପିତ ହେବ ।

ମୃତ୍ୟୁରେ ସମାପ୍ତ ହେଉଥିବା ସହଦାୟିକୀ ସଂପତ୍ତିରେ ହିତର ମୂଲ୍ୟାୟନ ।

39. (1) ମିତାକ୍ଷର ମତବାଦର ହିନ୍ଦୁ ବିଧି ଦ୍ୱାରା ପରିଚାଳିତ କୌଣସି ଅବିଭକ୍ତ ପାରିବାରିକ ସଂପତ୍ତିରେ ଏକ ସହଦାୟିକୀ ହିତର ସମାପ୍ତିରୁ ପ୍ରୋଦ୍‌ଭୂତ ବା ଉଦ୍‌ଭୂତ ହେଉଥିବା ଯେଉଁ ଫାଇଦା ସେହି ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ସମାପ୍ତ ହେଉଥାଏ ସେହି ଫାଇଦାର ମୂଲ୍ୟ ମୃତ ବ୍ୟକ୍ତିଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଏଇ ବିଭାଜନ ହୋଇଥିଲେ ମୃତବ୍ୟକ୍ତିଙ୍କୁ ଅବିଭକ୍ତ ପାରିବାରିକ ସଂପତ୍ତିର ଯେଉଁ ଅଂଶ ଦିଆଯାଇଥାନ୍ତା ସେହି ଅଂଶର ମୂଳ ମୂଲ୍ୟ ହେବ ।

(2) ମରୁମକ୍କତ୍ତାୟମ ଉତ୍ତରାଧିକାର ନିୟମ ଦ୍ୱାରା ଏକ ତରୱାଡ଼ ବା ତୱାଜିର କିମ୍ବା ଆଳିୟସାନ୍ତାନ ଉତ୍ତରାଧିକାର ବିଧି ଦ୍ୱାରା ପରିଚାଳିତ ଏକ କୁଟୁମ୍ବ ବା କବରୁର ସଂପତ୍ତିରେ ଏକ ହିତର ସମାପ୍ତିରୁ ପ୍ରୋଦ୍‌ଭୂତ ବା ଉଦ୍‌ଭୂତ ଯେଉଁ ଫାଇଦା ସେହି ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ସମାପ୍ତ ହେଉଥାଏ ସେହି ଫାଇଦାର ମୂଲ୍ୟ ମୃତବ୍ୟକ୍ତିଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଏକ ବିଭାଜନ ହୋଇଥିଲେ ମୃତବ୍ୟକ୍ତିଙ୍କୁ ତରୱାଡ଼ ବା ତୱାଜିଙ୍କର ବା ଯଥାସ୍ଥିତି, କୁଟୁମ୍ବ ବା କବରୁଙ୍କର ସଂପତ୍ତିର ଯେଉଁ ଅଂଶ ଦିଆଯାଇଥାନ୍ତା ସେହି ଅଂଶର ମୂଳ ମୂଲ୍ୟ ହେବ ।

(3) ମୃତବ୍ୟକ୍ତିଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଏକ ବିଭାଜନ ହୋଇଥିଲେ ମୃତବ୍ୟକ୍ତିଙ୍କୁ ଯେଉଁ ଅଂଶ ଦିଆ-ଯାଇଥାନ୍ତା ତାହା ଜାଣିବା ଲାଗି ମିତାକ୍ଷର, ମରୁମକ୍କତ୍ତାୟମ ବା ଆଳିୟସାନ୍ତାନ ବିଧି ଦ୍ୱାରା ପରିଚାଳିତ ଏକ ହିନ୍ଦୁ ପରିବାରର ଅବିଭକ୍ତ ପାରିବାରିକ ସଂପତ୍ତିର ମୂଳ ମୂଲ୍ୟ ପ୍ରାକ୍‌କଳିତ କରିବା ଉଦ୍ଦେଶ୍ୟରେ, ଏହି ଅଧିନିୟମର ଉପବନ୍ଧଗୁଡ଼ିକ, ଯେତେଦୂର ସମ୍ଭବ ସମଗ୍ର ଅବିଭକ୍ତ ପାରିବାରିକ ସଂପତ୍ତି ମୃତବ୍ୟକ୍ତିଙ୍କର ହୋଇଥିଲେ ଯେପରି ପ୍ରଯୁଜ୍ୟ ହୋଇଥାନ୍ତା ସେଗୁଡ଼ିକ ସେହି ରୂପେ ପ୍ରଯୁଜ୍ୟ ହେବ ।

**ମୃତ୍ୟୁରେ ସମାପ୍ତ ହେଉଥିବା ହିତରୁ ଫାଇଦାର ମୂଲ୍ୟାୟନ ।**

40. ମୃତବ୍ୟକ୍ତିଙ୍କର ମୃତ୍ୟୁରେ ସମାପ୍ତ ହେଉଥିବା ଏକ ହିତର ସମାପ୍ତିରୁ ପ୍ରୋଦ୍‌ଭୂତ ବା ଉଦ୍‌ଭୂତ ହେଉଥିବା ଫାଇଦାର ମୂଲ୍ୟ—

(କ) ଯଦି ସେହି ହିତ ସଂପତ୍ତିର ସମସ୍ତ ଆୟ ପ୍ରତି ବିସ୍ତାରିତ ଥାଏ, ତାହାହେଲେ ସେହି ସଂପତ୍ତିର ମୂଳ ମୂଲ୍ୟ ହେବ; ଏବଂ

(ଖ) ଯଦି ସେହି ହିତ ସଂପତ୍ତିର ସମଗ୍ର ଆୟରୁ ଊଣା ପ୍ରତି ବିସ୍ତାରିତ ଥାଏ, ତାହାହେଲେ ହିତ ଯେଉଁ ଆୟ ପ୍ରତି ବିସ୍ତାରିତ ଥାଏ, ସେହି ଆୟର ସମାନ ଅଧିକା ସଂପତ୍ତିର ମୂଳମୂଲ୍ୟ ହେବ ।

**ନିୟନ୍ତ୍ରକଙ୍କ ଦ୍ୱାରା ମୂଲ୍ୟାୟନ ହେବ ।**

41. ଏହି ଅଧିନିୟମର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ, ସଂପଦା ଶୁଳ୍କ ଉଦ୍ଦେଶ୍ୟରେ କୌଣସି ସଂପତ୍ତିର ମୂଲ୍ୟ ବିହିତ ହେବା ରୀତିରେ ଓ ଉପାୟରେ ନିୟନ୍ତ୍ରକଙ୍କ ଦ୍ୱାରା ଅଭିନିଶ୍ଚିତ ହେବ ଏବଂ ଯଦି ସେ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ କୌଣସି ସଂପତ୍ତି ନିରୀକ୍ଷଣ କରିବାକୁ ଓ ତାହାର ମୂଲ୍ୟ ସଂପର୍କରେ ରିପୋର୍ଟ କରିବାକୁ ଜଣେ ବ୍ୟକ୍ତିଙ୍କୁ ପ୍ରାଧିକୃତ କରନ୍ତି, ସେହି ବ୍ୟକ୍ତି ବିହିତ ହେବାମତେ ଯୁକ୍ତିଯୁକ୍ତ ସମୟରେ ସେହି ସଂପତ୍ତିରେ ପ୍ରବେଶ କରିପାରିବେ ଓ ତାହା ନିରୀକ୍ଷଣ କରିପାରିବେ ।

**ମୂଲ୍ୟାୟନର ଖର୍ଚ୍ଚ ।**

42. ଯେଉଁଠାରେ ନିୟନ୍ତ୍ରକ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ କୌଣସି ସଂପତ୍ତିର ମୂଲ୍ୟାୟନ ବିଷୟରେ ରିପୋର୍ଟ କରିବାକୁ କୌଣସି ବ୍ୟକ୍ତିଙ୍କୁ ଆବଶ୍ୟକ କରନ୍ତି, ସେଠାରେ ସେହି ମୂଲ୍ୟାୟନର ଯୁକ୍ତିଯୁକ୍ତ ଖର୍ଚ୍ଚ ନିୟନ୍ତ୍ରକଙ୍କ ଦ୍ୱାରା ଦିଆଯିବ ।

**ନିୟନ୍ତ୍ରକ ସୁବିଧାମତେ ମୂଲ୍ୟାୟନ ଗ୍ରହଣ ଓ ପ୍ରମାଣୀକୃତ କରିପାରିବେ ।**

43. ନିୟନ୍ତ୍ରକ ଏକ ସଂପଦାର ଭାଗ ଗଠନ କରୁଥିବା କୌଣସି ସଂପତ୍ତି ଉପରେ ଶୁଳ୍କ ନିମିତ୍ତ ଉତ୍ତରଦାୟୀ ଥିବା ବ୍ୟକ୍ତିଙ୍କଠାରୁ ଆବେଦନ ପାଇବା ପରେ, ଯେଉଁଠାରେ ସେ ମନେ କରନ୍ତି ଯେ ଏହା ସୁବିଧାଜନକ ମତେ କରାଯାଇପାରେ, ସେଠାରେ ସେହି ସଂପଦାର ଭାଗ ଗଠନ କରୁଥିବା କୌଣସି ଶ୍ରେଣୀର ବା ପ୍ରକାରର ସଂପତ୍ତି ନିମିତ୍ତ ତାଙ୍କ ଦ୍ୱାରା ଗୃହୀତ ହୋଇଥିବା ମୂଲ୍ୟାୟନ ପରିମାଣ ପ୍ରମାଣୀକୃତ କରିବେ ।

## ଭାଗ VI

**ଯୁକ୍ତିଯୁକ୍ତ ଶବସତ୍କାର ବ୍ୟୟ ଏବଂ କେତେକ ବ୍ୟତିରେକ ସହ ସଂପଦାର ପ୍ରଭାର୍ଯ୍ୟ ମୂଲ୍ୟ ଅବଧାରିତ କରିବା ସମୟରେ ଋଣ ଓ ଅଭିଭାର ଛାଡ଼ ଦିଆଯିବ ।**

44. ସଂପଦା ଶୁଳ୍କ ଉଦ୍ଦେଶ୍ୟରେ କୌଣସି ସଂପତ୍ତିର ମୂଲ୍ୟାୟନ କରିବା ସମୟରେ ଶବ ସତ୍କାର ବ୍ୟୟ (ଅନଧିକ ଏକ ହଜାର ଟଙ୍କା) ନିମିତ୍ତ ଏବଂ ଋଣ ଓ ଅଭିଭାର ନିମିତ୍ତ ଛାଡ଼ ଦିଆଯିବ; ମାତ୍ର କୌଣସି ଛାଡ଼ି—

(କ) ମୃତବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଋଣ ବା ମୃତବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟୟନ ଦ୍ୱାରା ସୃଷ୍ଟି ହୋଇଥିବା ଅଭିଭାର ନିମିତ୍ତ ଦିଆଯିବ ନାହିଁ, ଯଦି ଧାରା 27ର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ ସେହି ଋଣ ବା ଅଭିଭାର ସଂପୂର୍ଣ୍ଣଭାବରେ ମୃତବ୍ୟକ୍ତିଙ୍କ ନିଜ ବ୍ୟବହାର ଓ ଫାଇଦା ନିମିତ୍ତ ଧନ ବା ଧନର ମୂଲ୍ୟ ଆକାରରେ ପୂରା ପ୍ରତିଫଳ ନିମିତ୍ତ ସଦ୍‌ଭାବନାରେ କରାଯାଇ ନ ଥାଏ ବା ସୃଷ୍ଟି ହୋଇ ନ ଥାଏ ଏବଂ ତାଙ୍କ ହିତରୁ ପ୍ରଭାବୀ ହୋଇ ନ ଥାଏ, କିମ୍ବା

(ଖ) ଯେଉଁ ଋଣ ସଂପର୍କରେ କୌଣସି ଅନ୍ୟ ସଂପଦାରୁ ବା ବ୍ୟକ୍ତିଙ୍କଠାରୁ ପ୍ରତିପୂରଣ ଅଧିକାର ଥାଏ, ସେହି ପ୍ରତିପୂରଣ ମିଳିପାରୁ ନ ଥିଲେ ସେହି ଋଣ ନିମିତ୍ତ ଦିଆଯିବ ନାହିଁ, କିମ୍ବା

(ଗ) ସଂପଦାର ବିଭିନ୍ନ ଭାଗ ଉପରେ ପ୍ରଭାରିତ ସେହି ଏକ ଋଣ ବା ଅଭିଭାର ନିମିତ୍ତ ଏକରୁ ଅଧିକ ଥର ଛାଡ଼ ଦିଆଯିବ ନାହିଁ, କିମ୍ବା

(ଘ) ମୃତ ବ୍ୟକ୍ତିଙ୍କ ଦ୍ୱାରା ବା ତରଫରୁ ମହର ଆକାରରେ କରାଯାଇଥିବା ଋଣ ପାଞ୍ଚ ହଜାର ଟଙ୍କାରୁ ଯେତିକି ଅଧିକ ହୋଇଥାଏ, ସେହି ଅଧିକ ପରିମାଣର ଋଣ ନିମିତ୍ତ ଛାଡ଼ ଦିଆଯିବ ନାହିଁ ।

ଏବଂ ଯେଉଁ ଋଣ ବା ଅଭିଭାର ନିମିତ୍ତ ଛାଡ଼ ଦିଆଯାଇଥାଏ ସେହି ଋଣ ବା ଅଭିଭାର ଯେଉଁ ନିମିତ୍ତ ଦାୟୀ ଥିବା ସମ୍ପତ୍ତିର ମୂଲ୍ୟରୁ କାଟ କରାଯିବ ।

ସ୍ପଷ୍ଟୀକରଣ—ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ "ଶବସତ୍କାର ବ୍ୟୟ" ମୃତ ବ୍ୟକ୍ତିଙ୍କର ମୃତ୍ୟୁଠାରୁ ଏକ ବର୍ଷ କାଳାବଧି ନିମିତ୍ତ ତାଙ୍କର ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ସମ୍ପର୍କରେ ଯେଉଁ ସମସ୍ତ ବ୍ୟୟ କରିବାକୁ ପଡ଼ି ପାରେ ସେହି ସମସ୍ତ ବ୍ୟୟକୁ ଅନ୍ତର୍ଗତ କରେ ।

କାଟଯୋଗ୍ୟ ଋଣର ପରିସୀମା

45. ଯେଉଁଠାରେ ଏକ ଋଣ ବା ଅଭିଭାର ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ହୋଇ ପାରେ କିମ୍ବା ପାରିତ ହୋଇଛି ବୋଲି ବିବେଚିତ ହୋଇଥିବା କୌଣସି ସମ୍ପତ୍ତିରେ ପ୍ରତ୍ୟାଶା କରାଯାଇଥିବା କୌଣସି ହିତର, ବିଧିର ପ୍ରବର୍ତ୍ତନ ଦ୍ୱାରା ବା ଅନ୍ୟଥା, କ୍ରୟ ବା ଅର୍ଜନ ବା ଲୋପ ଉଦ୍ଦେଶ୍ୟରେ ବା ନିମିତ୍ତ ପ୍ରତିଫଳ ଲାଗି ସମ୍ପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ କରାଯାଇଥାଏ ବା ସୃଷ୍ଟି କରାଯାଇଥାଏ, ଏବଂ ଯେଉଁ ବ୍ୟକ୍ତିଙ୍କର ପ୍ରତ୍ୟାଶା କରାଯାଉଥିବା ହିତ ଏହି ରୂପେ କ୍ରୟ, ଅର୍ଜନ ବା ଲୋପ ହୋଇଥାଏ ସେହି ବ୍ୟକ୍ତି (ମୃତ ବ୍ୟକ୍ତିଙ୍କଠାରୁ ସମ୍ପତ୍ତି ଆସିବା ଦ୍ୱାରା ବା ମାଧ୍ୟମରେ କରାଯାଇ ଥିବା କୌଣସି ବ୍ୟୟନ ଅଧୀନରେ ବା ମୃତ ବ୍ୟକ୍ତି ଉଇଲ ବିହୀନ ହେବା ଅବସ୍ଥାରେ) ସେହି ସମ୍ପର୍ତ୍ତିରେ କୌଣସି ହିତ ପ୍ରତି ହକ୍‌ଦାର ହୁଅନ୍ତି, ସେଠାରେ ସମ୍ପଦା ଶୁଳ୍କ ଉଦ୍ଦେଶ୍ୟରେ ମୃତବ୍ୟକ୍ତିଙ୍କର ସମ୍ପଦାର ମୂଲ୍ୟ ଅବଧାରିତ କରିବା ସମୟରେ ସେହି ଋଣ ବା ଅଭିଭାର ସମ୍ପର୍କରେ କିଛି ଛାଡ଼ ଦିଆଯିବ ନାହିଁ, ଏବଂ ସେପରି ଋଣ ବା ଅଭିଭାରରେ ଭାରିତ ସମ୍ପତ୍ତି ସେହି ଋଣ ବା ଅଭିଭାରରୁ ମୁକ୍ତ ହୋଇପାରିବ ହୋଇଛି ବୋଲି ବିବେଚିତ ହେବ :

ପରନ୍ତୁ,

(କ) ଯଦି ସେହି ଋଣ ବା ଅଭିଭାରର କେବଳ ଏକ ଭାଗ ଉପର୍‌ରୋକ୍ତ ଉଦ୍ଦେଶ୍ୟରେ ବା ପ୍ରତିଫଳ ନିମିତ୍ତ କରାଯାଇ ଥାଏ ବା ସୃଷ୍ଟି କରାଯାଇଥାଏ, ତାହାହେଲେ ଏହି ଉପବନ୍ଧ ଋଣ ବା ଅଭିଭାରର କେବଳ ସେହି ଭାଗ ପ୍ରତି ପ୍ରଯୁଜ୍ୟ, ଏବଂ

(ଖ) ଯଦି ଯେଉଁ ବ୍ୟକ୍ତିଙ୍କର ସମ୍ପତ୍ତିରେ ପ୍ରତ୍ୟାଶା କରାଯାଉଥିବା ହିତ ଏହି ରୂପେ କ୍ରୟ, ଅର୍ଜନ ବା ଲୋପ କରାଯାଇଥାଏ ସେହି ବ୍ୟକ୍ତି ସେହି ସମ୍ପତ୍ତିର ଏକ ଭାଗରେ ହିତ ପ୍ରତି ହକ୍‌ଦାର ହୁଅନ୍ତି, ତାହାହେଲେ ଏହି ଉପବନ୍ଧ ସେହି ଋଣ ଓ ଅଭିଭାର ଭାଗ ଓ ସମଗ୍ର ଋଣ ଓ ଅଭିଭାର ଏବଂ ସମ୍ପର୍ତ୍ତିର ଯେଉଁ ଭାଗରେ ତାଙ୍କର ହିତ ଥାଏ, ସେହି ଭାଗର ମୂଲ୍ୟ ଓ ସମଗ୍ର ସମ୍ପର୍ତ୍ତିର ମୂଲ୍ୟ ଅଧୀନରେ ଯେଉଁ ଅନୁପାତ ରହିଛି ସେହି ଅନୁପାତରେ ଋଣ ବା ଅଭିଭାରର ସେହି ଭାଗ ପ୍ରତି ପ୍ରଯୁଜ୍ୟ ହେବ ।

ଅର୍ଥକରେ ପରିସୀମା

46. (1) ଯେଉଁ ଛାଡ଼, ଏହି ଉପବନ୍ଧ ନଥିଲେ, ଧାରା 44 ଅଧୀନରେ ମୃତବ୍ୟକ୍ତିଙ୍କ ଦ୍ୱାରା ସେହି ଧାରାର ଖଣ୍ଡ (କ) ରେ ବର୍ଣ୍ଣିତ ମତେ କରାଯାଇଥିବା ଏକ ଋଣ ନିମିତ୍ତ, କିମ୍ବା ମୃତବ୍ୟକ୍ତିଙ୍କ ଦ୍ୱାରା ତହିଁରେ ବର୍ଣ୍ଣିତ ମତେ ଏକ ବ୍ୟୟନ ଦ୍ୱାରା ସୃଷ୍ଟି କରାଯାଇଥିବା ଏକ ଅଭିଭାର ନିମିତ୍ତ କରାଯାଇଥାନ୍ତା, ସେହି ଛାଡ଼, ସେଥି ନିମିତ୍ତ ଦିଆଯାଇଥିବା ଯେଉଁ ପ୍ରତିଫଳ—

(କ) ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା ସମ୍ପତ୍ତି ; କିମ୍ବା

(ଖ) ଉପରୋକ୍ତମତେ ସମ୍ପତ୍ତି ହୋଇ ନଥିବା, ମାତ୍ର ଯେଉଁ ବ୍ୟକ୍ତି କୌଣସି ସମୟରେ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା ସମ୍ପତ୍ତି ପ୍ରତି ହକ୍‌ଦାର ଥିଲେ କିମ୍ବା ଯାହାଙ୍କ ସମ୍ପଦା ମଧ୍ୟରେ କୌଣସି ସମୟରେ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା କୌଣସି ସମ୍ପର୍ତ୍ତି ଥିଲା, ସେହି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଫଳ;

ଘେନି ଗଠିତ ହୋଇଥାଏ, ସେହି ପ୍ରତିଫଳର ମୂଲ୍ୟର ଅନୁପାତରେ ହ୍ରାସ ହେବାର ଅଧ୍ୟଧୀନ ହେବ;

ପରନ୍ତୁ ଯେଉଁଠାରେ ଦିଆଯାଇଥିବା ପ୍ରତିଫଳର ସମଗ୍ର ବା ଏକ ଭାଗ ଏହି ଉପଧାରାର ଖଣ୍ଡ (ଖ) ରେ ବର୍ଣ୍ଣିତ ପ୍ରତିଫଳ ଘେନି ଗଠିତ ହୋଇଥାଏ, ସେଠାରେ ଯଦି ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଯେ, ଯଥାସ୍ଥିତି, ଦିଆଯାଇଥିବା ପ୍ରତିଫଳର ବା ତାହାର ସେହି ଭାଗର ମୂଲ୍ୟ, ସେହି ସମ୍ପତ୍ତିରୁ ଯେଉଁଗୁଡ଼ିକ ଦିଆଯାଇଥିବାର ପ୍ରତିଫଳରେ ବା ତାହାର ସେହି ଭାଗର ମୂଲ୍ୟ ସେହି ସମ୍ପତ୍ତିରୁ ଯେଉଁଗୁଡ଼ିକ ଦିଆଯାଇଥିବା ପ୍ରତିଫଳରେ ଅନ୍ତର୍ଗତ ହୋଇଥାଏ ବା ଯାହା ସମ୍ପର୍କରେ ପ୍ରତିଫଳ ଦିଆଯିବା ବିଷୟରେ ଧାରା 16 ର ଉପଧାରା (1) ର ପରନ୍ତୁକରେ ବର୍ଣ୍ଣିତ ଅନୁରୂପ ତଥ୍ୟଗୁଡ଼ିକ ଏକ ଆନୁଇଟି ବା ଅନ୍ୟ ହିତର କ୍ରୟ ବା ଉପବନ୍ଧ ସମ୍ପର୍କରେ ପ୍ରମାଣିତ ହୋଇଥାଏ, ତାହା ଭିନ୍ନ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା ସମସ୍ତ ସମ୍ପତ୍ତିର ପ୍ରୟୋଗ ଦ୍ୱାରା ଯାହା ମିଳିଥାନ୍ତା, ତାହା ଭିନ୍ନ ମୃତ ବ୍ୟକ୍ତିଙ୍କଠାରୁ ମିଳିଥିବା ସମସ୍ତ ସମ୍ପତ୍ତିର ପ୍ରୟୋଗ ଦ୍ୱାରା ଯାହା ମିଳିଥାନ୍ତା, ତାହାଠାରୁ ଅଧିକ ହୋଇଥାଏ ତାହାହେଲେ ସେହି ଅଧିକ ପରିମାଣ ସମ୍ପର୍କରେ କିଛି ହ୍ରାସ କରାଯିବ ନାହିଁ ।

(2) ଯେଉଁ ଋଣ ବା ଅଭିଭାର କ୍ଷେତ୍ରରେ, ସେହି ଋଣ ବା ଅଭିଭାରର ପରିଶୋଧ ବା ଉନ୍ମୋଚନ ହୋଇ ନଥିଲେ ତାଙ୍କ ମୃତ୍ୟୁରେ ଉପଧାରା (1) ପ୍ରଭାବୀ ହୋଇଥାନ୍ତା ସେହି ଋଣ ବା ଅଭିଭାରର ପରିଶୋଧ ବା ଉନ୍ମୋଚନ ଲାଗି କିମ୍ବା ଯେଉଁ ଋଣ ବା ଅଭିଭାର କ୍ଷେତ୍ରରେ ସେହି ଉପଧାରା ତାଙ୍କ ମୃତ୍ୟୁରେ ପ୍ରଭାବୀ ହୁଏ ସେହି ଋଣ ବା ଅଭିଭାରର ହ୍ରାସ ଲାଗି ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ବା ପ୍ରୟୋଗ କରାଯାଇଥିବା ଧନ ବା ଧନର ମୂଲ୍ୟ, ମୃତ୍ୟୁର ଦୁଇବର୍ଷ ପୂର୍ବରୁ ଏହିରୂପେ ପ୍ରଦାନ ବା ପ୍ରୟୋଗ କରାଯାଇ ନଥିଲେ, ମୃତ୍ୟୁରେ ପାରିତ ସମ୍ପତ୍ତିରେ ଅନ୍ତର୍ଗତ ହୋଇଥିବା ସମ୍ପତ୍ତି ବୋଲି ବିବେଚିତ ହେବ ଏବଂ ସମ୍ପଦା ଶୁଳ୍କ, ଧାରା 26 ରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ତାହା ସମ୍ପର୍କରେ ତଦନୁଯାୟୀ ପ୍ରଦେୟ ହେବ ।

(3) ଧାରା 16 ର ଉପଧାରା (2) ର ଉପବନ୍ଧଗୁଡ଼ିକ ସେହି ଧାରା ଉଦ୍ଦେଶ୍ୟରେ ଯେପରି ପ୍ରଭାବୀ ହୁଏ, ଏହି ଧାରା ଉଦ୍ଦେଶ୍ୟରେ ସେହିରୂପେ ପ୍ରଭାବୀ ହେବ ।

**ବିଦେଶର ଅଧିବାସୀଙ୍କୁ ଶୋଧ୍ୟ ଋଣ ସେହି ଦେଶରେ ଥିବା ଶୁଳ୍କ ପଦର ସମ୍ପତ୍ତି ବ୍ୟତିରେକ ପ୍ରଥମରେ କାଟ କରାଯିବ ନାହିଁ ।**

47. ମୃତ ବ୍ୟକ୍ତିଙ୍କ ଦ୍ୱାରା ଭାରତ ବାହାରେ ବାସ କରୁଥିବା ବ୍ୟକ୍ତିମାନଙ୍କୁ ଶୋଧ୍ୟ ଋଣ ଭାରତରେ ପ୍ରଦାନ କରାଯିବ ବୋଲି ଚୁକ୍ତି କରାଯାଇ ନଥିଲେ କିମ୍ବା ଭାରତରେ ଅବସ୍ଥିତ ସମ୍ପତ୍ତିରେ ପ୍ରଭାରିତ ହୋଇ ନଥିଲେ, ମୃତ ବ୍ୟକ୍ତିଙ୍କର ଭାରତ ବାହାରେ ଅବସ୍ଥିତ ଯେଉଁ ସମ୍ପଦା ସମ୍ପର୍କରେ ସମ୍ପଦା ଶୁଳ୍କ ଦିଆଯାଏ, ସେହି ସମ୍ପତ୍ତିର ମୂଲ୍ୟ ଭିନ୍ନ ଅନ୍ୟଥା ପ୍ରଥମେ ଛାଡ଼ ଦିଆଯିବ ନାହିଁ ; ଏବଂ ଯେଉଁ ବ୍ୟକ୍ତିଙ୍କୁ ସେହି ଋଣ ଶୋଧ୍ୟ ଥାଏ ସେହି ବ୍ୟକ୍ତି ଯେଉଁ ବିଦେଶରେ ବାସ କରୁଥାନ୍ତି ସେହି ବିଦେଶରେ ଅବସ୍ଥିତ ମୃତ ବ୍ୟକ୍ତିଙ୍କର ସମ୍ପତ୍ତି ସେହି ଋଣ ପରିଶୋଧ ନିମିତ୍ତ ଯେତିକି ଅପର୍ଯ୍ୟାପ୍ତ ବୋଲି ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ଦର୍ଶିତ ହୁଏ, ସେତିକି ବ୍ୟତିରେକ, ସେପରି ଋଣ ସମ୍ପର୍କରେ ସମ୍ପଦା ଶୁଳ୍କ ଫେରସ୍ତ ଦିଆଯିବ ନାହିଁ ।

**ବିଦେଶୀ ସମ୍ପତ୍ତିର ଆଦାୟ ବା ପ୍ରଶାସନ ଖର୍ଚ୍ଚ କେତେକ ପରିସୀମା ମଧ୍ୟରେ ଛାଡ଼ ଦିଆଯାଇ ପାରେ ।**

48. ଯେଉଁଠାରେ ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି ଯେ ସମ୍ପତ୍ତି ଭାରତ ବାହାରେ ଅବସ୍ଥିତ ଥିବା କାରଣରୁ ସମ୍ପତ୍ତିର ପ୍ରଶାସନ ବା ଆଦାୟ ଲାଗି ଅତିରିକ୍ତ ବ୍ୟୟ ହୋଇଛି, ତାହାହେଲେ ସେ ସେହି ବ୍ୟୟ ବାବଦ ସମ୍ପତ୍ତିର ମୂଲ୍ୟରୁ ଛାଡ଼ ଦେଇପାରିବେ ଯାହାକି କୌଣସି କ୍ଷେତ୍ରରେ ସମ୍ପତ୍ତିରେ ମୂଲ୍ୟର ଶତକଡ଼ା ପାଞ୍ଚ ଭାଗରୁ ଅଧିକ ହେବ ନାହିଁ ।

**ଅଣ-ପରସ୍ପରବର୍ତ୍ତୀ ଦେଶରେ ପ୍ରଦତ୍ତ ଶୁଳ୍କ ନିମିତ୍ତ ଛାଡ଼ ।**

49. ଯେଉଁଠାରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ କୌଣସି ସମ୍ପତ୍ତି ଏକ ଅଣ-ପରସ୍ପରବର୍ତ୍ତୀ ଦେଶରେ ଅବସ୍ଥିତ ଥାଏ ଏବଂ ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି ଯେ ସେପରି ମୃତ୍ୟୁ ଯୋଗୁଁ ସେହି ଦେଶରେ ସେହି ସମ୍ପତ୍ତି ସମ୍ପର୍କରେ ଶୁଳ୍କ ପ୍ରଦେୟ ହେଉଛି ସେଠାରେ ସେ, ଏଥିନିମିତ୍ତ ବୋର୍ଡ ଦ୍ୱାରା ପ୍ରଣୀତ ହେବାମତେ ନିୟମାବଳୀର ଅଧ୍ୟଧୀନରେ ସମ୍ପତ୍ତିର ମୂଲ୍ୟରୁ ଶୁଳ୍କର ସମଗ୍ର ବା କୌଣସି ଭାଗ ଛାଡ଼ କରିପାରିବେ ।

ସ୍ପଷ୍ଟୀକରଣ—ଏହି ଧାରାରେ "ଅଣ-ପରସ୍ପରବର୍ତ୍ତୀ ଦେଶ" ପଦର ଅର୍ଥ ଭାରତ ଭିନ୍ନ କୌଣସି ଦେଶ ଯାହାକି ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଏକ ପରସ୍ପରବର୍ତ୍ତୀ ଦେଶ ବୋଲି ଘୋଷିତ ହୋଇନଥାଏ ।

**ମୃତ ବ୍ୟକ୍ତିଙ୍କ ସମ୍ପଦାର ପ୍ରତିନିଧାନ ମିଳିବାଲାଗି କୋର୍ଟଫିସ ଦିଆଯାଇଥିଲେ ସମ୍ପଦା ଶୁଳ୍କରୁ ଛାଡ଼ ।**

50. ଯେଉଁଠାରେ, ଏହି ଅଧିନିୟମ ଅଧୀନରେ ଯେଉଁ ସମ୍ପତ୍ତି ଉପରେ ସମ୍ପଦା ଶୁଳ୍କ ଉଦ୍‌ଗ୍ରହଣ ଯୋଗ୍ୟ ହୋଇଥାଏ ସେହି ସମ୍ପତ୍ତି ସମ୍ପର୍କରେ ପ୍ରୋବେଟ, ପ୍ରଶାସନ ପତ୍ର ବା ଉତ୍ତରାଧିକାର ପ୍ରମାଣପତ୍ର ଆଣିବା ନିମିତ୍ତ କୌଣସି ରାଜ୍ୟରେ ପ୍ରବୃତ୍ତ ଥିବା କୋର୍ଟ ଫିସ୍ ସମ୍ପର୍କୀୟ ବିଧି ଅଧୀନରେ କୌଣସି ଫିସ୍ ଦିଆଯାଇ ଥାଏ, ସେଠାରେ ପ୍ରଦେୟ ସମ୍ପଦା ଶୁଳ୍କ ପରିମାଣରୁ ପ୍ରଦାନ କରାଯାଇଥିବା କୋର୍ଟ ଫିସ୍‌ର ସମାନ ପରିମାଣ କାଟ କରାଯିବ ।

**ଦାନକର ଦିଆଯାଇଥିଲେ ସମ୍ପଦା ଶୁଳ୍କରୁ ଛାଡ଼ ।**

50. (କ) ଯେଉଁଠାରେ କୌଣସି ସମ୍ପତ୍ତିର ଦାନ ସମ୍ପର୍କରେ ଦାନକର ଅଧିନିୟମ, 1958 ଅଧୀନରେ ଦାନକର ପ୍ରଦାନ କରାଯାଇଥାଏ ଏବଂ ସେହି ସମ୍ପତ୍ତି ଏହି ଅଧିନିୟମ ଅଧୀନରେ ପାରିତ ସମ୍ପତ୍ତିରୂପେ ଦାତାଙ୍କର ସମ୍ପଦାରେ ଅନ୍ତର୍ଗତ ହୋଇଥାଏ, ସେଠାରେ ଏହି ଅଧିନିୟମରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଏହି ଅଧିନିୟମ ଅଧୀନରେ ପ୍ରଦେୟ ସମ୍ପଦା ଶୁଳ୍କ ପରିମାଣରୁ ସେହି ସମ୍ପତ୍ତି ସମ୍ପର୍କରେ ସେହି ଅଧିନିୟମ ଅଧୀନରେ ପ୍ରଦାନ କରାଯାଇଥିବା ଦାନକରର ସମାନ ପରିମାଣ କାଟ କରାଯିବ ।

ପୁଞ୍ଜି ଲଭ ଉପରେ କର ଦିଆଯାଇଥିଲେ ସମ୍ପଦା ଶୁଳ୍କରୁ ଛାଡ ।

50. (ଖ) ଯେଉଁଠାରେ ଏହି ଅଧିନିୟମ ଅଧୀନରେ ଯେଉଁ ସଂପତ୍ତି ଉପରେ ସଂପଦା ଶୁଳ୍କ ଉଦ୍‌ଗ୍ରହଣ-ଯୋଗ୍ୟ ହୋଇଥାଏ ସେହି ସଂପତ୍ତି ମୃତ ବ୍ୟକ୍ତିଙ୍କର ମୃତ୍ୟୁର ପରବର୍ତ୍ତୀ ଦୁଇବର୍ଷ କାଳାବଧି ମଧ୍ୟରେ ଅନ୍ତରିତ ହୋଇଥାଏ ଏବଂ ସେହି ଅନ୍ତରଣରୁ ଉଦ୍‌ଭୂତ ପୁଞ୍ଜି ଲଭ ସଂପର୍କରେ ଆୟକର ଅଧିନିୟମ, 1961 ଅଧୀନରେ କର ଦିଆଯାଇଥାଏ ସେଠାରେ, ପ୍ରଦେୟ ସଂପଦା ଶୁଳ୍କ ପରିମାଣ ଓ ଏହି ରୂପେ ଦିଆଯାଇଥିବା କରର ମୋଟ ପରିମାଣ, ଏବଂ ଅନ୍ତରଣର ଲବ୍‌ଧଧନରୁ ସଂପଦା ଶୁଳ୍କ ଲଗି ଦିଆଯାଇଥିବା ପରିମାଣ ଏବଂ ସେହି ଅନ୍ତରଣର ସର୍ବମୋଟ ଲବ୍‌ଧଧନ ମଧ୍ୟରେ ଯେଉଁ ଅନୁପାତ ରହିଛି, ପ୍ରଦେୟ ସଂପଦା ଶୁଳ୍କ ପରିମାଣରୁ ସେହି ଅନୁପାତର ସମାନ ଧନରାଶି କାଟ କରାଯିବ :

ପରନ୍ତୁ ବୋର୍ଡ, ଉତ୍ତରଦାୟୀ ବ୍ୟକ୍ତିଙ୍କ ଆବେଦନକ୍ରମେ, ଉପରୋକ୍ତ ଦୁଇବର୍ଷ କାଳାବଧି ବଢାଇପାରିବ, ଯଦି ତାହା ସନ୍ତୁଷ୍ଟ ହୁଏ ଯେ ଉକ୍ତ କାଳାବଧି ମଧ୍ୟରେ ସଂପତ୍ତିର ଅନ୍ତରଣ ନ କରିବାଲଗି ଉତ୍ତରଦାୟୀ ବ୍ୟକ୍ତିଙ୍କର ଯଥେଷ୍ଟ କାରଣଥିଲା ।

## ଭାଗ VII

### ଶୁଳ୍କର ଆଦାୟ

ଶୁଳ୍କ ଆଦାୟ ପଦ୍ଧତି ।

51. ସଂପଦା ଶୁଳ୍କ ବୋର୍ଡ ଦ୍ୱାରା ବିହିତ ହେବାମତେ ଉପାୟରେ ଓ ରୀତିରେ ଆଦାୟ କରାଯାଇପାରେ ।

ସଂପତ୍ତିର ଅନ୍ତରଣ ଦ୍ୱାରା ଶୁଳ୍କର ପ୍ରଦାନ ।

52. (1) କେନ୍ଦ୍ର ସରକାର, ସଂପଦା ଶୁଳ୍କ ଲଗି ଉତ୍ତରଦାୟୀ ବ୍ୟକ୍ତିଙ୍କ ଆବେଦନ କ୍ରମେ, ସେହି ଶୁଳ୍କର ସମଗ୍ର ବା କୌଣସି ଭାଗର ପରିତୁଷ୍ଟି ଲଗି ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ କୌଣସି ସଂପତ୍ତି କେନ୍ଦ୍ର ସରକାର ଓ ସେହି ଉତ୍ତରଦାୟୀ ବ୍ୟକ୍ତିଙ୍କ ମଧ୍ୟରେ ରାଜିନାମା ହେବାମତେ ମୂଲ୍ୟରେ ଗ୍ରହଣ କରିପାରିବେ, ଏବଂ ତା'ପରେ ସେହି ବ୍ୟକ୍ତି ଏଥିନିମିତ୍ତ ସେହି ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହେବା ମତେ ପ୍ରାଧିକାରୀଙ୍କୁ ସେହି ସମ୍ପତ୍ତି ପରିଦାନ କରିବେ ।

(2) ଆପାତତଃ ପ୍ରବୃତ୍ତ ଥିବା କୌଣସି ଅନ୍ୟ ବିଧିରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଯେଉଁ ତାରିଖରେ ସମ୍ପତ୍ତିର ଦଖଲ ଉପଧାରା (1) ଅଧୀନରେ ପ୍ରାଧିକାରୀଙ୍କୁ ପରିଦାନ କରାଯାଏ, ସେହି ତାରିଖରେ—

(*i*) ସେହି ସମ୍ପତ୍ତି କେନ୍ଦ୍ର ସରକାରଙ୍କଠାରେ ନିହିତ ହେବ; ଏବଂ

(*ii*) କେନ୍ଦ୍ର ସରକାର ଆବଶ୍ୟକ ହେଲେ ସଂପୃକ୍ତ ରେଜିଷ୍ଟ୍ରିକାରୀ ପ୍ରାଧିକାରୀଙ୍କୁ ତଦନୁଯାୟୀ ସଂସୂଚିତ କରିବେ; ଏବଂ ସେହି ପ୍ରାଧିକାରୀ ସେହି ସଂପତ୍ତିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ରୀତିରେ ପ୍ରଶାସିତ କରିବେ ।

(3) ଯେଉଁଠାରେ ଉପଧାରା (1) ରେ ଉଲ୍ଲିଖିତ ମୂଲ୍ୟ ମୃତ ବ୍ୟକ୍ତିଙ୍କ ସଂପଦା ସଂପର୍କରେ ଏହି ଅଧିନିୟମ ଅଧୀନରେ ଶୋଧ୍ୟ ମୋଟ ପରିମାଣରୁ ଅଧିକ ହୋଇଥାଏ, ସେଠାରେ ସେହି ଅଧିକ ପରିମାଣ ନିମ୍ନଲିଖିତ କ୍ରମରେ, ଯେଉଁ କର ଅର୍ଥ ଦଣ୍ଡ, ସୁଧ ବା ଅନ୍ୟ ପରିମାଣ—

(*i*) ମୃତ ବ୍ୟକ୍ତିଙ୍କ ବୈଧ ପ୍ରତିନିଧି, କେନ୍ଦ୍ର ରାଜସ୍ୱ ବୋର୍ଡ ଅଧିନିୟମ, 1963 ର ଧାରା 2ର ଖଣ୍ଡ (ଗ) ରେ ଉଲ୍ଲିଖିତ କୌଣସି ଅଧିନିୟମ ଅଧୀନରେ ମୃତ ବ୍ୟକ୍ତିଙ୍କର ଆୟ ବ୍ୟୟ ବା ଧନ ବା ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ଦାନ ସମ୍ପର୍କରେ ପ୍ରଦାନ କରିବାକୁ ଦାୟୀ ହୋଇଥାନ୍ତି;

(*ii*) ଏକ୍‌ଜିକ୍ୟୁଟର ମୃତ ବ୍ୟକ୍ତିଙ୍କ ସମ୍ପଦା ସମ୍ପର୍କରେ ସମ୍ପଦାର ପ୍ରଶାସନ କାଳାବଧି ନିମିତ୍ତ ଉପରୋକ୍ତ କୌଣସି ଅଧିନିୟମ ଅଧୀନରେ ପ୍ରଦାନ କରିବାକୁ ଦାୟୀ ହୋଇଥାନ୍ତି ;

(*iii*) ପ୍ରଶଭୂତ ସମ୍ପତ୍ତି ପାଇବାକୁ ଫାଇଦାପ୍ରଦ ଭାବରେ ହକ୍‌ଦାର ହୋଇଥିବା ବ୍ୟକ୍ତି ସେପରି କୌଣସି ଅଧିନିୟମ ଅଧୀନରେ ପ୍ରଦାନ କରିବାକୁ ଦାୟୀ ହୋଇଥାନ୍ତି,

ତାହା ପ୍ରଦାନ କରିବା ନିମିତ୍ତ ଉପଯୋଜିତ ହେବ ଏବଂ ଅବଶେଷ, ଯଦି ଥାଏ, ତାହା ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଦିଆଯିବ ।

ଉତ୍ତରଦାୟୀ ବ୍ୟକ୍ତି ଏବଂ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ।

53. (1) ଯେଉଁଠାରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ କୌଣସି ସମ୍ପତ୍ତି ପାରିତ ହୁଏ—

(କ) ଯେଉଁ ବୈଧ ପ୍ରତିନିଧିଙ୍କ ନିକଟକୁ ଦଖଲରେ କୌଣସି ଫାଇଦାପ୍ରଦ ହିତ ନିମିତ୍ତ ସେହି ସମ୍ପତ୍ତି ପାରିତ ହୋଇଥାଏ, ସେହି ପ୍ରତ୍ୟେକ ବୈଧ ପ୍ରତିନିଧି କିମ୍ବା ଯେଉଁ ବ୍ୟକ୍ତିଙ୍କଠାରେ ଏହି ରୂପେ ପାରିତ ସମ୍ପତ୍ତିରେ କୌଣସି ହିତ କୌଣସି ସମୟରେ ନିହିତ ହୋଇଥାଏ, ସେହି ପ୍ରତ୍ୟେକ ବ୍ୟକ୍ତି,

(ଖ) ଯେଉଁ ନ୍ୟାସୀ, ଅଭିଭବକ, କମିଟି ବା ଅନ୍ୟ ବ୍ୟକ୍ତିଙ୍କଠାରେ ଏହିରୂପେ ପାରିତ ସମ୍ପତ୍ତିରେ କୌଣସି ହିତ ବା ସଂପତ୍ତିର ପରିଚ୍ଳନା କୌଣସି ସମୟରେ ନିହିତ ହୋଇଥାଏ ସେହି ନ୍ୟାସୀ, ଅଭିଭାବକ, କମିଟି ବା ଅନ୍ୟ ପ୍ରତ୍ୟେକ ବ୍ୟକ୍ତି, ଏବଂ

(ଗ) ଯେଉଁ ବ୍ୟକ୍ତିଙ୍କଠାରେ ଏହିରୂପେ ପାରିତ ସଂପତ୍ତିରେ କୌଣସି ହିତ ହସ୍ତାନ୍ତରଣ ବା ଅନ୍ୟ ବ୍ୟୁତ୍ପନ୍ନୀ ହକ୍‌ଦାର, ଦଖଲରେ ନିହିତ ହୋଇଥାଏ । ସେହି ପ୍ରତ୍ୟେକ ବ୍ୟକ୍ତି,

ମୃତ୍ୟୁରେ ପାରିତ ସଂପତ୍ତି ଉପରେ ସମଗ୍ର ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ହେବେ ମାତ୍ର ସେ ମୃତ ବ୍ୟକ୍ତିଙ୍କର ଯେଉଁ ଆସ୍ତି ବାସ୍ତବରେ ପାଇଥାନ୍ତି କିମ୍ବା ଯାହା ତାଙ୍କ ନିଜର ଅବହେଳା ବା ଖିଲପ ନ ଥିଲେ ସେ ପାଇପାରିଥାନ୍ତେ ସେହି ଆସ୍ତିର ଅଧିକରେ କୌଣସି ଶୁଳ୍କ ନିମିତ୍ତ ଦାୟୀ ହେବେନାହିଁ :

ପରନ୍ତୁ, ଏହି ଧାରାରେ କିଛି ବିଷୟ ଯେଉଁ ବ୍ୟକ୍ତି ସଂପତ୍ତିର ପରିଚ୍ଳନାରେ ଅନ୍ୟ ଜଣେ ବ୍ୟକ୍ତିଙ୍କର କେବଳ ଏଜେଣ୍ଟ ବା ବେଲିଫ୍ ରୂପେ କାର୍ଯ୍ୟ କରନ୍ତି, ସେହି ବ୍ୟକ୍ତିଙ୍କୁ ଶୁଳ୍କ ନିର୍ମିତ୍ତ ଉତ୍ତରଦାୟୀ କରିବନାହିଁ;

(2) ଉପଧାରା (1) ରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବାସତ୍ତ୍ୱେ, ଯେଉଁଠାରେ ଜଣେ ବୈଧତଃ ଉତ୍ତରାଧିକାରୀ ନିୟନ୍ତ୍ରକଙ୍କ ସନ୍ତୋଷ ମୁତାବକ ପ୍ରମାଣିତ କରନ୍ତି ଯେ ଅନ୍ୟ କେହି ବ୍ୟକ୍ତି ମୃତବ୍ୟକ୍ତିଙ୍କର କୌଣସି ଆସ୍ତିର ପ୍ରତିକୂଳ ଦଖଲରେ ଅଛି, ସେଠାରେ ବୈଧତଃ ଉତ୍ତରାଧିକାରୀ ସେହି ଆସ୍ତିଲାଗି ପ୍ରଦେୟ ସଂପଦା ଶୁଳ୍କର ଭାଗ ନିମିତ୍ତ ଉତ୍ତରଦାୟୀ ହେବେନାହିଁ :

ପରନ୍ତୁ, ସେ ପରେ ସେହି ଆସ୍ତି ଦଖଲ କରନ୍ତି ଓ ଯେତିକି ଦଖଲ କରନ୍ତି ସେତିକି ଲାଗି ଏହିରୂପେ ଉତ୍ତରଦାୟୀ ହେବେ ।

(3) ଏହି ଧାରା ଅଧୀନରେ ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ପ୍ରତ୍ୟେକ ବ୍ୟକ୍ତି ମୃତ ବ୍ୟକ୍ତିଙ୍କର ମୃତ୍ୟୁର ଛଅ ମାସ ମଧ୍ୟରେ ଯେଉଁ ସଂପତ୍ତି ସଂପର୍କରେ ସମ୍ପଦା ଶୁଳ୍କ ପ୍ରଦେୟ ହୋଇଥାଏ ବିହିତ ଫାର୍ମରେ ଓ ବିହିତ ରୀତିରେ ସତ୍ୟାପିତ ହୋଇଥିବା ସେହି ସମସ୍ତ ସମ୍ପତ୍ତିର ବିବରଣୀ ନିୟନ୍ତ୍ରକଙ୍କୁ ଦେବେ:

ପରନ୍ତୁ, ନିୟନ୍ତ୍ରକ ଉପରୋକ୍ତ ଛଅ ମାସ କାଳାବଧିକୁ ବିହିତ ହେବାମତେ ନିବଂଧନରେ ବଢାଇପାରିବେ, ଯାହାକି ସୁଧର ପ୍ରଦାନକୁ ଅନ୍ତର୍ଗତ କରିପାରେ ।

(4) ଯେଉଁଠାରେ ଉତ୍ତରଦାୟୀ ବ୍ୟକ୍ତି କୌଣସି ସମ୍ପତ୍ତିରେ ପରିମାଣ ବା ମୂଲ୍ୟ ବା ସେ ଜାଣି ନ ଥିବା ଯୋଗୁଁ ବିବରଣୀରେ ଅନ୍ତର୍ଗତ କରିନାହାନ୍ତି ବୋଲି ଅବହିତ ଥାନ୍ତି, ସେଠାରେ ସେ ଉଲ୍ଲେଖ କରିପାରିବେ ଯେ ସେହି ସମ୍ପତ୍ତି ଅଛି, ମାତ୍ର ସେ ତାହାର ପରିମାଣ ବା ମୂଲ୍ୟ ଜାଣନ୍ତି ନାହିଁ ଏବଂ ପରିମାଣ ଓ ମୂଲ୍ୟ ଜଣାପଡ଼ିବା ମାତ୍ରେ ତାହାର ଏକ ଅନୁପୂରକ ବିବରଣୀ ଦେବାକୁ ଏବଂ ସେହି ସମ୍ପତ୍ତି ସମ୍ପର୍କରେ ସେ ଯେଉଁ ଶୁଳ୍କ ଲାଗି ଦାୟୀ ହୋଇପାରନ୍ତି ସେହି ଶୁଳ୍କ ଏବଂ ସେହି କାରଣରୁ ମୂଳ ବିବରଣୀରେ ବର୍ଣ୍ଣିତ ସମ୍ପତ୍ତି ସମ୍ପର୍କରେ ସେ ପ୍ରଦେୟ ହୋଇଥିବା ଯେଉଁ ଅଧିକତର ଶୁଳ୍କ ଲାଗି ଦାୟୀ ହୋଇପାରନ୍ତି ସେହି ଅଧିକତର ଶୁଳ୍କ, ଉଭୟ ପ୍ରଦାନ କରିବାକୁ ପ୍ରତିଶ୍ରୁତ ଅଟନ୍ତି ।

(5) ଯେଉଁଠାରେ ଦୁଇଜଣ ବା ଅଧିକ ବ୍ୟକ୍ତି, ସେହି ଏକ କ୍ଷମତାରେ ବା ବିଭିନ୍ନ କ୍ଷମତାରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ କୌଣସି ସମ୍ପତ୍ତି ସମ୍ପର୍କରେ ସମ୍ପଦା ଶୁଳ୍କ ଲାଗି ଉତ୍ତରଦାୟୀ ହୋଇଥାନ୍ତି ସେମାନେ ଏହିରୂପେ ପାରିତ ସମ୍ପତ୍ତି ଉପରେ ସମଗ୍ର ସମ୍ପଦା ଶୁଳ୍କ ନିମିତ୍ତ ମିଳିତଭାବରେ ଓ ପୃଥକଭାବରେ ଉତ୍ତରଦାୟୀ ହେବେ ।

**ଉତ୍ତରଦାୟୀ ବ୍ୟକ୍ତି କେତେକ କ୍ଷେତ୍ରରେ ନ୍ୟାସୀଙ୍କୁ ଅନ୍ତର୍ଗତ କରିପାରେ ।**

54. (1) ଯେଉଁଠାରେ ଧାରା 11ର ଅର୍ଥାନ୍ତର୍ଗତ ଏକ ମୃତ୍ୟୁରେ ସମାପ୍ତ ହେବାକୁ ପରିସୀମିତ ହୋଇଥିବା ଏକ ହିତ ଦଖଲରେ ଥିବା ହିତ ହେବାପରେ, ସଂପୂର୍ଣ୍ଣଭାବରେ ବା ଆଂଶିକଭାବରେ, ବ୍ୟୟନିତ ହୁଏ ବା ସମାପ୍ତ ହୁଏ, ସେଠାରେ ଯେଉଁ ସମ୍ପତ୍ତିରେ ହିତ ରହିଥାଏ ସେହି ସମ୍ପତ୍ତି ଯେଉଁ ପ୍ରକାରର ହୋଇଥାଉ, ନିମ୍ନଲିଖିତ ବ୍ୟକ୍ତିମାନେ ସେହି ଧାରା ବଳରେ ମୃତ୍ୟୁରେ ପ୍ରଦେୟ ସମ୍ପଦା ଶୁଳ୍କ ନିମିତ୍ତ ( ଏହି ଧାରା ଭିନ୍ନ ସେଥିନିମିତ୍ତ ଉତ୍ତରଦାୟୀ ବ୍ୟକ୍ତିମାନଙ୍କ ଅଧିକରେ ) ଦାୟୀ ହେବ, ଅର୍ଥାତ୍–

(କ) ଯଦି ଯେଉଁ ବ୍ୟବସ୍ଥାପନ ଅଧୀନରେ ହିତ ରହିଥାଏ, ସେହି ବ୍ୟବସ୍ଥାପନ ମୃତ୍ୟୁ ସମୟରେ ପ୍ରବୃତ୍ତ ଥାଏ, ତାହାହେଲେ ଆପାତତଃ ସେହି ବ୍ୟବସ୍ଥାପନର ନ୍ୟାସୀମାନେ; ଏବଂ

(ଖ) ଯଦି ତାହା ହୋଇ ନ ଥାଏ ଯେଉଁ ବ୍ୟକ୍ତିମାନେ ସେହି ବ୍ୟବସ୍ଥାପନର ଶେଷ ନ୍ୟାସୀଗଣ ଥିଲେ ।

(2) ଯେଉଁଠାରେ–

(କ) ଏକ ବ୍ୟବସ୍ଥାପନର ନ୍ୟାସୀଗଣ କୌଣସି ସମ୍ପତ୍ତି ସମ୍ପର୍କରେ ଧାରା 11 ବଳରେ ସମ୍ପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ହୋଇପାରନ୍ତି; ଏବଂ

(ଖ) ଏହି ଅଭିପ୍ରାୟ ଥାଏ ଯେ ସେହି ସମ୍ପତ୍ତି ବା ତାହାର କୌଣସି ଭାଗ ବ୍ୟବସ୍ଥାପନରେ ଆଉ ସମାବିଷ୍ଟ ହେବନାହିଁ;

ସେଠାରେ ଯଦି ନ୍ୟାସୀଗଣ, ଯେଉଁପରିମାଣ ନିୟନ୍ତ୍ରକଙ୍କ ମତରେ ଶୁଳ୍କର ଭବିଷ୍ୟଲଭୀ ପରିମାଣ ବୋଲି ଯଥାର୍ଥରେ ବିବେଚିତ ହୋଇପାରେ ସେହି ପରିମାଣର ଏକ ପ୍ରମାଣପତ୍ର ନିୟନ୍ତ୍ରକଙ୍କଠାରୁ ଆଣନ୍ତି, ଏବଂ ପ୍ରମାଣପତ୍ର ନିମିତ୍ତ ଆବେଦନ ସଂପର୍କରେ ନିୟନ୍ତ୍ରକ ଯେଉଁ ତଥ୍ୟ ଓ ସାକ୍ଷ୍ୟ ଆବଶ୍ୟକ କରନ୍ତି ତାହା ନିୟନ୍ତ୍ରକଙ୍କୁ ଦିଅନ୍ତି ତାହାହେଲେ ପ୍ରମାଣପତ୍ର ସଂପର୍କିତ ଶୁଳ୍କ ଲାଗି କୌଣସି ବ୍ୟକ୍ତି ପ୍ରମାଣୀକୃତ ପରିମାଣର ଅଧିକରେ କୌଣସି ପରିମାଣ ଲାଗି ବ୍ୟବସ୍ଥାପନର ନ୍ୟାସୀ ରୂପେ ଉତ୍ତରଦାୟୀ ହେବେନାହିଁ ।

(3) ଏତଦ୍ୱାରା ଘୋଷଣା କରାଯାଉଛି ଯେ ଯେଉଁ ବ୍ୟକ୍ତି, ଯେଉଁ ସଂପତ୍ତି ଏକ ବ୍ୟବସ୍ଥାପନର ସମାବିଷ୍ଟ ରହିଛି ବା ରହିଥାଏ ସେହି ସଂପତ୍ତି ଉପରେ ଧାରା 11 ବଳରେ ପ୍ରଦେୟ ସଂପଦା ଶୁଳ୍କ ନିମିତ୍ତ ଏକ ବ୍ୟବସ୍ଥାପନର ନ୍ୟାସୀ ରୂପେ ଉତ୍ତରଦାୟୀ ହୋଇପାରନ୍ତି, ସେହି ବ୍ୟକ୍ତିଙ୍କର ଏହିରୂପେ ସମାବିଷ୍ଟ ହୋଇଥିବା ଓ ତାଙ୍କ ହାତରେ ଥିବା କୌଣସି ସଂପତ୍ତି ଉପରେ ଭବିଷ୍ୟଲଭୀ ଶୁଳ୍କ ପରିମାଣ ସେଥିନିମିତ୍ତ ଖର୍ଚ୍ଚ ଲାଗି ଧାରଣାଧିକାର ରହିଛି ।

ସ୍ପଷ୍ଟୀକରଣ—ଏହି ଧାରାରେ କୌଣସି ଶୁଳ୍କର ଭବିଷ୍ୟଲଭୀ ପରିମାଣର ଉଲ୍ଲେଖ, ତାହା ପ୍ରଭର୍ଯ୍ୟହେବ ଏହି ଧାରଣା ଭିତ୍ତିରେ ଶୁଳ୍କର ଭବିଷ୍ୟଲଭୀ ପରିମାଣର ଉଲ୍ଲେଖ ବୋଲି ଧରାଯିବ ।

**ଦଖଲ ରେ ଅଛନ୍ତି ବୋଲି ବିଶ୍ୱାସ କରା-ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ନିୟନ୍ତ୍ରକ ଆବଶ୍ୟକ କରିବାମତେ ସମ୍ପତ୍ତି ବିଶିଷ୍ଟର ବିବରଣୀ ଦେବେ ।**

55. ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ପ୍ରତ୍ୟେକ ବ୍ୟକ୍ତି, ଯେଉଁ କଂପାନିକୁ ନିୟନ୍ତ୍ରକଙ୍କ ମତରେ ଧାରା 17ରେ ବର୍ଣ୍ଣିତମତେ ମୃତବ୍ୟକ୍ତିଙ୍କ ଦ୍ୱାରା ସଂପତ୍ତିର ଏକ ଅନ୍ତରଣ କରାଯାଇଥାଏ ସେହି ପ୍ରତ୍ୟେକ କଂପାନି, ଯେଉଁ ବ୍ୟକ୍ତି ସେପରି ଏକ କଂପାନିର ଅଧିକାରୀ ବା ଅଡ଼ିଟର ଅଟନ୍ତି ବା କୌଣସି ସମୟରେ ଥିଲେ ଏବଂ ଯେଉଁ ବ୍ୟକ୍ତି ମୃତବ୍ୟକ୍ତିଙ୍କ ମୃତ୍ୟୁରେ ଯେଉଁ ସଂପଦା ସଂପର୍କରେ ଶୁଳ୍କ ଉଦ୍‌ଗ୍ରହଣଯୋଗ୍ୟ ହୋଇଥାଏ ସେହି ସଂପଦାର, ବା ସେହି ସଂପଦାର କୌଣସି ଭାଗର ଆୟ ଦଖଲ କରିଛନ୍ତି ବା ପ୍ରଶାସିତ କରିଛନ୍ତି ବୋଲି ନିୟନ୍ତ୍ରକ ବିଶ୍ୱାସ କରନ୍ତି ସେହି ପ୍ରତ୍ୟେକ ବ୍ୟକ୍ତି, ନିୟନ୍ତ୍ରକ ଆବଶ୍ୟକ କଲେ, ଯେଉଁ ସଂପତ୍ତି ଯେଉଁ ସଂପଦା ସଂପର୍କରେ ମୃତବ୍ୟକ୍ତିଙ୍କ ମତ୍ୟୁରେ ସଂପଦା ଶୁଳ୍କ ଉଦ୍‌ଗ୍ରହଣଯୋଗ୍ୟ ହୋଇଥାଏ ସେହି ସଂପଦାର ଭାଗ ଗଠନ କରୁଛି ବୋଲି ତାଙ୍କର ବିଶ୍ୱାସ କରିବାର କାରଣ ଥାଏ, ସେହି ସଂପତ୍ତି ସଂପର୍କରେ ନିୟନ୍ତ୍ରକ ଯେଉଁ ହିସାବ, ଦସ୍ତାବିଜ, ସାକ୍ଷ୍ୟ ବା ତଥ୍ୟସହ ଯେଉଁ ବିଶିଷ୍ଟ ଆବଶ୍ୟକ କରନ୍ତି, ତାହା ସମେତ ସେହି ବିବରଣୀ ତାଙ୍କୁ ଦେବେ ଏବଂ ତାଙ୍କର ଜ୍ଞାନ ଓ ବିଶ୍ୱାସମତେ ସତ୍ୟାପିତ କରିବେ ।

**ନିୟନ୍ତ୍ରକଙ୍କୁ ବିଶିଷ୍ଟ ଦିଆନଗଲେ ପ୍ରତିନିଧାନ ଇତ୍ୟାଦି ମଞ୍ଜୁର ହେବନାହିଁ ।**

56. (1) ଯେଉଁ କ୍ଷେତ୍ରରେ ପ୍ରତିନିଧାନ ମଞ୍ଜୁର ଲାଗି ଆବେଦନ କରାଯାଏ ସେହି ପ୍ରତ୍ୟେକ କ୍ଷେତ୍ରରେ—

(କ) ମୃତବ୍ୟକ୍ତିଙ୍କ ଏକ୍‌ଜିକ୍ୟୁଟର, ଯେଉଁ ସଂପତ୍ତି ସଂପର୍କରେ ମୃତବ୍ୟକ୍ତିଙ୍କ ମୃତ୍ୟୁରେ ସଂପଦା ଶୁଳ୍କ ପ୍ରଦେୟ ହୋଇଥାଏ, ତାଙ୍କର ଜ୍ଞାନ ଓ ବିଶ୍ୱାସମତେ, ସେହି ସମସ୍ତ ସଂପତ୍ତି, କୋର୍ଟଫିସ୍ ଅଧିନିୟମ, 1870ର ଧାରା 19 ଙ ଅଧୀନରେ ନ୍ୟାୟାଳୟରେ ଫାଇଲ କରାଯାଉଥିବା ମୂଲ୍ୟାୟନ ଶପଥପତ୍ରର ସଂଲଗ୍ନ ସମୁଚିତ ବିବରଣୀରେ ବିନିର୍ଦ୍ଦିଷ୍ଟ କରିବେ ଏବଂ ବିବରଣୀ ସହ ଶପଥପତ୍ରର ଏକ ନକଲ ନିୟନ୍ତ୍ରକଙ୍କୁ ଦେବେ, ଏବଂ

(ଖ) ଆବେଦନକାରୀ ଖଣ୍ଡ (କ)ରେ ବିହିତ ବିବରଣୀ ଦେବେ ଏବଂ ବିବରଣୀରେ ଅନ୍ତର୍ଗତ ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କ ଯଥାସ୍ଥିତି, ଦିଆହୋଇଛି ବା ଦିଆଯିବ କିମ୍ବା କିଛି ଶୋଧ୍ୟ ନାହିଁ ବୋଲି ଧାରା 57ର ଉପଧାରା (2) କିମ୍ବା ଧାରା 67 ଅଧୀନରେ ନିୟନ୍ତ୍ରକଙ୍କଠାରୁ ଏକ ପ୍ରମାଣପତ୍ର ପେଶ୍ କରିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ତାଙ୍କ ଆବେଦନ ଉପରେ ପ୍ରତିନିଧାନ ମଞ୍ଜୁରଲାଗି ହକ୍‌ଦାର କରି କୌଣସି ଆଦେଶ ଦିଆଯିବ ନାହିଁ ।

(2) ଯେଉଁ କ୍ଷେତ୍ରରେ ଉତ୍ତରାଧିକାର ପ୍ରମାଣପତ୍ର ମଞ୍ଜୁର କରାଯିବାଲାଗି ଆବେଦନ କରାଯାଇଥାଏ, ସେହି ପ୍ରତ୍ୟେକ କ୍ଷେତ୍ରରେ ଆବେଦନର ଏକ ନକଲ ଆବେଦନକାରୀଙ୍କଦ୍ୱାରା ନିୟନ୍ତ୍ରକଙ୍କୁ ଦିଆଯିବ ଏବଂ ଆବେଦନକାରୀ ଆବେଦନରେ ବର୍ଣ୍ଣିତ ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କ, ଯଥାସ୍ଥିତି, ଦିଆହୋଇଛି ବା ଦିଆଯିବ କିମ୍ବା କିଛି ଶୋଧ୍ୟନାହିଁ ବୋଲି ଧାରା 57ର ଉପଧାରା (2) କିମ୍ବା ଧାରା 67 ଅଧୀନରେ ନିୟନ୍ତ୍ରକଙ୍କଠାରୁ ଏକ ପ୍ରମାଣପତ୍ର ପେଶ୍ କରିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ତାଙ୍କ ଆବେଦନ ଉପରେ ପ୍ରମାଣପତ୍ର ମଞ୍ଜୁର ଲାଗି ହକ୍‌ଦାର କରି କୌଣସି ଆଦେଶ ଦିଆଯିବନାହିଁ ।

**ନିୟମିତ ନିର୍ଦ୍ଧାରଣପୂର୍ବରୁ ଅସ୍ଥାୟୀ ନିର୍ଦ୍ଧାରଣ କରିବାକୁ କ୍ଷମତା ।**

57. (1) ସଂପଦା ଶୁଳ୍କ ମୃତବ୍ୟକ୍ତିଙ୍କ ମୃତ୍ୟୁ ତାରିଖଠାରୁ ଶୋଧ୍ୟ ହେବ ଏବଂ ନିୟନ୍ତ୍ରକ, ଧାରା 53 ବା ଧାରା 56 ଅଧୀନରେ ଦିଆଯାଇଥିବା ବିବରଣୀ ପାଇବାପରେ କୌଣସି ସମୟରେ, ଏହିରୂପେ ଦିଆଯାଇ ଥିବା ବିବରଣୀ ଭିତ୍ତିରେ ବିବରଣୀ ଦେଉଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଦେୟ ସଂପଦା ଶୁଳ୍କର ଏକ ଅସ୍ଥାୟୀ ନିର୍ଦ୍ଧାରଣ ବିହିତ ରୀତିରେ କରିବାକୁ ଅଗ୍ରସର ହେବେ ।

(2) ଉପଧାରା (1) ଅଧୀନରେ ଅସ୍ଥାୟୀ ନିର୍ଦ୍ଧାରଣ ହେବାପରେ, ଏହିରୂପେ ନିର୍ଦ୍ଧାରିତ ହୋଇଥିବା ବ୍ୟକ୍ତି ଅସ୍ଥାୟୀ ନିର୍ଦ୍ଧାରଣ ଉପରେ ପ୍ରଦେୟ ସଂପଦା ଶୁଳ୍କ ନିୟନ୍ତ୍ରକଙ୍କୁ ପ୍ରଦାନ କରିବେ, କିମ୍ବା ପ୍ରଦାନ କରିବା ଲାଗି ନିୟନ୍ତ୍ରକଙ୍କ ସନ୍ତୋଷମୁତାବକ ପ୍ରତିଭୂତି ଦେବେ, ଏବଂ ତା'ପରେ ନିୟନ୍ତ୍ରକ ପ୍ରମାଣପତ୍ରରେ ବର୍ଣ୍ଣିତ ସଂପତ୍ତି ସଂପର୍କରେ, ଯଥାସ୍ଥିତି, ସେହି ଶୁଳ୍କ ଦିଆଯାଇଛି ବା ଦିଆଯିବ କିମ୍ବା ଶୋଧ୍ୟ ନାହିଁ ବୋଲି ତାଙ୍କୁ ପ୍ରମାଣପତ୍ର ଦେବେ ।

(3) ଧାରା 58 ଅଧୀନରେ ନିୟମିତ ନିର୍ଦ୍ଧାରଣ ହେବା ପରେ ଉପଧାରା (1) ଅଧୀନରେ କରାଯାଇଥିବା ଅସ୍ଥାୟୀ ନିର୍ଦ୍ଧାରଣ ବାବଦ ଦିଆଯାଇଛି ବୋଲି ବିବେଚିତ ହେବ ।

(4) ଉପଧାରା (1) ଅଧୀନରେ କରାଯାଇଥିବା ଅସ୍ଥାୟୀ ନିର୍ଦ୍ଧାରଣ ଉପରେ କୌଣସି ଅପିଲ ଚଳିବ ନାହିଁ, ମାତ୍ର ସେପରି କୌଣସି ଅସ୍ଥାୟୀ ନିର୍ଦ୍ଧାରଣ ଯୋଗୁଁ ବା ପରିଣାମରେ କିଛି କରାଯାଇଥିଲେ ବା ସହ୍ୟ କରାଯାଇଥିଲେ ତାହା ଧାରା 58 ଅଧୀନରେ ନିୟମିତ ନିର୍ଦ୍ଧାରଣ କ୍ରମରେ ଯେଉଁ ବିଷୟ ଉଦ୍‌ଭୁତ ହୋଇପାରେ ସେହି ବିଷୟର ଗୁଣାଗୁଣର ବିଚାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ନିର୍ଦ୍ଧାରଣ ।

58. (1) ଯଦି ନିୟନ୍ତ୍ରକ ଉତ୍ତରଦାୟୀ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକ ନ କରି ସନ୍ତୁଷ୍ଟ ହୁଅନ୍ତି ଯେ ଧାରା 53 ବା ଧାରା 57 ଅଧୀନରେ ଦିଆଯାଇଥିବା ବିବରଣୀ ସତ୍ୟ ଓ ସଂପୂର୍ଣ୍ଣ ଅଟେ, ତାହାହେଲେ ସେ ମୃତବ୍ୟକ୍ତିଙ୍କର ସଂପର୍କରେ ସଂପଦାର ମୂଳ ମୂଲ୍ୟ ନିର୍ଦ୍ଧାରଣ କରିବେ, ଏବଂ ସଂପଦା ଶୁଳ୍କ ରୂପେ ପ୍ରଦେୟ ପରିମାଣ ଅବଧାରିତ କରିବେ ।

(2) ଯଦି ନିୟନ୍ତ୍ରକ ଏହିରୂପେ ସନ୍ତୁଷ୍ଟ ନ ହୁଅନ୍ତି, ତାହାହେଲେ ସେ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ସୂଚନାରେ ବିନିର୍ଦ୍ଦିଷ୍ଟ ହେବା ଏକ ତାରିଖରେ ତାଙ୍କ ଅଫିସରେ ନିଜେ ଉପସ୍ଥିତ ହେବାକୁ କିମ୍ବା ଉତ୍ତରଦାୟୀ ବ୍ୟକ୍ତି ତାଙ୍କର ବିବରଣୀର ସମର୍ଥନ ଲାଗି ଯେଉଁ ସାକ୍ଷ୍ୟ ଉପରେ ନିର୍ଭର କରନ୍ତି ସେହି ସାକ୍ଷ୍ୟ ସେହି ତାରିଖରେ ପେଶ୍ କରିବାକୁ କିମ୍ବା କରାଇବାକୁ ଉତ୍ତରଦାୟୀ ବ୍ୟକ୍ତିଙ୍କ ଉପରେ ଏକ ସୂଚନା ଜାରି କରିବେ ।

(3) ନିୟନ୍ତ୍ରକ, ଉତ୍ତରଦାୟୀ ବ୍ୟକ୍ତି ଯେଉଁ ସାକ୍ଷ୍ୟ ପେଶ୍ କରନ୍ତି ତାହା ଏବଂ କୌଣସି ବିନିର୍ଦ୍ଦିଷ୍ଟ ବିଷୟରେ ସେ ଯେଉଁ ଅନ୍ୟସାକ୍ଷ୍ୟ ଆବଶ୍ୟକ କରନ୍ତି ତାହା ଶୁଣିବାପରେ, ଲିଖିତ ଆଦେଶ ଦ୍ୱାରା, ମୃତବ୍ୟକ୍ତିଙ୍କ ସଂପଦାର ମୂଳ ମୂଲ୍ୟ ନିର୍ଦ୍ଧାରଣ କରିବେ ଏବଂ ସଂପଦା ଶୁଳ୍କ ରୂପେ ପ୍ରଦେୟ ପରିମାଣ ଅବଧାରିତ କରିବେ ।

(4) ଯେଉଁ କ୍ଷେତ୍ରରେ ଧାରା 53 ବା ଧାରା 56ରେ ଆବଶ୍ୟକ କରାଯାଇଥିବାମତେ ବିବରଣୀ ଦିଆଯାଇ ନ ଥାଏ କିମ୍ବା ଉତ୍ତରଦାୟୀ ବ୍ୟକ୍ତି ଉପଧାରା (2) ଅଧୀନରେ ଜାରି ହୋଇଥିବା ସୂଚନାର ନିର୍ବନ୍ଧନ ପାଳନ ନ କରନ୍ତି ସେହିକ୍ଷେତ୍ରରେ ନିୟନ୍ତ୍ରକ ତାଙ୍କର ବିଚାରମତେ ନିର୍ଦ୍ଧାରଣ କରିବେ ଏବଂ ସଂପଦା ଶୁଳ୍କ ରୂପେ ପ୍ରଦେୟ ପରିମାଣ ଅବଧାରିତ କରିବେ ।

ନିର୍ଦ୍ଧାରଣରୁ ଖସିଯାଇଥିବା ସମ୍ପତ୍ତି ।

59. ଯଦି ନିୟନ୍ତ୍ରକଙ୍କର–

(କ) ବିଶ୍ୱାସ କରିବାର କାରଣ ଥାଏ ଯେ ଧାରା 53 ବା ଧାରା 56 ଅଧୀନରେ ମୃତବ୍ୟକ୍ତିଙ୍କର ସଂପଦାର ବିବରଣୀ ଦେବାକୁ କିମ୍ବା ନିର୍ଦ୍ଧାରଣ ଲାଗି ସମସ୍ତ ସାରବାନ୍ ତଥ୍ୟ ସଂପୂର୍ଣ୍ଣଭାବରେ ଓ ସତ୍ୟଭାବରେ ପ୍ରକାଶ କରିବାକୁ ଉତ୍ତରଦାୟୀ ବ୍ୟକ୍ତିଙ୍କର କିଛି ଛାଡ଼ିଯିବା ବା ନ କରିବା ଯୋଗୁଁ ସଂପତ୍ତି ଶୁଳ୍କ ଲାଗି ପ୍ରଭାର୍ଯ୍ୟ କୌଣସି ସଂପତ୍ତି, ବିବରଣୀରେ ଅନ୍ତର୍ଗତ ସଂପତ୍ତିର ଅବମୂଲ୍ୟାୟନ କିମ୍ବା ଯେଉଁ ସଂପତ୍ତି ତହିଁରେ ଅନ୍ତର୍ଗତ ହେବା ଉଚିତ ତାହା ତହିଁରେ ଅନ୍ତର୍ଗତ ହୋଇ ନ ଥିବା କିମ୍ବା ଅତି ଅଳ୍ପ ହାରରେ ନିର୍ଦ୍ଧାରଣ ହୋଇଥିବା ଯୋଗୁଁ କିମ୍ବା ଅନ୍ୟଥା ନିର୍ଦ୍ଧାରଣରୁ ଖସିଯାଇଛି, କିମ୍ବା

(ଖ) ତାଙ୍କଠାରେ ଥିବା କୌଣସି ତଥ୍ୟର ପରିଣାମରେ ବିଶ୍ୱାସ କରିବାର କାରଣ ଥାଏ ଯେ ଖଣ୍ଡ (କ)ରେ ଉଲ୍ଲିଖିତ ମତେ କିଛି ଛାଡ଼ିଯିବା ବା ନ କରିବା ହୋଇ ନ ଥିବା ସତ୍ତ୍ୱେ, ସଂପଦା ଶୁଳ୍କ ଲାଗି ପ୍ରଭାର୍ଯ୍ୟ କୌଣସି ସଂପତ୍ତି, ହୁଏତ ବିବରଣୀରେ ଅନ୍ତର୍ଗତ ସଂପତ୍ତିର ଅବମୂଲ୍ୟାୟନ କିମ୍ବା ଯେଉଁ ସଂପତ୍ତି ତହିଁରେ ଅନ୍ତର୍ଗତ ହେବା ଉଚିତ ତାହା ତହିଁରେ ଅନ୍ତର୍ଗତ ହୋଇ ନ ଥିବା, କିମ୍ବା ଅତି ଅଳ୍ପ ହାରରେ ନିର୍ଦ୍ଧାରଣ ହୋଇଥିବା ଯୋଗୁଁ କିମ୍ବା ଅନ୍ୟଥା ନିର୍ଦ୍ଧାରଣରୁ ଖସିଯାଇଛି,

ତାହାହେଲେ ସେ କୌଣସି ସମୟରେ, ଧାରା 73-କ ର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ, ଧାରା 53 ଅଧୀନରେ ଆବଶ୍ୟକ କରାଯାଇଥିବାମତେ ଏକ ବିବରଣୀ ଦେବାକୁ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଆବଶ୍ୟକ କରିପାରିବେ ଏବଂ ସେହି ସଂପତ୍ତି ପ୍ରତି ଧାରା 58ର ଉପବନ୍ଧଗୁଡ଼ିକ ପ୍ରଯୁଜ୍ୟ ହୋଇଥିଲାପରି ତାହାର ନିର୍ଦ୍ଧାରଣ ବା ପୁନର୍ନିର୍ଦ୍ଧାରଣ କରିବା ଲାଗି ଅଗ୍ରସର ହୋଇପାରିବେ ।

ଖିଲପ ବା ଲୁଗାଇବା ନିମିତ୍ତ ଅର୍ଥଦଣ୍ଡ ।

60. (1) ଯଦି ନିୟନ୍ତ୍ରକ, ଅପିଲ ନିୟନ୍ତ୍ରକ, ବା ଅପିଲ ଟ୍ରିବ୍ୟୁନାଲ୍, ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀ କ୍ରମରେ ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ବ୍ୟକ୍ତି–

(କ) ଯୁକ୍ତିଯୁକ୍ତ କାରଣ ବ୍ୟତୀତ ଧାରା 53 ବା ଧାରା 56 ଅଧୀନରେ ମୃତବ୍ୟକ୍ତିଙ୍କ ସଂପତ୍ତିର ବିବରଣୀ ଦେଇନାହାଁନ୍ତି କିମ୍ବା ଧାରା 55 ବା ଧାରା 59 ଅଧୀନରେ ନିୟନ୍ତ୍ରକଙ୍କର କୌଣସି ଅଧିୟାଚନ ପାଳନ କରିନାହାନ୍ତି କିମ୍ବା ଯୁକ୍ତିଯୁକ୍ତ କାରଣ ବ୍ୟତୀତ ଉପରୋକ୍ତ କୌଣସି ଧାରା ଅଧୀନରେ ଆବଶ୍ୟକ ହିସାବ ବା ଅଭିକଥନ ଅନୁଜ୍ଞାତ ସମୟ ମଧ୍ୟରେ ଓ ଆବଶ୍ୟକ ରୀତିରେ ଦେଇନାହାନ୍ତି; କିମ୍ବା

(ଖ) ଯୁକ୍ତିଯୁକ୍ତ କାରଣ ବ୍ୟତୀତ ଧାରା 58ର ଉପଧାରା (2) ଅଧୀନରେ ଏକ ସୂଚନା ପାଳନ କରିନାହାନ୍ତି; କିମ୍ବା

(ଗ) ମୃତବ୍ୟକ୍ତିଙ୍କର ସଂପତ୍ତିର ବିଶିଷ୍ଟ ଲୁଗାଇଛନ୍ତି କିମ୍ବା ଉଦ୍ଦେଶ୍ୟମୂଳକଭାବରେ ତାହାର ଭୁଲ ବିଶିଷ୍ଟ ଦେଇଛନ୍ତି; କିମ୍ବା

(ଘ) ଧାରା 20 (କ)ରେ ଉଲ୍ଲିଖିତ ଏକ କଂପାନି ଥାଇ, ଯୁକ୍ତିଯୁକ୍ତ କାରଣ ବ୍ୟତୀତ, ସେହି ଧାରା ଅଧୀନରେ କଂପାନିରୁ କୌଣସି ଶୋଧ୍ୟ ସଂପଦା ଶୁଳ୍କ ପରିମାଣ ଏଥିନିମିତ୍ତ ବିନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ କରିନାହାନ୍ତି;

ତାହାହେଲେ ସେ ବା ତାହା, ଲିଖିତ ଆଦେଶ ଦ୍ୱାରା–

ସେହି ବ୍ୟକ୍ତି ଅର୍ଥଦଣ୍ଡ ଆକାରରେ–

(*i*) ଖଣ୍ଡ (କ) ବା ଖଣ୍ଡ (ଘ)ରେ ଉଲ୍ଲିଖିତ କ୍ଷେତ୍ରରେ, ତାଙ୍କ ଦ୍ୱାରା ପ୍ରଦେୟ ସଂପଦା ଶୁଳ୍କର ପରିମାଣର ଅଧିକରେ ସେହି ଶୁଳ୍କ ପରିମାଣର ଦୁଇଗୁଣରୁ ଅଧିକ ହୋଇ ନ ଥିବା ଧନରାଶି; ଏବଂ

(*ii*) ଖଣ୍ଡ (ଖ) ବା ଖଣ୍ଡ (ଗ)ରେ ଉଲ୍ଲିଖିତ କ୍ଷେତ୍ରରେ, ତାଙ୍କ ଦ୍ୱାରା ପ୍ରଦେୟ ସଂପଦା ଶୁଳ୍କ ପରିମାଣର ଅଧିକରେ ସେହି ବ୍ୟକ୍ତିଙ୍କର ବିବରଣୀରେ ଦର୍ଶିତ ମୂଳ ମୂଲ୍ୟ ସତ୍ୟ ବୋଲି ଗୃହୀତ ହୋଇଥିଲେ ଯେଉଁ ପରିମାଣ ସଂପଦା ଶୁଳ୍କ ଏଡ଼ାଯାଇଥାନ୍ତା ସେହି ପରିମାଣର ଦୁଇଗୁଣରୁ ଅଧିକ ହୋଇ ନ ଥିବା ଧନରାଶି,

ଦେବେ ବୋଲି ନିର୍ଦ୍ଦେଶ ଦେଇପାରିବେ ।

(2) ସଂପୃକ୍ତ ବ୍ୟକ୍ତିଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ଅବସର ଦିଆ ନ ଯାଇ ଉପଧାରା (1) ଅଧୀନରେ କୌଣସି ଆଦେଶ ଦିଆଯିବ ନାହିଁ ।

ଭୁଲର ସଂଶୋଧନ ।

61. ତାଙ୍କ ଦ୍ୱାରା ବା ତାହା ଦ୍ୱାରା ଦିଆଯାଇଥିବା କୌଣସି ଆଦେଶ ତାରିଖ ଠାରୁ ପାଞ୍ଚ ବର୍ଷ ମଧ୍ୟରେ କୌଣସି ସମୟରେ, ନିୟନ୍ତ୍ରକ, ଅପିଲ ନିୟନ୍ତ୍ରକ ବା ଅପିଲ ଟ୍ରିବ୍ୟୁନାଲ୍, ସ୍ୱୟଂ ଅଭିଲେଖରେ କୌଣସି ଦୃଶ୍ୟମାନ ଭୁଲ ସଂଶୋଧନ କରିପାରିବେ ଏବଂ ଅନୁରୂପ କାଳାବଧି ମଧ୍ୟରେ ଯେଉଁ ଭୁଲ ଉତ୍ତରଦାୟୀ ବ୍ୟକ୍ତିଙ୍କ ଦ୍ୱାରା, ଯଥାସ୍ଥିତି, ନିୟନ୍ତ୍ରକ, ଅପିଲ ନିୟନ୍ତ୍ରକ ବା ଅପିଲ ଟ୍ରିବ୍ୟୁନାଲଙ୍କ ଦୃଷ୍ଟିକୁ ଅଣାଯାଇଥାଏ ସେହି ଭୁଲ ସଂଶୋଧନ କରିବେ:

ପରନ୍ତୁ ଯେଉଁ ସଂଶୋଧନ ପ୍ରଦେୟ ସଂପଦା ଶୁଳ୍କକୁ ବୃଦ୍ଧି କରିଥାଏ, ସେହି ବିଷୟରେ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ଅବସର ଦିଆଯାଇ ନ ଥିଲେ ସେହି ସଂଶୋଧନ କରାଯିବ ନାହିଁ ।

ନିୟନ୍ତ୍ରକଙ୍କ ଆଦେଶ ବିରୁଦ୍ଧରେ ଅପିଲ ।

62. (1) ଯେଉଁ ବ୍ୟକ୍ତି–

(କ) ନିୟନ୍ତ୍ରକଙ୍କ ଦ୍ୱାରା–

(*i*) କରାଯାଇଥିବା କୌଣସି ମୂଲ୍ୟାୟନକୁ, କିମ୍ବା

(*ii*) ଧାରା 58 ବା ଧାରା 59 ଅଧୀନରେ ପ୍ରଦେୟ ସଂପଦା ଶୁଳ୍କ ଅବଧାରିତ କରି ଦିଆଯାଇଥିବା କୌଣସି ଆଦେଶକୁ, କିମ୍ବା

(*iii*) ଧାରା 60, ଧାରା 72 ବା ଧାରା 84 ଅଧୀନରେ ଉଦ୍‌ଗୃହୀତ କୌଣସି ଅର୍ଥଦଣ୍ଡକୁ, କିମ୍ବା

(*iv*) ସଂପଦା ଶୁଳ୍କ ଉଦ୍ଦେଶ୍ୟରେ ଧାରା 73ର ଉପଧାରା (5) ଅଧୀନରେ ପ୍ରଯୁଜ୍ୟ ହେଉଥିବାମତେ ଭାରତୀୟ ଆୟକର ଅଧିନିୟମ, 1922ର ଧାରା 46ରେ ଉପଧାରା (1) ଅଧୀନରେ ଅଧିରୋପିତ କୌଣସି ଅର୍ଥଦଣ୍ଡକୁ,

ଆପତ୍ତି କରୁଥାନ୍ତି, କିମ୍ବା

(ଖ) କୌଣସି ସଂପତ୍ତି ସଂପର୍କରେ ସମ୍ପଦା ପ୍ରଦେୟ ଶୁଳ୍କ ପରିମାଣ ପ୍ରତି ତାଙ୍କର ଦାୟିତ୍ୱ **ଅସ୍ୱୀକାର** କରୁଥାନ୍ତି,

ସେହି ବ୍ୟକ୍ତି ଧାରା 73 ଅଧୀନରେ ଦାବି ସୂଚନା ପାଇବା ତାରିଖଠାରୁ ତିରିଶ ଦିନ ମଧ୍ୟରେ, ଅପିଲ ନିୟନ୍ତ୍ରକ**ଙ୍କଠାରେ** ବିହିତ ଫାରମରେ ଅପିଲ କରିପାରିବେ ଯାହାକି ବିହିତ ରୀତିରେ ସତ୍ୟାପିତ ହେବ:

ପରନ୍ତୁ **ଅପିଲ** ଫାଇଲ କରାଯିବା ପୂର୍ବରୁ ଶୁଳ୍କ ପ୍ରଦାନ କରାଯାଇ ନ ଥିଲେ ଖଣ୍ଡ (କ)ର ଉପଖଣ୍ଡ (1) ଅଧୀନରେ ଅପିଲ ଚଳିବ ନାହିଁ ।

(2) ଅପିଲ ନିୟନ୍ତ୍ରକ ଉପଧାରା (1)ରେ ଉଲ୍ଲିଖିତ ତିରିଶ ଦିନ ଅବସିତ ହେବାପରେ ଏକ ଅପିଲ ଗ୍ରହଣ **କରି-ପାରିବେ**, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ତାହା ସେହି କାଳାବଧି ମଧ୍ୟରେ ଉପସ୍ଥାପିତ ନ କରିବା ନିମିତ୍ତ ପର୍ଯ୍ୟାପ୍ତ **କାରଣ ଥିଲା ।**

(3) ଅପିଲ ନିୟନ୍ତ୍ରକ ଅପିଲର ଶୁଣାଣି ନିମିତ୍ତ ଗୋଟିଏ ଦିନ ଓ ସ୍ଥାନ ସ୍ଥିରକରିବେ ଏବଂ ସମୟକୁ **ସମୟ ଶୁଣାଣି** ସ୍ଥଗିତ ରଖିପାରିବେ ।

(4) ଅପିଲ ନିୟନ୍ତ୍ରକ–

(କ) ଅପିଲର ଶୁଣାଣି ସମୟରେ ଅପିଲର ଆଧାରରେ ବିନିର୍ଦ୍ଦିଷ୍ଟ ହୋଇ ନ ଥିବା କୌଣସି ଅପିଲ **ଆଧାର** ବିଷୟରେ ଆଲୋଚନା କରିବାକୁ ଅପିଲକାରୀଙ୍କୁ ଅନୁମତି ଦେଇପାରିବେ ;

(ଖ) ଏକ ଅପିଲ ଫଏସଲା କରିବା ପୂର୍ବରୁ ସେ ଉପଯୁକ୍ତ ମନେକରିବାମତେ ଅଧିକତର ତଦନ୍ତ କରିପାରିବେ କିମ୍ବା ନିୟନ୍ତ୍ରକଙ୍କ ଦ୍ୱାରା ଅଧିକତର ତଦନ୍ତ କରାଇପାରିବେ ।

(5) ଏକ ଅପିଲ ଫଏସଲା କରିବା ସମୟରେ ଅପିଲ ନିୟନ୍ତ୍ରକ ଉପଯୁକ୍ତ ମନେକରିବାମତେ ଆଦେଶ ଦେଇପାରିବେ ଯାହାକି ସଂପଦା ଶୁଳ୍କ ବା ଅର୍ଥଦଣ୍ଡ ବର୍ଦ୍ଧିତ କରି ଏକ ଆଦେଶ ଅନ୍ତର୍ଗତ କରିପାରେ:

ପରନ୍ତୁ, ପ୍ରଦେୟ ସଂପଦା ଶୁଳ୍କ ବା ଅର୍ଥଦଣ୍ଡ ବର୍ଦ୍ଧିତ କରି ଏକ ଆଦେଶ, ତଦ୍ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସେହି ବୃଦ୍ଧି ବିରୁଦ୍ଧରେ କାରଣ ଦର୍ଶାଇବାକୁ ଯୁକ୍ତିଯୁକ୍ତ ଅବସର ଦିଆଯିବ ନାହିଁ ।

(6) ଅପିଲ ନିୟନ୍ତ୍ରକ ଅପିଲ ଶେଷରେ ତାଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଅପିଲକାରୀଙ୍କୁ ଓ ନିୟନ୍ତ୍ରକଙ୍କୁ ସଂସୂଚିତ କରିବେ ।

**ଅପିଲ ନିୟନ୍ତ୍ରକଙ୍କ ଆଦେଶରୁ ଅପିଲ ଟ୍ରିବ୍ୟୁନାଲରେ ଅପିଲ ।**

63. (1) ଧାରା 62 ଅଧୀନରେ ଅପିଲ ନିୟନ୍ତ୍ରକଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ଆପତ୍ତି କରୁଥିବା **କୌଣସି** ଉତ୍ତରଦାୟୀ ବ୍ୟକ୍ତି ଯେଉଁ ତାରିଖରେ ସେହି ଆଦେଶର ସୂଚନା ତାଙ୍କ ଉପରେ ଜାରି ହୋଇଥାଏ ସେହି ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ଅପିଲ ଟ୍ରିବ୍ୟୁନାଲରେ ଅପିଲ କରିପାରିବେ ।

(2) ନିୟନ୍ତ୍ରକ, ଯଦି ଧାରା 62 ଅଧୀନରେ ଅପିଲ ନିୟନ୍ତ୍ରକଙ୍କ ଦ୍ୱାରା ଦିଆଯାଇଥିବା କୌଣସି ଆଦେଶର **ସତ୍ୟତା** ସଂପର୍କରେ ସେ ସନ୍ତୁଷ୍ଟ ନ ହୁଅନ୍ତି, ତାହାହେଲେ ସେହି ଆଦେଶ ବିରୁଦ୍ଧରେ ଅପିଲ ଟ୍ରିବ୍ୟୁନାଲରେ ଅପିଲ କରିପାରିବେ ଏବଂ ସେହି ଅପିଲ ଯେଉଁ ତାରିଖରେ ସେହି ଆଦେଶ ନିୟନ୍ତ୍ରକଙ୍କୁ ସଂସୂଚିତ ହୋଇଥାଏ ସେହି ତାରିଖଠାରୁ ଷାଠିଏ ଦିନ ଅବସିତ ହେବା ପୂର୍ବରୁ କୌଣସି ସମୟରେ କରାଯାଇପାରେ ।

(3) ଟ୍ରିବ୍ୟୁନାଲ ଉପଧାରା (1) ବା ଉପଧାରା (2) ରେ ଉଲ୍ଲିଖିତ ଷାଠିଏ ଦିନ ଅବସିତ ହେବାପରେ ଏକ **ଅପିଲ** ଗ୍ରହଣ କରିପାରିବ, ଯଦି ତାହା ସନ୍ତୁଷ୍ଟ ହୁଏ ସେ ସେହି କାଳାବଧି ମଧ୍ୟରେ ତାହା ଉପସ୍ଥାପିତ ନ କରିବା ଲାଗି ପର୍ଯ୍ୟାପ୍ତ କାରଣ ଥିଲା ।

(4) ଅପିଲ ଟ୍ରିବ୍ୟୁନାଲରେ ଅପିଲ ବିହିତ ଫାରମରେ ହେବ ଓ ବିହିତ ରୀତିରେ ସତ୍ୟାପିତ ହେବ ଏବଂ **ଉପଧାରା** (2) ଅଧୀନରେ ଏକ ଅପିଲ ବ୍ୟତୀତ, ଏକଶହ ଟଙ୍କା ଫିସ୍ ସହ ଦିଆଯିବ ।

(5) ଅପିଲ ଟ୍ରିବ୍ୟୁନାଲ, ଅପିଲର ପକ୍ଷମାନଙ୍କୁ ଶୁଣାଣିର ଅବସର ହେବାପରେ, ତାହା ଉପରେ ତାହା ଉପଯୁକ୍ତ ମନେକରିବାମତେ ଆଦେଶ ଦେଇପାରିବ, ଏବଂ ସେହି ଆଦେଶ ପ୍ରଦେୟ ସଂପଦା ଶୁଳ୍କ ବା ଅର୍ଥଦଣ୍ଡ ବର୍ଦ୍ଧିତ କରି ଏକ ଆଦେଶ ଅନ୍ତର୍ଗତ କରିପାରେ:

ପରନ୍ତୁ ପ୍ରଦେୟ ସଂପଦା ଶୁଳ୍କ ବା ଅର୍ଥଦଣ୍ଡ ବର୍ଦ୍ଧିତ କରି ଏକ ଆଦେଶ, ତଦ୍ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସେହି ବୃଦ୍ଧି ବିରୁଦ୍ଧରେ କାରଣ ଦର୍ଶାଇବାକୁ ଯୁକ୍ତିଯୁକ୍ତ ଅବସର ଦିଆ ନ ଯାଇ ଦିଆଯିବ ନାହିଁ ।

(6) ଯେଉଁଠାରେ ଅପିଲକାରୀ କୌଣସି ସଂପତ୍ତିର ମୂଲ୍ୟାୟନକୁ ଆପତ୍ତି କରୁଥାନ୍ତି, ସେଠାରେ ଅପିଲ ଟ୍ରିବ୍ୟୁନାଲ ବିବାଦୀୟ ମୂଲ୍ୟ ପ୍ରଶ୍ନକୁ ଦୁଇଜଣ ମୂଲ୍ୟାଙ୍କକ ମଧ୍ୟସ୍ଥତା ଲାଗି ପଠାଇପାରିବ, ଯାହାଙ୍କ ମଧ୍ୟରୁ ଜଣେ ଅପିଲକାରୀଙ୍କ ଦ୍ୱାରା ବା ଅନ୍ୟ ଜଣେ ପ୍ରତ୍ୟର୍ଥୀଙ୍କ ଦ୍ୱାରା ମନୋନୀତ ହେବେ ଏବଂ ଅପିଲକାରୀ ଆବଶ୍ୟକ କଲେ ନିଶ୍ଚୟ ପଠାଇବ, ଏବଂ ଟ୍ରିବ୍ୟୁନାଲ ସେହି ପ୍ରଶ୍ନ ସଂପର୍କରେ ମୂଲ୍ୟାଙ୍କକମାନଙ୍କ ବିନିଶ୍ଚୟ ଅନୁଯାୟୀ ଉପଧାରା (5) ଅଧୀନରେ ତାହାର ଆଦେଶ ଦେବ :

ପରନ୍ତୁ ଯଦି ଦୁଇ ମୂଲ୍ୟାଙ୍କକ ମତରେ ପାର୍ଥକ୍ୟ ଥାଏ, ତାହାହେଲେ ସେହି ବିଷୟ ରାଜିନାମା ଦ୍ୱାରା କିମ୍ବା ରାଜିନାମା ହୋଇ ନ ପାରିଲେ ଅପିଲ ଟ୍ରିବ୍ୟୁନାଲ ଦ୍ୱାରା ମନୋନୀତ ତୃତୀୟ ମୂଲ୍ୟାଙ୍କକ ନିକଟକୁ ପଠାଯିବ ଏବଂ ମୂଲ୍ୟାୟନ ପ୍ରଶ୍ନ ଉପରେ ସେହି ମୂଲ୍ୟାଙ୍କକ ବିନିଶ୍ଚୟ ଚୂଡ଼ାନ୍ତ ହେବ ।

(7) ଉପଧାରା (6) ଅଧୀନରେ କୌଣସି ମଧ୍ୟସ୍ଥତା କାର୍ଯ୍ୟବାହୀର ଖର୍ଚ୍ଚ, ଯଥାସ୍ଥିତ କେନ୍ଦ୍ର ସରକାର ବା ଉତ୍ତରଦାୟୀ ବ୍ୟକ୍ତି, ଯାହାଙ୍କ ନିର୍ଦ୍ଦେଶରେ ସେହି ପ୍ରଶ୍ନ ମୂଲ୍ୟାଙ୍କକ ନିକଟକୁ ପଠାଯାଇଥାଏ ତାଙ୍କ ଦ୍ୱାରା ବହନ କରାଯିବ:

ପରନ୍ତୁ ଯେଉଁଠାରେ ଉତ୍ତରଦାୟୀ ବ୍ୟକ୍ତି ତାଙ୍କ ନିର୍ଦ୍ଦେଶରେ ପଠାଯାଇଥିବା କୌଣସି ବିଷୟରେ ସଂପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ ସଫଳ ହୋଇଥାନ୍ତି, ସେଠାରେ ଖର୍ଚ୍ଚର କେତେ ତାଙ୍କ ଦ୍ୱାରା ବହନ କରାଯିବ, ତାହା ଅପିଲ ଟ୍ରିବ୍ୟୁନାଲର ବିବେକାଧୀନ ହେବ ।

(8) ମୂଲ୍ୟାଙ୍କକମାନେ ଉପଧାରା (6) ଅଧୀନରେ ମଧ୍ୟସ୍ଥତା ନିମିତ୍ତ ସେମାନଙ୍କ ନିକଟକୁ ପଠାଯାଇଥିବା କୌଣସି ବିଷୟ ଫଇସଲା କରିବା ସମୟରେ ସେମାନେ ଉପଯୁକ୍ତ ମନେକରିବାମତେ ତଦନ୍ତ କରିବେ ବା କରାଇବେ ଏବଂ ଅପିଲକାରୀ ଓ ପ୍ରତ୍ୟର୍ଥୀଙ୍କୁ ଶୁଣାଣିର ଅବସର ଦେବାପରେ, ତାହାଉପରେ ସେମାନେ ଉପଯୁକ୍ତ ମନେକରିବାମତେ ଆଦେଶ ଦେଇପାରିବେ ଏବଂ ସେହି ଆଦେଶର ଏକ ନକଲ ଅପିଲ ଟ୍ରିବ୍ୟୁନାଲକୁ ପଠାଇବେ ।

(9) ଏହି ଧାରା ଅଧୀନରେ ଅପିଲ ଟ୍ରିବ୍ୟୁନାଲ ଦ୍ୱାରା ଦିଆଯାଇଥିବା ପ୍ରତ୍ୟେକ ଆଦେଶର ନକଲ ଉତ୍ତରଦାୟୀ ବ୍ୟକ୍ତି ଓ ନିୟନ୍ତ୍ରକଙ୍କ ନିକଟକୁ ପଠାଯିବ ।

(10) ଧାରା 64ରେ ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତୀରେକେ ଅପିଲରେ ଅପିଲ ଟ୍ରିବ୍ୟୁନାଲ ଦ୍ୱାରା ଦିଆଯାଇଥିବା ଆଦେଶ ଚୂଡ଼ାନ୍ତ ହେବ ।

(11) ଭାରତୀୟ ଆୟକର ଅଧିନିୟମ, 1922ର ଧାରା 5କ ର ଉପଧାରା (5), (7) ଓ (8)ର ଉପବନ୍ଧଗୁଡ଼ିକ ସେହି ଅଧିନିୟମ ଅଧୀନରେ ଅପିଲ ଟ୍ରିବ୍ୟୁନାଲର କୃତ୍ୟ ନିର୍ବହନରେ ତାହା ପ୍ରତି ଯେପରି ପ୍ରଯୁଜ୍ୟ ଏହି ଅଧିନିୟମ ଅଧୀନରେ ତାହାର କୃତ୍ୟ ନିର୍ବହନରେ ସେପରି ପ୍ରଯୁଜ୍ୟ ହେବ ।

**ଉଚ୍ଚନ୍ୟାୟାଳୟରେ ଅଭିକଥନ ।**

64. (1) ଯେଉଁ ତାରିଖରେ ଧାରା 63 ଅଧୀନରେ ତାଙ୍କ ଉପରେ ଏକ ଆଦେଶ ଜାରୀ କରାଯାଇଥାଏ, ସେହି ତାରିଖଠାରୁ ନବେଦିନ ମଧ୍ୟରେ, ଉତ୍ତରଦାୟୀ ବ୍ୟକ୍ତି କିମ୍ବା ନିୟନ୍ତ୍ରକ ବିହିତ ଫାରମରେ ଏକ ଆବେଦନ ଉପସ୍ଥାପିତ କରିପାରିବେ, ଏବଂ ଯେଉଁଠାରେ ଆବେଦନ ଉତ୍ତରଦାୟୀ ବ୍ୟକ୍ତିଙ୍କ ଦ୍ୱାରା ହୋଇଥାଏ, ସେଠାରେ ଆବେଦନ ସହ ଏକଶହ ଟଙ୍କା ଫିସ୍ ଅପିଲ ଟ୍ରିବ୍ୟୁନାଲକୁ ଦିଆଯାଇ, ସେହି ଆଦେଶରୁ ଉଦ୍‌ଭୂତ କୌଣସି ବିଧିଗତ ପ୍ରଶ୍ନ ଉଚ୍ଚ ନ୍ୟାୟାଳୟରେ ଅଭିକଥିତ କରିବା ଲାଗି ଅପିଲ ଟ୍ରିବ୍ୟୁନାଲକୁ ଆବଶ୍ୟକ କରି ଦିଆଯିବ, ଏବଂ ଅପିଲ ଟ୍ରିବ୍ୟୁନାଲ, ଯଦି ମନେକରେ ଯେ ସେହି ଆଦେଶରୁ କୌଣସି ବିଧିଗତ ପ୍ରଶ୍ନ ଉଦ୍‌ଭୂତ ହେଉଛି, ତାହାହେଲେ ସେହି ଉଚ୍ଚ ନ୍ୟାୟାଳୟର ମତ ଲାଗି ଅଭିକଥିତ କରିବ ।

(2) ଉପଧାରା (1) ଅଧୀନରେ କରାଯାଇଥିବା ଏକ ଅବେଦନ ଉପରୋକ୍ତ ନବେଦିନ କାଳାବଧି ପରେ ଗ୍ରହଣ କରାଯାଇପାରିବ, ଯଦି ଅପିଲ ଟ୍ରିବ୍ୟୁନାଲ ସନ୍ତୁଷ୍ଟ ହୁଏ ଯେ ଉକ୍ତ କାଳାବଧି ମଧ୍ୟରେ ତାହା ଉପସ୍ଥାପିତ ନ କରିବା ଲାଗି ପର୍ଯ୍ୟାପ୍ତ କାରଣ ଥିଲା ।

(3) ଯଦି ଉପଧାରା (1) ଅଧୀନରେ କରାଯାଇଥିବା ଏକ ଆବେଦନ ଉପରେ, ଅପିଲ ଟ୍ରିବ୍ୟୁନାଲ,—

(କ) କୌଣସି ବିଧିଗତ ପ୍ରଶ୍ନ ଉଦଭୂତ ହେଉନାହିଁ ବୋଲି ମାମଲା ଅଭିକଥିତ କରିବାକୁ ମନାକରେ; କିମ୍ବା

(ଖ) ତାହା କାଳବାଧିତ ହୋଇଥିବା କାରଣରୁ ତାହାକୁ ଆଗ୍ରାହ୍ୟ କରେ;

ତାହାହେଲେ ଆବେଦନକାରୀ, ଯେଉଁ ତାରିଖରେ ସେ ଯଥାସ୍ଥିତି, ମନା ବା ଅଗ୍ରାହ୍ୟ ଆଦେଶ ପାଇଥାନ୍ତି, ସେହି ତାରିଖଠାରୁ ତିନିମାସ ମଧ୍ୟରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିପାରିବେ, ଏବଂ ଉଚ୍ଚ ନ୍ୟାୟାଳୟ ଅପିଲ ଟ୍ରିବ୍ୟୁନାଲଙ୍କ ବିନିଶ୍ଚୟର ନିର୍ଭୁଲତାରେ ସନ୍ତୁଷ୍ଟ ନ ହେଲେ, ସେହି ମାମଲା ଉଚ୍ଚ ନ୍ୟାୟାଳୟରେ ଅଭିକଥିତ କରିବାକୁ ଅପିଲ ଟ୍ରିବ୍ୟୁନାଲଙ୍କୁ ଆବଶ୍ୟକ କରିପାରିବେ, ଏବଂ ସେପରି ଅଧିଯାଚନ ପାଇଲେ ଅପିଲ ଟ୍ରିବ୍ୟୁନାଲ ମାମଲା ଅଭିକଥିତ କରିବା:

ପରନ୍ତୁ ଯଦି କୌଣସି କ୍ଷେତ୍ରରେ ଯେଉଁଠାରେ ଏକ ମାମଲା ଅଭିକଥିତ କରିବାକୁ ଉତ୍ତରଦାୟୀ ବ୍ୟକ୍ତିଙ୍କ ଦ୍ୱାରା ଅପିଲ ଟ୍ରିବ୍ୟୁନାଲକୁ ଆବଶ୍ୟକ କରାଯାଇଥାଏ, ସେଠାରେ କୌଣସି ବିଧିଗତ ପ୍ରଶ୍ନ ଉଦ୍ଭୂତ ହେଉନାହିଁ ବୋଲି ଅପିଲ ଟ୍ରିବ୍ୟୁନାଲ ତାହା କରିବାକୁ ମନା କରିଥାଏ, ତାହାହେଲେ ଉତ୍ତରଦାୟୀ ବ୍ୟକ୍ତି ଯେଉଁ ତାରିଖରେ ମାମଲା ଅଭିକଥିତ କରିବାକୁ ମନା କରାଯାଇଥିବାର ସୂଚନା ସେ ପାଇଥାନ୍ତି ସେହି ତାରିଖଠାରୁ ତିରିଶଦିନ ମଧ୍ୟରେ ସେହି ଆବେଦନ ପ୍ରତ୍ୟାହାର କରିପାରିବେ ଏବଂ ସେ ଏପରି କଲେ ଉପଧାରା (1) ଅଧୀନରେ ତାଙ୍କ ଦ୍ୱାରା ଦିଆଯାଇଥିବା ଫିସ୍ ତାଙ୍କୁ ଫେରାଇ ଦିଆଯିବ ।

(4) ଉଚ୍ଚ ନ୍ୟାୟାଳୟରେ ଦିଆଯାଇଥିବା ଅଭିକଥନ ଘଟଣା, ଅପିଲ ଟ୍ରିବ୍ୟୁନାଲର ଅବଧାରଣା, ଏବଂ ମାମଲାରୁ ଉଦ୍ଭୂତ ବିଧିଗତ ପ୍ରଶ୍ନର ଉଲ୍ଲେଖ ରହିବ ।

(5) ଯଦି ଉଚ୍ଚ ନ୍ୟାୟାଳୟ ମାମଲା ଯେପରି ଅଭିକଥିତ ହୋଇଛି, ସେହି ମତେ ତାହା ତଦ୍ୱାରା ଉଦ୍ଭୂତ ବିଧିଗତ ପ୍ରଶ୍ନର ଅବଧାରଣା ଲାଗି ପର୍ଯ୍ୟାପ୍ତ ବୋଲି ସନ୍ତୁଷ୍ଟ ହୁଏ ନାହିଁ, ତାହା ଅପିଲ ଟ୍ରିବ୍ୟୁନାଲକୁ ତହିଁରେ ତାହାର ନିର୍ଦ୍ଦେଶମତେ ଉପାନ୍ତରଣ କରିବାକୁ ଆବଶ୍ୟକ କରିପାରିବ ।

(6) ଉଚ୍ଚ ନ୍ୟାୟାଳୟ, ସେପରି କୌଣସି ମାମଲା ଶୁଣିବା ପରେ, ତଦ୍ୱାରା ଉତ୍ଥିତ ବିଧିଗତ ପ୍ରଶ୍ନର ବିନିଶ୍ଚୟ କରିବ ଏବଂ ସେପରି କରିବା ସମୟରେ, ଉପଯୁକ୍ତ ମନେ କଲେ, ବିଧିଗତ ପ୍ରଶ୍ନର ଢଙ୍ଗ ପରିବର୍ତ୍ତନ କରିପାରିବ ଏବଂ ଯେଉଁ ଆଧାର ଉପରେ ବିନିଶ୍ଚୟ ସ୍ଥାପିତ ସେହି ଆଧାର ଅନ୍ତର୍ବିଷ୍ଟ କରି ତାହା ଉପରେ ନିର୍ଣ୍ଣୟ ହେବ ଏବଂ ନିର୍ଣ୍ଣୟର ଏକ ନକଲ ନ୍ୟାୟାଳୟର ମୋହର ଓ ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷର ଥାଇ ଅପିଲ ଟ୍ରିବ୍ୟୁନାଲକୁ ପଠାଇବ ଏବଂ ଅପିଲ ଟ୍ରିବ୍ୟୁନାଲ ସେହି ନିର୍ଣ୍ଣୟ ଅନୁଯାୟୀ ମାମଲା ଫଏସଲା କରିବାକୁ ଆବଶ୍ୟକ ହେବା ମତେ ଆଦେଶ ଦେବ ।

(7) ଯେଉଁଠାରେ କୌଣସି ନିର୍ଦ୍ଧାରଣର ପରିମାଣ ଉଚ୍ଚ ନ୍ୟାୟାଳୟକୁ ନିର୍ଦ୍ଦେଶ ଫଳରେ ହ୍ରାସ ପାଇଥାଏ ସେଠାରେ ସଂପଦା ଶୁଳ୍କ ରୂପେ କିଛି ଅଧିକା ପ୍ରଦାନ କରାଯାଇଥିଲେ ସେହି ପରିମାଣ, ନିୟନ୍ତ୍ରକ ସେହି ନିର୍ଦ୍ଦେଶର ଫଳ ପାଇବାର ତିରିଶ ଦିନ ମଧ୍ୟରେ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲର ଅନୁମତି ମାଗିବାକୁ ଇଚ୍ଛା କରୁଛନ୍ତି ବୋଲି ତାଙ୍କଦ୍ୱାରା ଦିଆଯାଇଥିବା ସୂଚନା ପାଇବା ପରେ, ଉଚ୍ଚ ନ୍ୟାୟାଳୟ ସେହି ପ୍ରଦାନର ଫେରସ୍ତ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲର ବ୍ୟୟନ ସ୍ଥଗିତ କରିବାକୁ ନିୟନ୍ତ୍ରକଙ୍କୁ ପ୍ରାଧିକୃତ କରି ଆଦେଶ ଦେଇ ନ ଥିଲେ ନିୟନ୍ତ୍ରକ ଅନୁଜ୍ଞାତ କରିବା ମତେ ସୁଧସହ ଫେରସ୍ତ ଦିଆଯିବ ।

(8) ଉଚ୍ଚ ନ୍ୟାୟାଳୟକୁ ନିର୍ଦ୍ଦେଶର ଖର୍ଚ୍ଚ ଉଚ୍ଚ ନ୍ୟାୟାଳୟର ବିବେକାଧୀନ ହେବ ।

(9) ଭାରତୀୟ ସମୟସୀମା ଅଧିନିୟମ, 1908 ଧାରା 5 ଏହି ଧାରା ଅଧୀନରେ ଉଚ୍ଚ ନ୍ୟାୟାଳୟକୁ ଏକ ଆବେଦନ ପ୍ରତି ପ୍ରଯୁଜ୍ୟ ହେବ ।

(10) ଯେତେବେଳେ ଏହି ଧାରା ଅଧୀନରେ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ଅଭିକଥିତ ହୋଇଥାଏ, ସେତେବେଳେ ତାହା ଉଚ୍ଚ ନ୍ୟାୟାଳୟର ଅନ୍ୟୂନ ଦୁଇଜଣ ବିଚାରପତିଙ୍କର ଏକ ବେଞ୍ଚଦ୍ୱାରା ଶୁଣାଯିବ ଏବଂ ସେହି ବିଚାରପତିମାନଙ୍କର କିମ୍ବା ସେହି ବିଚାରପତିମାନଙ୍କ ମଧ୍ୟରୁ ସଂଖ୍ୟାଧିକଙ୍କର ମତ ଅନୁଯାୟୀ ବିନିଶ୍ଚିତ ହେବ :

ପରନ୍ତୁ ସଂଖ୍ୟାଧିକ ନ ଥିଲେ, ବିଚାରପତିମାନେ ଯେଉଁ ବିଧିଗତ ପ୍ରଶ୍ନରେ ଭିନ୍ନମତ ପୋଷଣ କରୁଥାଆନ୍ତି ତାହା ଅଭିକଥିତ କରିବେ, ଏବଂ ସେହି ମାମଲା ତାପରେ ସେହି ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ମଧ୍ୟରୁ କେବଳ ଜଣଙ୍କ ଦ୍ୱାରା ବା ଅଧିକ ବିଚାରପତିଙ୍କ ଦ୍ୱାରା ସେହି ବିଷୟରେ ଶୁଣାଯିବ ଏବଂ ସେହି ବିଷୟ ଯେଉଁ ବିଚାରପତିମାନେ ତାହା ପ୍ରଥମେ ଶୁଣିଥିଲେ ସେମାନଙ୍କ ସମେତ ବିଚାରପତିମାନଙ୍କର ସଂଖ୍ୟାଧିକଙ୍କର ମତ ଅନୁଯାୟୀ ବିନିଶ୍ଚିତ ହେବ ।

ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ।

65. (1) ଯେଉଁ କ୍ଷେତ୍ରରେ ଧାରା 64 ଅଧୀନରେ ଅଭିକଥିତ ଏକ ମାମଲାରେ ଉଚ୍ଚ ନ୍ୟାୟାଳୟ ତାହାକୁ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ନିମିତ୍ତ ଏକ ଉପଯୁକ୍ତ ମାମଲା ବୋଲି ପ୍ରମାଣୀକୃତ କରେ, ସେହି ମାମଲାରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ନିର୍ଣ୍ଣୟରୁ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ଚଳିବ ।

(2) ଯେଉଁଠାରେ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ ଏହି ଧାରା ଅଧୀନରେ ଅପିଲରେ ପରିବର୍ତ୍ତିତ ହୁଏ ବା ଓଲଟିଯାଏ ସେଠାରେ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶକୁ ଧାରା 64ର ଉପଧାରା (୬) ରେ ଉପବର୍ଣ୍ଣିତ ରୀତିରେ ପ୍ରଭାବୀ କରାଯିବ ।

(3) ଉଚ୍ଚ ନ୍ୟାୟାଳୟଦ୍ୱାରା ଦିଆଯାଇଥିବା କୌଣସି ଖର୍ଚ୍ଚ ସଂପର୍କରେ ତାହାର କୌଣସି ଆଦେଶର ନିଷ୍ପାଦନ ନିମିତ୍ତ ଉଚ୍ଚ ନ୍ୟାୟାଳୟକୁ କରାଯାଇଥିବା ଆବେଦନ କ୍ରମେ, ସେହି ଆଦେଶକୁ ନିଷ୍ପାଦନ ନିମିତ୍ତ ଉଚ୍ଚ ନ୍ୟାୟାଳୟର ଅଧୀନସ୍ଥ କୌଣସି ନ୍ୟାୟାଳୟକୁ ପଠାଇପାରିବ ।

**ପ୍ରତିନିଧାନ ମଞ୍ଜୁରି ଉଚ୍ଚ ନ୍ୟାୟାଳୟକୁ ନିର୍ଦ୍ଦେଶ କାରଣରୁ ବିଳମ୍ବିତ ହେବନାହିଁ ।**

66. ଯେଉଁଠାରେ ପ୍ରତିନିଧାନ ମଞ୍ଜୁରି ନିମିତ୍ତ ଆବେଦନ କରାଯାଇଥାଏ ତାହା ଧାରା 64 ଅଧୀନରେ ଉଚ୍ଚ ନ୍ୟାୟାଳୟକୁ କୌଣସି ନିର୍ଦ୍ଦେଶ ଥିବା କାରଣରୁ ବିଳମ୍ବିତ ହେବନାହିଁ ।

**ସଂପଦା ଶୁଳ୍କ ପ୍ରଦାନର ପ୍ରମାଣପତ୍ର ।**

67. ଯେଉଁଠାରେ ଧାରା 58 ଅଧୀନରେ ଏକ ନିର୍ଦ୍ଧାରଣରେ ପ୍ରଦେୟ ବୋଲି ନିୟନ୍ତ୍ରକଙ୍କ ଦ୍ୱାରା ଅବଧାରିତ ହୋଇଥିବା ସଂପଦା ଶୁଳ୍କ ପରିମାଣ ଉତ୍ତରଦାୟୀ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ସେଠାରେ ନିୟନ୍ତ୍ରକ ସେହି ବ୍ୟକ୍ତିଙ୍କ ଆବେଦନ କ୍ରମେ, ତାଙ୍କୁ ସେଥି ନିମିତ୍ତ ଏକ ପ୍ରମାଣପତ୍ର ଦେବେ ।

**ପ୍ରତ୍ୟାଶା କରାଯାଉଥିବା ହିତ ସମ୍ପର୍କରେ ଶୁଳ୍କର ପରିବର୍ତ୍ତନ ।**

68. ନିୟନ୍ତ୍ରକ, ସ୍ୱବିବେକରେ ପ୍ରତ୍ୟାଶା କରାଯାଉଥିବା ହିତ ପ୍ରତି ହକ୍‌ଦାର ହୋଇଥିବା ଜଣେ ବ୍ୟକ୍ତିଙ୍କ ଆବେଦନକ୍ରମେ, ଯେଉଁ ସଂପଦା ଶୁଳ୍କ, ପରିବର୍ତ୍ତନ ହୋଇ ନ ଥିଲେ, ସେହି ହିତ ସଂପର୍କରେ ପ୍ରଦେୟ ହୁଅନ୍ତା ବା ହୋଇପାରନ୍ତା ସେହି ଶୁଳ୍କ ନିମିତ୍ତ ବର୍ତ୍ତମାନ ପ୍ରଦାନ କରାଯିବା ଏକ ନିର୍ଦ୍ଦିଷ୍ଟ ଧନରାଶିକୁ ପରିବର୍ତ୍ତିତ କରିପାରିବେ, ଏବଂ, ସେହି ଧନରାଶି ଅବଧାରିତ କରିବା ନିମିତ୍ତ, ସେହି ଶୁଳ୍କ ପ୍ରତି ଦାୟିତ୍ୱକୁ ପ୍ରଭାବଗ୍ରସ୍ତ କରୁଥିବା ଆକସ୍ମିକତା ଶୁଳ୍‌କ ହାର ଓ ଶୁଳ୍‌କ ପରିମାଣ ଏବଂ ଶତକଡ଼ା ତିନି ହାରରେ ହିତର ହିସାବ କରାଯିବା ପ୍ରତି ଦୃଷ୍ଟି ରଖି, ସେହି ଶୁଳ୍‌କର ସଂପର୍କରେ ବିଦ୍ୟମାନ ମୂଲ୍ୟ ଉଲ୍ଲେଖ କରିପାରିବେ ଏବଂ ସେହି ଧନରାଶି ପାଇବା ପରେ ନିୟନ୍ତ୍ରକ ତଦନୁଯାୟୀ ଏକ ପ୍ରମାଣପତ୍ର ଦେବେ ।

**ଜଟିଳ ମାମଲାରେ ନିର୍ଦ୍ଧାରଣ ।**

69. ଯେଉଁ ମୃତ୍ୟୁଗୁଡ଼ିକ ଯୋଗୁଁ ସଂପତ୍ତି ପାରିତ ହୋଇଥାଏ, ସେହି ମୃତ୍ୟୁଗୁଡ଼ିକର ସଂଖ୍ୟା କିମ୍ବା ଯେଉଁ ସଂପତ୍ତି ମୃତ୍ୟୁରେ ପାରିତ ହୁଏ, ସେହି ସଂପତ୍ତିରେ ବିଭିନ୍ନ ବ୍ୟକ୍ତିଙ୍କର ହିତଗୁଡ଼ିକର ଜଟିଳ ପ୍ରକୃତି କିମ୍ବା କୌଣସି ଅନ୍ୟ କାରଣ ଯୋଗୁଁ ଯେଉଁଠାରେ କୌଣସି ସଂପତ୍ତି ବା ତହିଁରେ କୌଣସି ହିତ ସଂପର୍କରେ ପ୍ରଦେୟ ସଂପଦା ଶୁଳ୍‌କର ପରିମାଣ ଠିକ୍‌ଭାବରେ ଅଭିନିର୍ଣ୍ଣିତ କରିବା କିମ୍ବା ସଂପତ୍ତି ବା ହିତର ମୂଲ୍ୟର ଅନୁପାତରେ ଅସମ୍ୟକ ବ୍ୟୟ ବିନା ତାହା ଅଭିନିର୍ଣ୍ଣିତ କରିବା କଷ୍ଟକର ହୋଇଥାଏ, ସେଠାରେ ବୋର୍ଡ, ଶୁଳ୍କଲାଗି ଉତ୍ତରଦାୟୀ କୌଣସି ବ୍ୟକ୍ତିଙ୍କ ଆବେଦନ କ୍ରମେ ଏବଂ ସଂପତ୍ତିର ପରିମାଣ ଓ ତହିଁରେ ଥିବା ବିଭିନ୍ନ ହିତ ଏବଂ ମାମଲାର ଅନ୍ୟ ପରିସ୍ଥିତି ସମ୍ପର୍କରେ ତାଙ୍କ କ୍ଷମତାରେ ଥିବା ସମସ୍ତ ତଥ୍ୟ ବୋର୍ଡକୁ ଦେବାରେ ସଂପତ୍ତି ବା ହିତ ଏବଂ ତହିଁରେ ଥିବା ବିଭିନ୍ନ ହିତ ବା ତନ୍ମଧ୍ୟରୁ କୌଣସିଟି ସମ୍ପର୍କରେ ପ୍ରଦେୟ ସମସ୍ତ ବା କୌଣସି ଶୁଳ୍କ ନିମିତ୍ତ ପ୍ରଶମନ ଆକାରରେ, ସମ୍ପତ୍ତି ବା ହିତର ମୂଲ୍ୟ ଉପରେ ଏପରି ଧନରାଶି ନିର୍ଦ୍ଧାରିତ କରିପାରିବେ ଯାହାକି ପରିସ୍ଥିତି ଦୃଷ୍ଟିରୁ ଉଚିତ ପ୍ରତୀୟମାନ ହୁଏ ଏବଂ ଏହିରୂପେ ନିର୍ଦ୍ଧାରିତ ଧନରାଶିର ପ୍ରଦାନ ସେହି ସମ୍ପତ୍ତି ବା ହିତ ସମ୍ପର୍କରେ ସମ୍ପଦା-ଶୁଳ୍କ ନିମିତ୍ତ ସମସ୍ତ ଦାବିର ପୂରା ପ୍ରଦାନ ରୂପେ ଗ୍ରହଣ କରିପାରିବେ ଏବଂ ତଦନୁଯାୟୀ ଏକ ପ୍ରମାଣପତ୍ର ଦେବେ ।

**ନିୟନ୍ତ୍ରକ ପ୍ରଦାନର ସ୍ଥଗନକୁ ନିର୍ବନ୍ଧନକ୍ରମେ ଅନୁଜ୍ଞାତ କରିପାରିବେ ।**

70. (1) ଯେଉଁଠାରେ ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ସମ୍ପତ୍ତି ସମ୍ପର୍କରେ ଉଦ୍‌ଗ୍ରହଣ ଯୋଗ୍ୟ ସମ୍ପଦା ଶୁଳ୍କ ଅତ୍ୟଧିକ ସ୍ୱାର୍ଥତ୍ୟାଗ ବ୍ୟତୀତ, ତତ୍‌କ୍ଷଣାତ୍ ଉଠାଯାଇପାରିବନାହିଁ, ସେଠାରେ ସେ ଉପଯୁକ୍ତ ମନେ କରିବା ମତେ କାଳାବଧି ନିମିତ୍ତ ବିସ୍ତାର ପର୍ଯ୍ୟନ୍ତ ଏବଂ ଶତକଡ଼ା ୪ରିରୁ କିମ୍ବା ସମ୍ପତ୍ତିରୁ ମିଳୁଥିବା ଉଚ୍ଚତର ସୁଧରୁ ଅଧିକ ହୋଇ ନ ଥିବା ସୁଧ ପ୍ରଦାନ ପୂର୍ବକ ଏବଂ ଅନ୍ୟ ନିର୍ବନ୍ଧନ କ୍ରମେ ପ୍ରଦାନ ସ୍ଥଗିତ ରଖିବାକୁ ଅନୁଜ୍ଞାତ କରିପାରିବେ ।

(2) ଉପଧାରା (1)ରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ସ୍ଥାବର ସମ୍ପତ୍ତି ସମ୍ପର୍କରେ ସମ୍ପଦା ଶୁଳ୍କ ଉତ୍ତରଦାୟୀ ବ୍ୟକ୍ତିଙ୍କ ଇଚ୍ଛା କ୍ରମେ ଯେଉଁ ତାରିଖରେ ପ୍ରଥମ କିସ୍ତି ପ୍ରଦେୟ ହେଉଥାଏ, ସେହି ତାରିଖଠାରୁ ଶତକଡ଼ା ବାର୍ଷିକ ୪ରିରେ କିମ୍ବା ସମ୍ପତ୍ତିରୁ ମିଳୁଥିବା ଉଚ୍ଚତର ସୁଧରୁ ଅଧିକ ହୋଇ ନ ଥିବା ସୁଧ ସହ ୪ରିଗୋଟି ସମାନ ବାର୍ଷିକ କିସ୍ତିରେ କିମ୍ବା ଆଠଗୋଟି ସମାନ ଅର୍ଦ୍ଧବାର୍ଷିକ କିସ୍ତିରେ ପ୍ରଦାନ କରାଯାଇପାରେ ଏବଂ ଶୁଳ୍କର ପ୍ରଦାନ କରାଯାଇ ନ ଥିବା ଭାଗ ଉପରେ ସୁଧ ପ୍ରତ୍ୟେକ କିସ୍ତି ସହ ଯୋଗ କରାଯିବ ଓ ତଦନୁଯାୟୀ ପ୍ରଦାନ କରାଯିବ, ମାତ୍ର

ପ୍ରଦାନ ତାରିଖ ପର୍ଯ୍ୟନ୍ତ ସୁଧ ସମେତ ଆପାତତଃ ପ୍ରଦାନ କରାଯାଇ ନ ଥିବା ଶୁଳ୍କ ଯେକୌଣସି ସମୟରେ ଦିଆଯାଇପାରେ ଏବଂ ଯେଉଁ କ୍ଷେତ୍ରରେ ସମ୍ପତ୍ତି ବିକ୍ରୟ ହୁଏ ସେହି କ୍ଷେତ୍ରରେ ବିକ୍ରୟ ସମାପ୍ତ ହେଲେ ପ୍ରଦାନ କରାଯିବ ଏବଂ ଏହିରୂପେ ପ୍ରଦାନ କରା ନ ଗଲେ ଧାରା 73ରେ ବିନିର୍ଦ୍ଦିଷ୍ଟ ରୀତିରେ ଆଦାୟ କରାଯିବ ।

**ବୋର୍ଡ ମୃତ୍ୟୁର କୋଡ଼ିଏ ବର୍ଷ ପରେ ଶୁଳ୍କ ଓ ସୁଧ ପରିହାର କରିପାରିବ ।**

71. ଯେଉଁ ମୃତ୍ୟୁରେ ସେପରି କୌଣସି ଶୁଳ୍କ ଉଦ୍‌ଗ୍ରହଣ ଯୋଗ୍ୟ ହୁଏ ଯଦି ସେହି ମୃତ୍ୟୁଠାରୁ କୋଡ଼ିଏ ବର୍ଷ ଅବସିତ ହେବାପରେ ସେପରି କୌଣସି ଶୁଳ୍କ ପ୍ରଦାନ କରା ନ ଯାଇ ରହିଥାଏ, ତାହାହେଲେ ବୋର୍ଡ ଉପଯୁକ୍ତ ମନେକଲେ, ସେହି ଶୁଳ୍କ ଲାଗି ଉତ୍ତରଦାୟୀ ବା ଦାୟୀଥିବା କିମ୍ବା ସମ୍ପତ୍ତିରେ ହିତବଦ୍ଧ ଥିବା କୌଣସି ବ୍ୟକ୍ତିଙ୍କ ଆବେଦନ କ୍ରମେ ସେହି ଶୁଳ୍କ ବା ତାହାର କୌଣସି ଭାଗ ବା ତାହା ଉପରେ କୌଣସି ସୁଧ ପ୍ରଦାନ ପରିହାର କରିପାରିବ ।

**ଫାରମ**

72. ଏହି ଅଧିନିୟମର ଏହି ଭାଗ ଉଦ୍ଦେଶ୍ୟରେ ବ୍ୟବହୃତ ସମସ୍ତ ଶପଥପତ୍ର, ହିସାବ, ପ୍ରମାଣପତ୍ର ଅଭିକଥନ ଓ ଫାରମ ବୋର୍ଡ ଦ୍ୱାରା ବିହିତ ହେବା ମତେ ଫାରମରେ ହେବ ଓ ବିଶିଷ୍ଟ ଅନ୍ତର୍ବିଷ୍ଟ କରିବ ଏବଂ ବୋର୍ଡ ଆବଶ୍ୟକ କଲେ ଦସ୍ତାବିଜ ଦୋହରାରେ ଦିଆଯିବ ଏବଂ ହିସାବ ଓ ଅଭିକଥନ ବୋର୍ଡଦ୍ୱାରା ବିହିତ ରୀତିରେ ବହି ଓ ଦସ୍ତାବିଜ ପେଶ୍ କରାଯାଇ ଦିଆଯିବ ଓ ଶପଥ ପୂର୍ବକ ସତ୍ୟାପିତ ହେବ ଏବଂ ଯେଉଁ ବ୍ୟକ୍ତି ଜାଣିଶୁଣି ଏହି ଧାରାର ଉପବନ୍ଧଗୁଡ଼ିକ ପାଳନ ନ କରନ୍ତି ସେହି ବ୍ୟକ୍ତି ଅର୍ଥଦଣ୍ଡ ଆକାରରେ ଏକହଜାର ଟଙ୍କାରୁ ଅଧିକ ହୋଇ ନ ଥିବା ଧନରାଶି ଦେବାକୁ ଦାୟୀ ହେବେ । ପରନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ଅବସର ଦିଆଯାଇ ନ ଥିଲେ ଏହି ଧାରା ଅଧୀନରେ ଅର୍ଥଦଣ୍ଡ ଅଧିରୋପିତ ହେବନାହିଁ ।

**ଶୁଳ୍କ, ଅର୍ଥଦଣ୍ଡ ଇତ୍ୟାଦିର ଦାବିର ସୂଚନା ଓ ଆଦାୟ ।**

73. (1) ଯେତେବେଳେ ଏହି ଅଧିନିୟମ ଅଧୀନରେ ଦିଆଯାଇଥିବା କୌଣସି ଆଦେଶର ପରିମାଣରେ ସମ୍ପଦା ଶୁଳ୍କ, ଅର୍ଥଦଣ୍ଡ ବା ସୁଧ ଶୋଧ୍ୟ ହୋଇଥାଏ ସେତେବେଳେ ନିୟନ୍ତ୍ରକ ଉତ୍ତରଦାୟୀ ବ୍ୟକ୍ତିଙ୍କ ଉପରେ କିମ୍ବା ସେହି ଶୁଳ୍କ, ଅର୍ଥଦଣ୍ଡ ବା ସୁଧ ପ୍ରଦାନ କରିବାକୁ ଦାୟୀ ହୋଇଥିବା ଅନ୍ୟ ବ୍ୟକ୍ତିଙ୍କ ଉପରେ ପ୍ରଦେୟ ଧନରାଶି ଏବଂ ଯେଉଁ ସମୟ ମଧ୍ୟରେ ତାହା ପ୍ରଦେୟ ହେବ ସେହି ସମୟ ବିନିର୍ଦ୍ଦିଷ୍ଟ କରି ବିହିତ ଫାରମରେ ଦାବିର ଏକ ସୂଚନା ଜାରି କରିବେ ।

(2) ଉପଧାରା (1) ଅଧୀନରେ ଦିଆଯାଇଥିବା ଦାବିର ସୂଚନାରେ ପ୍ରଦେୟ ବୋଲି ବିନିର୍ଦ୍ଦିଷ୍ଟ ହୋଇଥିବା ପରିମାଣ ସୂଚନାରେ ବର୍ଣ୍ଣିତ ସମୟ ମଧ୍ୟରେ ସ୍ଥାନରେ ଓ ବ୍ୟକ୍ତିଙ୍କୁ କିମ୍ବା କୌଣସି ସମୟ ବର୍ଣ୍ଣିତ ହୋଇ ନ ଥିଲେ ସୂଚନା ଜାରି ତାରିଖ ପରେ ପଡୁଥିବା ଦ୍ୱିତୀୟ ମାସର ପ୍ରଥମ ଦିନ ପୂର୍ବରୁ, ଦିଆଯିବ ଏବଂ ଏହିରୂପେ ପ୍ରଦାନ କରି ନ ଥିବା ଉତ୍ତରଦାୟୀ ବ୍ୟକ୍ତି ଖିଲାପ କରିଛନ୍ତି ବୋଲି ବିବେଚିତ ହେବ ।

(3) ଯେଉଁଠାରେ ଜଣେ ଉତ୍ତରଦାୟୀ ବ୍ୟକ୍ତି ଭାରତ ବାହାରେ ଥିବା କୌଣସି ଦେଶରେ ଅବସ୍ଥିତ ଆସ୍ତି ସମ୍ପର୍କରେ ନିର୍ଦ୍ଧାରିତ ହୋଇଥାଆନ୍ତି, ଯେଉଁ ଦେଶର ବିଧି ଭାରତକୁ ଧନ ପଠାଇବା ନିଷିଦ୍ଧ ବା ନିୟନ୍ତ୍ରିତ କରିଥାଏ ସେଠାରେ, ନିୟନ୍ତ୍ରକ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ସମ୍ପଦା ଶୁଳ୍କର ଯେଉଁ ଭାଗ ସେହି ଦେଶର ଆସ୍ତି ବିଷୟକ ହୋଇଥାଏ ସେହି ଭାଗ ସମ୍ପର୍କରେ ଖିଲାପ କରିଛନ୍ତି ବୋଲି ବିବେଚନା କରିବେ ନାହିଁ, ଏବଂ ପ୍ରେରଣର ନିଷେଧ ବା ନିୟନ୍ତ୍ରଣ ଉଠିବା ପର୍ଯ୍ୟନ୍ତ ଶୁଳ୍କର ସେହି ଭାଗ ସମ୍ପର୍କରେ ଖିଲାପ କରି ନାହାନ୍ତି ବୋଲି ବିବେଚନା ଅତୁଟ ରଖିବେ ।

(4) ଏହି ଧାରାରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଯେଉଁଠାରେ ଉତ୍ତରଦାୟୀ ବ୍ୟକ୍ତି ଧାରା 62 ଅଧୀନରେ ଏକ ଅପିଲ ଉପସ୍ଥାପିତ କରିଥାଆନ୍ତି ସେଠାରେ ନିୟନ୍ତ୍ରକ ସେହି ଅପିଲ ଫଏସଲ ହେବା ପର୍ଯ୍ୟନ୍ତ ସ୍ୱବିବେକରେ ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଖିଲାପ କରି ନାହାନ୍ତି ବୋଲି ବିବେଚନା କରି ପାରିବେ ।

(5) ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 46 ର ଉପଧାରା (1), (1କ), (2), (3) (4), (5), (6) ଓ (7) ର ଏବଂ ଧାରା 47 ର ଉପବନ୍ଧଗୁଡ଼ିକ ପ୍ରଯୁଜ୍ୟ ହେବ ଯେପରିକି ଉକ୍ତ ଉପବନ୍ଧଗୁଡ଼ିକ ଏହି ଅଧିନିୟମର ଉପବନ୍ଧ ଥିଲା ଏବଂ ସେହି ଅଧିନିୟମ ଅଧୀନରେ ଆୟକର ଏବଂ ଅର୍ଥଦଣ୍ଡ ଓ ସୁଧ ଆକାରରେ ଅଧିରୋପିତ ଧନରାଶି ପରିବର୍ତ୍ତେ ଏହି ଅଧିନିୟମ ଅଧୀନରେ ସମ୍ପଦା ଶୁଳ୍କ (ଅସ୍ଥାୟୀ ଭାବରେ ନିର୍ଦ୍ଧାରିତ ସମ୍ପଦା ଶୁଳ୍କ ସମେତ) ଏବଂ ଅର୍ଥଦଣ୍ଡ ଓ ସୁଧ ଆକାରରେ ଅଧିରୋପିତ ଧନରାଶିକୁ ଏବଂ ଆୟକର ଅଧିକାରୀ ପରିବର୍ତ୍ତେ ସମ୍ପଦା ଶୁଳ୍କ ନିୟନ୍ତ୍ରକଙ୍କ ଉଲ୍ଲେଖ କରୁଥିଲା ।

**ନିର୍ଦ୍ଧାରଣ ବା ପୁନର୍ନିର୍ଦ୍ଧାରଣ କାର୍ଯ୍ୟବାହୀ ପ୍ରାରମ୍ଭ କରିବା ନିମିତ୍ତ ପରିସୀମା ।**

73 (କ) ଏହି ଅଧିନିୟମ ଅଧୀନରେ ସମ୍ପଦା ଶୁଳ୍କ ଉଦ୍‌ଗ୍ରହଣ ନିମିତ୍ତ କାର୍ଯ୍ୟବାହୀର ପ୍ରାରମ୍ଭ—

(କ) ପ୍ରଥମ ନିର୍ଦ୍ଧାରଣ କ୍ଷେତ୍ରରେ, ଯେଉଁ ମୃତ ବ୍ୟକ୍ତିଙ୍କ ସଂପତ୍ତି ସମ୍ପର୍କରେ ସଂପଦା ଶୁଳ୍କ ପ୍ରଦେୟ ହୋଇଥାଏ ସେହି ମୃତବ୍ୟକ୍ତିଙ୍କ ମୃତ୍ୟୁ ତାରିଖଠାରୁ ପାଞ୍ଚବର୍ଷ ଅବସିତ ହେବାପରେ ହେବନାହିଁ ; ଏବଂ

(ଖ) ପୁନର୍ନିର୍ଦ୍ଧାରଣ କ୍ଷେତ୍ରରେ, ଏହି ଅଧିନିୟମ ଅଧୀନରେ ସେହି ସଂପତ୍ତିର ସଂପଦା ଶୁଳ୍କର ନିର୍ଦ୍ଧାରଣ ତାରିଖଠାରୁ ତିନିବର୍ଷ ଅବସିତ ହେବା ପରେ ହେବନାହିଁ ।

## ଭାଗ VIII

### ସମ୍ପତ୍ତି ଉପରେ ସମ୍ପଦା ଶୁଳ୍କର ପ୍ରଭାର ଓ ତାହା ଉଠାଇବା ନିମିତ୍ତ ସୁବିଧା

ସଂପଦା ଶୁଳ୍କ ସେଥିନିମିତ୍ତ ଦାୟୀ ସମ୍ପତ୍ତି ଉପରେ ପ୍ରଥମ ପ୍ରଭାର ।

74. (1) ଧାରା 19 ର ଉପବନ୍ଧଗୁଡ଼ିକର ଅଧୀନରେ, ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ ପାରିତ ହେଉଥିବା ସ୍ଥାବର ବା ଅସ୍ଥାବର, ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କ, ଏହି ଅଧିନିୟମର ଭାଗ ଅଧୀନରେ ଅନୁଜ୍ଞେୟ ଋଣ ଓ ଅଭିଭାର ପରେ ଏହି ରୂପେ ପାରିତ ସ୍ଥାବର ସଂପତ୍ତି (କୃଷି ଭୂମି ସମେତ) ତାହା ତାଙ୍କ ମୃତ୍ୟୁରେ ଯାହାଙ୍କଠାରେ ନିହିତ ହୋଇଥାଉ ନା କାହିଁକି, ଉପରେ ଏକ ପ୍ରଥମ ପ୍ରଭାର ହେବ ଏବଂ ସେହି ସଂପତ୍ତିର କୌଣସି ଘରୋଇ ଅନ୍ତରଣ ବା ପରିଦାନ ସେହି ସଂପଦା ଶୁଳ୍କ ସଂପର୍କରେ କୌଣସି ଦାବି ବିରୁଦ୍ଧରେ ଶୂନ୍ୟହେବ ।

(2) ଯେଉଁ ଅସ୍ଥାବର ସଂପତ୍ତି କୌଣସି ମୃତ ବ୍ୟକ୍ତିଙ୍କର ମୃତ୍ୟୁରେ କୌଣସି ବ୍ୟକ୍ତିଙ୍କ (ମୃତ ବ୍ୟକ୍ତିଙ୍କ ବୈଧ ପ୍ରତିନିଧି ଭିନ୍ନ) ପାରିତ ହୁଏ ସେହି ଅସ୍ଥାବର ସଂପତ୍ତିର କୌଣସି ଦଖଲରେ ଥିବା କୌଣସି ଫାଇଦା ପ୍ରଦହିତ ବାବଦ ମୂଲ୍ୟ ଅନୁପାତରେ, ସଂପଦା ଉପରେ ସଂପଦା ଶୁଳ୍କର ଏକ ଆନୁପାତିକ ଭାଗ ସେହି ହିତ ଉପରେ ଏକ ପ୍ରଥମ ପ୍ରଭାର ହେବ :

ପରନ୍ତୁ ସେହି ସଂପତ୍ତି କୌଣସି ସୂଚନା ନ ପାଇ ମୂଲ୍ୟବାନ ପ୍ରତିଫଳ ନିମିତ୍ତ ତା'ର ଜଣେ ସଦ୍‌ଭାବପୂର୍ବକ କ୍ରେତାଙ୍କ ବିରୁଦ୍ଧରେ ପ୍ରଭାର୍ଯ୍ୟ ହେବନାହିଁ ।

(3) ନିୟନ୍ତ୍ରକ, ସେ ଉପଯୁକ୍ତ ମନେ କରିବା ମତେ ପରିସ୍ଥିତିରେ ଓ ସର୍ତ୍ତରେ, ସ୍ଥାବର ବା ଅସ୍ଥାବର, କୌଣସି ସଂପତ୍ତିର ସମଗ୍ର ବା କୌଣସି ଭାଗ ଏହି ଧାରା ଅଧୀନରେ ପ୍ରଭାରରୁ ଛାଡ଼ କରି ପାରିବେ ।

କେତେକ କ୍ଷେତ୍ରରେ ସଂପଦା ଶୁଳ୍କରୁ ଉନ୍ମୋଚନ ।

75. ଧାରା 67 ଅଧୀନରେ ନିୟନ୍ତ୍ରକଙ୍କ ଦ୍ୱାରା ବା ଧାରା 69 ଅଧୀନରେ ବୋର୍ଡ ଦ୍ୱାରା ଦିଆଯାଇଥିବା ଏକ ପ୍ରମାଣପତ୍ର ସେହି ସଂପତ୍ତି ସଂପର୍କରେ ତହିଁରେ ଅନ୍ତର୍ଗତ ସଂପତ୍ତିକୁ ଏବଂ ପ୍ରମାଣପତ୍ର ଗ୍ରହୀତାଙ୍କୁ ସଂପଦା ଶୁଳ୍କ ନିମିତ୍ତ ଅଧିକତର ଦାବିରୁ ଉନ୍ମୋଚିତ କରିବ । ସାରବାନ୍ ତଥ୍ୟ ପ୍ରକାଶ କରିବାରେ କପଟ ବା ଅସଫଳତା କ୍ଷେତ୍ରରେ କୌଣସି ବ୍ୟକ୍ତି ବା ସଂପତ୍ତିକୁ ସଂପଦା ଶୁଳ୍କରୁ ଉନ୍ମୋଚିତ କରିବନାହିଁ ଏବଂ ଯେଉଁ ସଂପତ୍ତି ମୃତ୍ୟୁରେ ପାରିତ ହୋଇଛି ବୋଲି ପରେ ଦର୍ଶିତ ହୋଇଥାଏ ସେହି ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶଲ୍କକୁ ଏବ ପ୍ରମାଣପତ୍ରରେ ଅନ୍ତର୍ଗତ ସଂପତ୍ତି ସଂପର୍କରେ ସେହି କାରଣରୁ ପ୍ରଦେୟ ଅଧିକତର ଶୁଳ୍କକୁ ପ୍ରଭାବଗ୍ରସ୍ତ କରିବନାହି

ପରନ୍ତୁ ପ୍ରମାଣପତ୍ରରେ ଅନ୍ତର୍ଗତ କୌଣସି ସଂପତ୍ତି ସଂପର୍କରେ ପ୍ରଦେୟ ସମଗ୍ର ସଂପଦା ଶୁଳ୍କର ଉନ୍ମୋଚନ ବୋଲି ଯେଉଁ ପ୍ରମାଣପତ୍ରର ତାତ୍ପର୍ଯ୍ୟ ଥାଏ, ସେହି ପ୍ରମାଣପତ୍ର ସେପରି କୌଣସି କପଟତା ବା ଅସଫଳତା ସତ୍ତ୍ୱେ କୌଣସି ସୂଚନା ନ ପାଇ ମୂଲ୍ୟବାନ୍ ପ୍ରତିଫଳ ନିମିତ୍ତ ତାହାର ଜଣେ ସଦ୍‌ଭବପୂର୍ବକ କ୍ରେତାଙ୍କୁ ଶୁଳ୍କରୁ ମୁକ୍ତ କରିବ ।

କେତେକ କ୍ଷେତ୍ରରେ ନ୍ୟାସୀ ଓ ମାଲିକଙ୍କଦ୍ୱାରା ଉତ୍ତରଦାୟୀ ବ୍ୟକ୍ତିଙ୍କୁ ଫେରସ୍ତ ।

76. ଯଦି ଧାରା 83 ଅଧୀନରେ ଜଣେ ଉତ୍ତରଦାୟୀ ବ୍ୟକ୍ତି ତାଙ୍କ ନିକଟକୁ ପାରିତ ହୋଇ ନ ଥିବା କୌଣସି ସଂପତ୍ତି ସଂପର୍କରେ ସଂପଦା ଶୁଳ୍କର କୌଣସି ଭାଗ ଦିଅନ୍ତି, ତାହା ଘଟଣାର ଆବଶ୍ୟକତା ଦୃଷ୍ଟିରୁ, ସଂପତ୍ତିର ନ୍ୟାସୀ ବା ମାଲିକଙ୍କ ଦ୍ୱାରା ତାଙ୍କୁ ଫେରସ୍ତ ଦିଆଯିବ ।

ଶୁଳ୍କ ପ୍ରଦାନ କରିବା କିମ୍ବା ଦିଆସରିଥିବା ପରିମାଣ ଉଠାଇବା ନିମିତ୍ତ ସୁବିଧା ।

77. (1) ଯେଉଁ ବ୍ୟକ୍ତିଙ୍କୁ କୌଣସି ସଂପତ୍ତି ସଂପର୍କରେ ସଂପଦା ଶୁଳ୍କ ପ୍ରଦାନ କରିବାକୁ ପ୍ରାଧିକୃତ ବା ଆବଶ୍ୟକ କରାଯାଇଥିବା, ଶୁଳ୍କ ପ୍ରଦାନ କରିବା ବା ଶୁଳ୍କ ଦିଆସରିଥିଲେ ଶୁଳ୍କ ପରିମାଣ ଉଠାଇବା ଉଦ୍ଦେଶ୍ୟରେ ସେହି ସଂପତ୍ତି ତାଙ୍କଠାରେ ନିହିତ ହୋଇଥାଉ ବା ହୋଇ ନ ଥାଉ ସେହି ବ୍ୟକ୍ତିଙ୍କର, ସେହି ସଂପତ୍ତିର ବା ତାହାର କୌଣସି ଭାଗର ବିକ୍ରୟ ବା ବନ୍ଧକ ବା ତାହା ଉପରେ ଏକ ପର୍ଯ୍ୟବସେୟ ପ୍ରଭାର ଦ୍ୱାରା, ସେହି ଶୁଳ୍କ ପରିମାଣ ଏବଂ ତାହା ସଂପର୍କରେ ସେ ଯେଉଁ ସୁଧ ଦେଇଥାନ୍ତି ବ୍ୟୟ କରିଥାନ୍ତି ତାହା ଉଠାଇବାକୁ, କ୍ଷମତା ରହିବ :

ପରନ୍ତୁ ସେପରି କୌଣସି ବିକ୍ରୟ, ବନ୍ଧକ ବା ପର୍ଯ୍ୟବସେୟ ପ୍ରଭାର ଅଧୀନରେ ପ୍ରଦେୟ ଧନରାଶି (ତହିଁରୁ ଯେଉଁ ଧନରାଶି ବା ତାହାର ଭାଗ ପ୍ରଦେୟ ସଂପଦା ଶୁଳ୍କକୁ ପ୍ରତିନିହିତ କରୁଥାଏ ତାହା) ଯେଉଁ ବ୍ୟକ୍ତିଙ୍କଠାରୁ ସେହି ଧନରାଶି ଉଠାଯାଇଥାଏ ସେହି ବ୍ୟକ୍ତିଙ୍କ ଇଚ୍ଛାକ୍ରମେ ସେହି ଧନରାଶି ଉଠାଉଥିବା ବ୍ୟକ୍ତିଙ୍କୁ ଦିଆ ନ ଯାଇ ନିୟନ୍ତ୍ରକଙ୍କୁ ଦିଆଯାଇପାରେ ।

(2) କୌଣସି ସଂପତ୍ତିରେ ହିତ ଥିବା ଯେଉଁ ବ୍ୟକ୍ତି ସେହି ସଂପତ୍ତି ସଂପର୍କରେ ସଂପଦା ଶୁଳ୍କ ଦିଅନ୍ତି, ସେହି ବ୍ୟକ୍ତି, ସେହି ସଂପତ୍ତି ସଂପର୍କରେ ସଂପଦା ଶୁଳ୍କ ତାଙ୍କଠାରେ ଏକ ବନ୍ଧକ ଦ୍ୱାରା ଉଠାଯାଇଥିବା ପରି ଅନୁରୂପ ପ୍ରଭାରର ହକ୍‌ଦାର ହେବେ ।

(3) ଏକ ବ୍ୟବସ୍ଥାପନରେ ସାମାବିଷ୍ଟ ସଂପତ୍ତିର ବିକ୍ରୟ ଦ୍ୱାରା ଉଦ୍‌ଭୂତ ହୋଇଥିବା କିମ୍ବା ଏକ ବ୍ୟବସ୍ଥାପନର ନ୍ୟାସରେ ନ୍ୟସ୍ତହେବା ନିମିତ୍ତ ନ୍ୟାସରେ ଧାରିତ ହୋଇଥିବା କୌଣସି ଧନ ବ୍ୟବସ୍ଥାପନର ସମାବିଷ୍ଟ ସଂପତ୍ତି ସଂପର୍କରେ ପ୍ରଦେୟ ସଂପଦା ଶୁଳ୍କର ପ୍ରଦାନଲାଗି ବ୍ୟୟିତ ହୋଇପାରେ ଏବଂ ସେହି ନ୍ୟାସ ଦ୍ୱାରା ଧାରିତ ହୋଇପାରେ ।

## ଭାଗ IX

### ବିବିଧ ବିଷୟ

କେତେକ କ୍ଷେତ୍ରରେ ନ୍ୟାୟାଳୟର ଅଧିକାରିତା ବର୍ଜିତ ।

78. ଏହି ଅଧିନିୟମ ଅଧୀନରେ ଅଧିରୋପିତ ସଂପଦା ଶୁଳ୍କ ରଦ୍ଦ ବା ଉପାନ୍ତରିତ କରିବାକୁ କୌଣସି ସିଭିଲ ନ୍ୟାୟାଳୟରେ ବାଦ ଅଣାଯିବ ନାହିଁ ଏବଂ ଏହି ଅଧିନିୟମ ଅଧୀନରେ ସଦ୍‌ଭାବନାରେ କରାଯାଇଥିବା ବା କରାଯିବା ଲାଗି ଅଭିପ୍ରେତ ହୋଇଥିବା କୌଣସି କାର୍ଯ୍ୟ ନିମିତ୍ତ ସରକାରଙ୍କ ବା ସରକାରଙ୍କର କୌଣସି ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଅଭିଯୋଜନ, ବାଦ ବା ଅନ୍ୟ କାର୍ଯ୍ୟବାହୀ ଚଳିବ ନାହିଁ ।

ଶପଥ ପୂର୍ବକ ସାକ୍ଷ୍ୟ ଗ୍ରହଣ ଇତ୍ୟାଦି କ୍ଷମତା ।

79. ମୂଲ୍ୟାଙ୍କକଙ୍କ ଭିନ୍ନ ଧାରା 4 ର ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ପ୍ରତ୍ୟେକ ପ୍ରାଧିକାରୀଙ୍କର ଏକ ବାଦର ବିଚାର ସମୟରେ ନିମ୍ନଲିଖିତ ବିଷୟ ସଂପର୍କରେ ସିଭିଲ ପ୍ରକ୍ରିୟା ସଂହିତା, 1908 ଅଧୀନରେ ନ୍ୟାୟାଳୟଠାରେ ଯେଉଁ କ୍ଷମତା ନିହିତ ହୋଇଛି, ସେହି କ୍ଷମତା ରହିବ, ଅର୍ଥାତ୍:—

(କ) କୌଣସି ବ୍ୟକ୍ତିଙ୍କର ଉପସ୍ଥିତ ବାଧ୍ୟ କରିବା ଏବଂ ତାଙ୍କୁ ଶପଥପୂର୍ବକ ପରୀକ୍ଷା କରିବା;

(ଖ) ଦସ୍ତାବିଜର ଆବିଷ୍କାର ଓ ପେଶ୍ ଲାଗି ଆବଶ୍ୟକ କରିବା;

(ଗ) ଏଫିଡେଭିଟପୂର୍ବକ ସାକ୍ଷ୍ୟ ଗ୍ରହଣ କରିବା;

(ଘ) ସାକ୍ଷୀଙ୍କ ପରୀକ୍ଷା ନିମିତ୍ତ କମିସନ୍ ପଠାଇବା ଏବଂ ଏହି ଅଧିନିୟମ ଅଧୀନରେ ସେପରି କୌଣସି ପ୍ରାଧିକାରୀଙ୍କ ନିକଟରେ କୌଣସି କାର୍ଯ୍ୟବାହୀ ଭାରତୀୟ ଦଣ୍ଡ ସଂହିତାର ଧାରା 193 ଓ 228 ର ଅର୍ଥାନ୍ତର୍ଗତ ଏକ ନ୍ୟାୟିକ କାର୍ଯ୍ୟବାହୀ ହେବ ।

ନିର୍ଦ୍ଧାରଣ ସଂପର୍କରେ ତଥ୍ୟର ଉଦ୍‌ଘାଟନ ।

80. ଯେଉଁଠାରେ ଜଣେ ବ୍ୟକ୍ତି ଏହି ଅଧିନିୟମ ଅଧୀନରେ ହୋଇଥିବା କୌଣସି ନିର୍ଦ୍ଧାରଣ ସଂପର୍କରେ କୌଣସି ତଥ୍ୟ ନିମିତ୍ତ ବିହିତ ଫାରମରେ ନିୟନ୍ତ୍ରକଙ୍କୁ ଆବେଦନ କରନ୍ତି, ସେଠାରେ ନିୟନ୍ତ୍ରକ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ସର୍ବସାଧାରଣ ହିତ ଦୃଷ୍ଟିରୁ ଏହି ରୂପେ କାର୍ଯ୍ୟ କରାଯିବା ଆବଶ୍ୟକ, କେବଳ ସେହି ନିର୍ଦ୍ଧାରଣ ସଂପର୍କରେ ପ୍ରାର୍ଥିତ ତଥ୍ୟ ଦେବେ ବା ଦିଆଇବେ ଏବଂ ଏଥିନିମିତ୍ତ ତାଙ୍କର ବିନିଶ୍ଚୟ ଚୂଡ଼ାନ୍ତ ହେବ ଏବଂ କୌଣସି ନ୍ୟାୟାଳୟରେ ପ୍ରଶ୍ନଭୂତ ହେବନାହିଁ ।

ଉତ୍ତରଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟର ପ୍ରକାଶନ ।

80-କ. (1) ଯଦି କେନ୍ଦ୍ର ସରକାର ମନେକରନ୍ତି ଯେ ଉତ୍ତରଦାୟୀ ବ୍ୟକ୍ତିମାନଙ୍କର ନାମ ଏବଂ ସେହି, ବ୍ୟକ୍ତିମାନଙ୍କ ସଂପର୍କରେ ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀ ସଂପର୍କୀୟ ଅନ୍ୟ ବିଶିଷ୍ଟ ପ୍ରକାଶିତ କରିବା ସର୍ବସାଧାରଣ ହିତ ଦୃଷ୍ଟିରୁ ଆବଶ୍ୟକ ବା ସମୀଚୀନ, ତାହାହେଲେ ସେହି ନାମ ଓ ବିଶିଷ୍ଟ ସେ ଉପଯୁକ୍ତ ମନେକରିବାମତେ ରୀତିରେ ପ୍ରକାଶିତ କରାଇବେ ।

(2) ଏହି ଅଧିନିୟମ ଅଧୀନରେ ଅଧିରୋପିତ କୌଣସି ରୀତିରେ ଅର୍ଥଦଣ୍ଡ ସଂପର୍କରେ ଏହି ଧାରା ଅଧୀନରେ କୌଣସି ପ୍ରକାଶନ, ଅପିଲର ଉପସ୍ଥାପନା ନ ହୋଇ ଅପିଲ ନିୟନ୍ତ୍ରକଙ୍କଠାରେ ଅପିଲ କରାଯିବା ନିମିତ୍ତ ସମୟ ଅବସିତ ହେବା କିମ୍ବା ଅପିଲ କରାଯାଇଥିଲେ ତାହା ଫଇସଲ ହେବା ପର୍ଯ୍ୟନ୍ତ କରାଯିବ ନାହିଁ ।

ତଥ୍ୟ ଯୋଗାଇବା ନିମିତ୍ତ ରାଜ୍ୟଗୁଡ଼ିକ ସହ ବ୍ୟବସ୍ଥା ।

81. କେନ୍ଦ୍ର ସରକାର ଏହି ଅଧିନିୟମ ଅଧୀନରେ କିମ୍ବା କୌଣସି ରାଜ୍ୟରେ ଆପାତତଃ ପ୍ରବର୍ତ୍ତ ଥିବା କୌଣସି ଅନ୍ୟ ବିଧି ଅଧୀନରେ ସମ୍ପଦା ଶୁଳ୍କ ଉଦ୍‌ଗ୍ରହଣ ବା ଆଦାୟ ଉଦ୍ଦେଶ୍ୟରେ ଆବଶ୍ୟକ ହେବାମତେ ତଥ୍ୟର ବିନିୟମ ନିମିତ୍ତ ସେହି ରାଜ୍ୟର ସରକାରଙ୍କ ସହ ବ୍ୟବସ୍ଥା କରିପାରିବେ ।

ସୂଚନାର ଜାରି ।

82. ଏହି ଅଧିନିୟମ ଅଧୀନରେ କୌଣସି ସୂଚନା ବା ଅଧ୍ୟାଚନ ତହିଁରେ ନାମିତ ବ୍ୟକ୍ତିଙ୍କ ଉପରେ ଡାକଯୋଗେ କିମ୍ବା ତାହା ସିଭିଲ ପ୍ରକ୍ରିୟା ସଂହିତା, 1908 ଅଧୀନରେ ଏକ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ସମନ ହୋଇଥିବାପରି ଜାରି କରାଯାଇପାରେ ।

**ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା ହାଜର ହେବା ।**

୪୩. ସଂପଦା ଶୁଳ୍କ ନିମିତ୍ତ ଉତ୍ତରଦାୟୀ ଥିବା ଯେଉଁ ବ୍ୟକ୍ତି ଧାରା 79 ଅଧୀନରେ ଯେବେ ନିଜେ ଉପସ୍ଥିତ ହେବାକୁ ଆବଶ୍ୟକ କରାଯାଏ ତାହା ଭିନ୍ନ, ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀ ସଂପର୍କରେ ଧାରା 4 ର ଉପଧାରା (1) ବିନିର୍ଦ୍ଦିଷ୍ଟ କୌଣସି ପ୍ରାଧିକାରୀଙ୍କ ନିକଟରେ ଉପସ୍ଥିତ ହେବାକୁ ହକ୍‌ଦାର ହୋଇଥାନ୍ତି ବା ତାଙ୍କୁ ଆବଶ୍ୟକ କରାଯାଇଥିବା କିମ୍ବା ସେହି ବ୍ୟକ୍ତି, ତାଙ୍କର ଜଣେ ସଂପର୍କୀୟ ବା ତାଙ୍କଦ୍ୱାରା ନିୟମିତ ଭାବରେ ନିୟୋଜିତ ହୋଇଥିବା କିମ୍ବା ଜଣେ ବିଧି ବ୍ୟବସାୟୀ ବା ଜଣେ ଷ୍ଟାର୍ଡ ଆକାଉଣ୍ଟାଟ କିମ୍ବା ବିହିତ ହେବା ମତେ ଯୋଗ୍ୟତା ଥିବା କୌଣସି ଅନ୍ୟ ବ୍ୟକ୍ତିଙ୍କୁ ଏଥି ନିମିତ୍ତ ତାଙ୍କ ଦ୍ୱାରା ଲିଖିତ ଭାବରେ ପ୍ରାଧିକୃତ ହୋଇଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ହୋଇପାରିବେ ।

ସ୍ପଷ୍ଟୀକରଣ—ଏହି ଧାରାରେ—

(କ) ଉତ୍ତରଦାୟୀ ବ୍ୟକ୍ତିଙ୍କ ଦ୍ୱାରା ନିୟମିତ ଭାବରେ ନିୟୋଜିତ ଜଣେ ବ୍ୟକ୍ତି ଯେଉଁ ଅନୁସୂଚିତ ବ୍ୟାଙ୍କରେ ଉତ୍ତରଦାୟୀ ବ୍ୟକ୍ତିଙ୍କର ଏକ ଚଳୁ ହିସାବ ବା ଅନ୍ୟ ନିୟମିତ କାର୍ଯ୍ୟ ଥାଏ, ସେହି ଅନୁସୂଚିତ ବ୍ୟାଙ୍କର ଜଣେ ଅଧିକାରୀଙ୍କୁ ଅନ୍ତର୍ଗତ କରେ ;

(ଖ) 'ବିଧି ବ୍ୟବସାୟୀ' ଅର୍ଥ କୌଣସି ଉଚ୍ଚ ନ୍ୟାୟାଳୟର ଆଡ୍‌ଭୋକେଟ, ଓକିଲ ବା ଆଟର୍ଣ୍ଣି ଏବଂ ବ୍ୟବସାୟ କରୁଥିବା ଜଣେ ପ୍ଲିଡରଙ୍କୁ ଅନ୍ତର୍ଗତ କରେ;

(ଗ) "ଷ୍ଟାର୍ଡ ଆକାଉଣ୍ଟାଟ" ଅର୍ଥ ଷ୍ଟାର୍ଡ ଆକାଉଣ୍ଟାଟ ଅଧିନିୟମ, 1949 ରେ ପରିଭାଷିତ ଜଣେ ଷ୍ଟାର୍ଡ ଆକାଉଣ୍ଟାଟ ।

**କଂପାନିଗୁଡ଼ିକ ମୃତ ବ୍ୟକ୍ତିଙ୍କ ବିଶିଷ୍ଟ ନିୟନ୍ତ୍ରକଙ୍କୁ ଦେବେ ।**

୪୪. (1) ଯେଉଁଠାରେ କଂପାନି ଅଧିନିୟମ, 1957 ର ଅର୍ଥାନ୍ତର୍ଗତ ଏକ କଂପାନି ତାହାର କୌଣସି ମୁଖ୍ୟ ଅଧିକାରୀଙ୍କ ଜରିଆରେ କଂପାନିର କୌଣସି ସଦସ୍ୟଙ୍କର ବା ଋଣପତ୍ରଧାରୀଙ୍କର ମୃତ୍ୟୁ ବିଷୟ ଜାଣିଥାଏ, ସେଠାରେ ତାହା ମୃତ୍ୟୁ ଖବର ପାଇବାର ତିନି ମାସ ମଧ୍ୟରେ, କଂପାନିରେ ମୃତ ବ୍ୟକ୍ତିଙ୍କର ହିତ ସଂପର୍କରେ ବିହିତ ହେବାମତେ ବିଶିଷ୍ଟ ନିୟନ୍ତ୍ରକଙ୍କୁ ଦେବ ଏବଂ ମୃତ ବ୍ୟକ୍ତିଙ୍କ ନାମରେ ଥିବା କୌଣସି ଅଂଶ ବା ଋଣପତ୍ରର ଅନ୍ତରଣ, ଅନ୍ତରିତୀ ସେହି ଅଂଶ ବା ଋଣପତ୍ର ମୂଲ୍ୟବାନ ପ୍ରତିଫଳ ନିମିତ୍ତ ଅର୍ଜନ କରି ନ ଥିଲେ କିମ୍ବା ସେହି ଅଂଶ ବା ଋଣପତ୍ର ସଂପର୍କରେ ସଂପଦା ଶୁଳ୍କ ଯଥାସ୍ଥିତି, ଦିଆଯାଇଛି କିମ୍ବା ଦିଆଯିବ କିମ୍ବା କିଛି ଶୋଧ୍ୟ ନାହିଁ ବୋଲି ନିୟନ୍ତ୍ରକଙ୍କଠାରୁ ଏକ ପ୍ରମାଣପତ୍ର କଂପାନିରେ ପେଶ୍ କରାଯାଇ ନ ଥିଲେ, ରେଜିଷ୍ଟ୍ରିକୃତ କରିବା କଂପାନି ପକ୍ଷରେ ବିଧିପୂର୍ଣ୍ଣ ହେବ ନାହିଁ ।

(2) ଯେଉଁଠାରେ ଏକ କେନ୍ଦ୍ର, ରାଜ୍ୟ ବା ପ୍ରାଦେଶିକ ଅଧିନିୟମ ଦ୍ୱାରା ସ୍ଥାପିତ ଏକ କର୍ପୋରେସନ ତାହାର କୌଣସି ମୁଖ୍ୟ ଅଧିକାରୀଙ୍କ ଜରିଆରେ ସେହି କର୍ପୋରେସନର ଷ୍ଟକ୍, ଅଂଶ ବା ଅନ୍ୟ ପ୍ରତିଭୂତିର ଜଣେ ରେଜିଷ୍ଟ୍ରିକୃତ ଧାରକ ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ବିଷୟ ଜାଣିଥାଏ, ସେଠାରେ ତାହା ମୃତ୍ୟୁ ଖବର ପାଇବାର ତିନି ମାସ ମଧ୍ୟରେ କର୍ପୋରେସନରେ ମୃତ ବ୍ୟକ୍ତିଙ୍କର ହିତ ସଂପର୍କରେ ବିହିତ ହେବା ମତେ ବିଶିଷ୍ଟ ନିୟନ୍ତ୍ରକଙ୍କୁ ଦେବ ।

(3) ଯେଉଁ କମ୍ପାନି ବା କର୍ପୋରେସନ ଯୁକ୍ତିଯୁକ୍ତ କାରଣ ବ୍ୟତୀତ ଏହି ଧାରାର ଉପବନ୍ଧଗୁଡ଼ିକ ପାଳନ ନ କଲେ ତାହା ଏକ ହଜାର ଟଙ୍କା ଅର୍ଥଦଣ୍ଡ ଦେବାକୁ ଦାୟୀ ହେବ ।

**ବୋର୍ଡର ନିୟମ ପ୍ରଣୟନ କ୍ଷମତା ।**

୪୫. (1) ପୂର୍ବ ପ୍ରକାଶନ ସର୍ତ୍ତର ଅଧ୍ୟଧୀନରେ ଏବଂ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣର ଅଧ୍ୟଧନରେ ଯେଉଁ ସମସ୍ତ ବିଷୟ ବିହିତ କରିବାକୁ ଏହି ଅଧିନିୟମରେ ଆବଶ୍ୟକ କରାଯାଇଥାଏ ବା ଅନୁଜ୍ଞାତ ହୋଇଥାଏ, କିମ୍ବା ଯେଉଁ ସମସ୍ତ ବିଷୟ ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ କାର୍ଯ୍ୟାନ୍ୱିତ କରିବାକୁ କିମ୍ବା ଏହି ଅଧିନିୟମ ପ୍ରଭାବୀ କରିବାକୁ ଆବଶ୍ୟକ ବା ସୁବିଧାଜନକ ହୋଇପାରେ, ବୋର୍ଡ ସେହି ସମସ୍ତ ବିଷୟ ବିହିତ କରି ଏହି ଅଧିନିୟମର ଅସଙ୍ଗତ ହୋଇ ନଥିବା ନିୟମାବଳୀ ପ୍ରଣୟନ କରିପାରିବ ।

(2) ଏହି ଧାରାରେ ନିୟମାବଳୀ ପ୍ରଣୟନ କରିବାକୁ ପ୍ରଦତ୍ତ କ୍ଷମତା, ତାହାର ପ୍ରଥମ ପ୍ରୟୋଗ ସମୟରେ, ଏହି ଅଧିନିୟମର ପ୍ରାରମ୍ଭ ତାରିଖର ପୂର୍ବରୁ ହୋଇ ନ ଥିବା ଏକ ତାରିଖରୁ ନିୟମାବଳୀକୁ ବା ତନ୍ମଧ୍ୟରୁ କୌଣସିଟିକୁ ଭୂତଲକ୍ଷୀ ପ୍ରଭବ ଦେବାକୁ କ୍ଷମତା ଅନ୍ତର୍ଗତ କରିବ ।

(3) ଏହି ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମକୁ ଏହା ପ୍ରଣୀତ ହେବା ପରେ ଯଥାସମ୍ଭବ ଶୀଘ୍ର ସଂପଦ ସତ୍ରରେ ଥିବା ବେଳେ ତାହାର ପ୍ରତ୍ୟେକ ସଦନ ସମକ୍ଷରେ ଗୋଟିଏ ବା ଦୁଇଟି ବା ତତୋଽଧିକ କ୍ରମାଗତ ସତ୍ରରେ ମୋଟ ତିରିଶ ଦିନର କାଳାବଧି ପାଇଁ ଉପସ୍ଥାପିତ କରାଯିବ ଏବଂ ଯଦି ଉପରୋକ୍ତ ସତ୍ର ବା ଅବ୍ୟବହିତ ପରବର୍ତ୍ତୀ ସତ୍ରର ଅବସାନ ପୂର୍ବରୁ ନିୟମରେ କୌଣସି ରୂପଭେଦ ନ କରାଯିବା ନେଇ ଉଭୟ ସଦନ ସହମତ ହୁଅନ୍ତି ବା ଉଭୟ ସଦନ ସହମତ ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ତାହାହେଲେ ତା' ପରେ ସେହି ନିୟମଟି, ଯଥାସ୍ଥିତି, ସେପରି ରୂପଭେଦିତ ରୂପରେ ପ୍ରଭାବୀ ହେବ ବା ପ୍ରଭାବ ଶୂନ୍ୟ ହେବ ଅବଶ୍ୟ ସେପରି ରୂପଭେଦନ ବା ରଦ୍ଦ କରଣ ସେହି ନିୟମ ଅନୁସାରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବିଧିମାନ୍ୟତା ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

# ପ୍ରଥମ ଅନୁସୂଚୀ

(ଧାରା 5 ଦ୍ରଷ୍ଟବ୍ୟ)

**ଯେଉଁ ରାଜ୍ୟଗୁଡ଼ିକରେ କୃଷିଭୂମି ଉପରେ ସଂପଦା ଶୁଳ୍କ ଉଦ୍‌ଗ୍ରହଣଯୋଗ୍ୟ ଅଟେ**

ବଙ୍ଗେ

ମଧ୍ୟ ପ୍ରଦେଶ

ଓଡ଼ିଶା

ପଞ୍ଜାବ

ଉତ୍ତରପ୍ରଦେଶ

ହାଇଦ୍ରାବାଦ

ମଧ୍ୟ ଭାରତ

ରାଜସ୍ଥାନ

ସୌରାଷ୍ଟ୍ର

ସମସ୍ତ ଭାଗ 'ଗ' ରାଜ୍ୟ

ଆସାମ

ବିହାର

ଟ୍ରାଭାଂକୋର-କୋଚିନ୍

ମାଦ୍ରାଜ

ଆନ୍ଧ୍ର

ମହୀଶୂର

ପାତିଆଲ ଓ ପୂର୍ବ ପଞ୍ଜାବ ରାଜ୍ୟ ସମୂହ

# ଦ୍ୱିତୀୟ ଅନୁସୂଚୀ

( ଧାରା 5, 20-କ ଓ 35 ଦ୍ରଷ୍ଟବ୍ୟ )

## ସଂପଦା ଶୁଳ୍କର ହାର

### ଭାଗ I

ଯେଉଁ ସଂପତ୍ତି ମୃତ ବ୍ୟକ୍ତିଙ୍କ ମୃତ୍ୟୁରେ ପାରିତ ହୁଏ ବା ପାରିତ ହୋଇଛି ବୋଲି ବିବେଚିତ ହୋଇଥାଏ ସେହି ସଂପତ୍ତି କ୍ଷେତ୍ରରେ—

| | |
|---|---|
| (1) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ1'50 ରୁ ଅଧିକ ହୋଇ ନ ଥାଏ । | ନାହିଁ |
| (2) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ1'50 ଅଧିକ ହୋଇଥାଏ ମାତ୍ର ଟ 2'00 ରୁ ଅଧିକ ହୋଇ ନ ଥାଏ । | ସଂପଦାର ମୂଳ ମୂଲ୍ୟ ଟ 1,50,000 ରୁ ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 10 ଭାଗ; |
| (3) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ2,00,000ରୁ ଅଧିକ ହୋଇଥାଏ ମାତ୍ର ଟ 3,50,000ରୁ ଅଧିକ ହୋଇ ନ ଥାଏ । | ଟ 5,000 ସହ ସଂପଦାର ମୂଳ ମୂଲ୍ୟ ଟ 2,00,000 ରୁ ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 15 ଭାଗ ; |
| (4) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ3,50,000 ରୁ ଅଧିକ ହୋଇଥାଏ ମାତ୍ର ଟ 5,00,000 ରୁ ଅଧିକ ହୋଇ ନ ଥାଏ । | ଟ 27,500 ସହ ସଂପଦାର ମୂଳ ମୂଲ୍ୟ ଟ 3,50,000 ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 25 ଭାଗ ; |
| (5) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ5,00,000ରୁ ଅଧିକ ହୋଇଥାଏ ମାତ୍ର ଟ 10,00,000ରୁ ଅଧିକ ହୋଇ ନ ଥାଏ । | ଟ 65,000 ସହ ସଂପଦାର ମୂଳ ମୂଲ୍ୟ ଟ 5,00,000 ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 30 ଭାଗ ; |
| (6) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ 10,00,000 ରୁ ଅଧିକ ହୋଇଥାଏ ମାତ୍ର ଟ 15,00,000ରୁ ଅଧିକ ହୋଇ ନ ଥାଏ । | ଟ 2,15,000 ସହ ସଂପଦାର ମୂଳ ମୂଲ୍ୟ 10,00,000 ରୁ ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 40 ଭାଗ ; |
| (7) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ 15,00,000 ରୁ ଅଧିକ ହୋଇଥାଏ ମାତ୍ର ଟ 25,00,000 ରୁ ଅଧିକ ହୋଇ ନ ଥାଏ । | ଟ 4,15,000 ସହ ସଂପଦାର ମୂଳ ମୂଲ୍ୟ ଟ15,00,000 ରୁ ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 50 ଭାଗ ; |
| (8) ଯେଉଁଠାରେ ସଂପଦାର ମୂଳ ମୂଲ୍ୟ ଟ 20,00,000 ରୁ ଅଧିକ ହୋଇଥାଏ । | ଟ 6,65,000 ସହ ସଂପଦାର ମୂଳ ମୂଲ୍ୟ ଟ 20,00,000 ରୁ ଯେଉଁ ପରିମାଣ ଅଧିକ ହୋଇଥାଏ ସେହି ପରିମାଣର ଶତକଡ଼ା 85 ଭାଗ । |

### ଭାଗ II

ଧାରା 20-କ ରେ ଉଲ୍ଲିଖିତ କୌଣସି କଂପାନିରେ ମୃତବ୍ୟକ୍ତିଙ୍କ ଦ୍ୱାରା ଧାରିତ ଅଂଶ ବା ଋଣପତ୍ର କ୍ଷେତ୍ରରେ—

| | |
|---|---|
| (1) ଯଦି ଅଂଶ ବା ଋଣପତ୍ରର ମୂଲ୍ୟ ଟ 5,000 ରୁ ଅଧିକ ହୋଇ ନ ଥାଏ । | ଶୁଳ୍କର ହାର ନାହିଁ । |
| (2) ଯଦି ଅଂଶ ବା ଋଣପତ୍ରର ମୂଲ୍ୟ ଟ 5,000 ରୁ ଅଧିକ ହୋଇଥାଏ । | ଶତକଡ଼ା $7\frac{1}{2}$ ଭାଗ । |